# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-50 ◆WEDNESDAY ◆13 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୫୦ ◆ବୁଧବାର ◆୧୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ସୋନାକ୍ଷୀଙ୍କ ରୌଦ୍ର ରୂପ

▶ପୃଷ୍ଠା 9 ଦେଖନ୍ତୁ...

# 'ଆଧାର' ନାଗରିକତ୍ୱର ପ୍ରମାଣ ନୁହେଁ : ସୁପ୍ରିମକୋର୍ଟ

## ଅଦାଲତ ତର୍ଜମା କରିବେ ନିର୍ବାଚନ କମିଶନଙ୍କ ନାଗରିକତ୍ୱ ନିର୍ଦ୍ଧାରଣ କ୍ଷମତା



■ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ମାମଲାର ଶୁଣାଣି ଆଜି ସୁପ୍ରିମକୋର୍ଟରେ ଆରମ୍ଭ ହୋଇଛି। ଶୁଣାଣି ବେଳେ ଉଭୟ ଆବେଦନକାରୀ ଏବଂ ନିର୍ବାଚନ କମିସନ ସେମାନଙ୍କର ଯୁକ୍ତି ଉପସ୍ଥାପନ କରୁଥିବା ବେଳେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଆଧାର କାର୍ଡକୁ ନାଗରିକତ୍ୱର ପ୍ରମାଣ ରୂପେ ଉପସ୍ଥାପନ କରାଯାଇପାରିବ ନାହିଁ। ତେବେ ନାଗରିକିତ୍ୱ ନିର୍ଦ୍ଧାରଣ ପ୍ରସଙ୍ଗରେ ନିର୍ବାଚନ କମିସନର କ୍ଷମତା ଅଛି କି ନାହିଁ ତାର ତର୍ଜମା କରାଯିବ। କୋର୍ଟ କହିଛନ୍ତି ଯେ ଏସ୍‌ଆଇଆରରେ କୌଣସି ପ୍ରକାର ବେଆଇନ କାମ ହୋଇଥିଲେ ଏହାକୁ ରଦ୍ଦ କରି ଦିଆଯିବ।

ଆଜି ମାମଲାର ଶୁଣାଣି ବେଳେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଭୋଟର ତାଲିକାରେ ନାଗରିକ ଓ ଅଣନାଗରିକମାନଙ୍କ ନାମ ସାମିଲ କରାଯିବା ଓ ବାଦ୍ ଦିଆଯିବାର କ୍ଷମତା କମିସନ ପାଖରେ ରହିଛି। ଆଧାର କାର୍ଡକୁ ନାଗରିକତ୍ୱର ଏକମାତ୍ର ପ୍ରମାଣ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କମିସନଙ୍କ ଯୁକ୍ତି ବି ଠିକ୍। ଆଧାର ଆଇନର ଧାରା ୯ ଅନୁଯାୟୀ ଏହାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ତେବେ ଏସ୍‌ଆଇଆର୍ ବେଳେ କମିସନ ଯେଉଁସବୁ ପ୍ରମାଣପତ୍ର ଲୋଡ଼ିଛନ୍ତି ତାହା ଅଧିକାଂଶ ବିହାର ବାସିନ୍ଦାଙ୍କ ପାଖରେ ନାହିଁ ବୋଲି କୁହାଯାଇପାରିବନାହିଁ। ▶ପୃଷ୍ଠା-୭


# ଏସ୍‌ଆଇଆର୍ ପ୍ରସଙ୍ଗ ଚାଲିପାରୁନି ସଂସଦ

## ବିରୋଧୀଙ୍କ ହଙ୍ଗାମା, ଗୃହରେ ଚିରିଲେ ଏସ୍‌ଆଇଆର୍ କାଗଜ

■ ନୂଆଦିଲ୍ଲୀ, ୧୨।୮: ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସ୍‌ଆଇଆରକୁ ନେଇ ଆଜି ମଧ୍ୟ ସଂସଦ ଅଚଳ ରହିଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ଜିଦ ଧରିଥିବା ବେଳେ ସେମାନଙ୍କୁ ଏଥିପାଇଁ ଅନୁମତି ମିଳୁନାହିଁ। ଫଳରେ ସଂସଦର ଚଳିତ ଅଧିବେଶନ ଦୁଇ ଦିନ ଛାଡ଼ି ଅନ୍ୟସବୁ ଦିନ ଅଚଳ ରହିଛି। ଆଜି ବିରୋଧୀ ଦଳର ସଭ୍ୟମାନେ ଉଭୟ ଗୃହରେ ଏହି ଦାବିରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଗୃହମଧ୍ୟକୁ ଯାଇ ପାଟିତୁଣ୍ଡ କରିଛନ୍ତି। ସ୍ଲୋଗାନବାଜି ମଧ୍ୟ କରିଛନ୍ତି। ପରିସ୍ଥିତି ଅଶାନ୍ତ ରହିବାରୁ ଗୋଟିଏ ଦୁଇଟି ବିଲ୍ ପାସ ହେବାପରେ ସଂସଦକୁ ଆଜି ଦିନ ପାଇଁ ମୁଲତବୀ କରିଦିଆଯାଇଛି।

ଆଜି ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ବିହାର ଭୋଟର ତାଲିକା ଉପରେ ଆଲୋଚନା ପାଇଁ ଦାବି କରିଥିଲେ। ବାଚସ୍ପତି ଅନୁମତି ନଦେବାରୁ ସେମାନେ ଗୃହର ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ। ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ସେମାନେ ଏସ୍‌ଆଇଆର୍ କାଗଜକୁ ଗୃହରେ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ବାଚସ୍ପତିଙ୍କ ଆସନ ଆଡ଼କୁ ଫୋପାଡ଼ିଥିଲେ। ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ମୁଲତବୀ କରାଯାଇଥିଲା। ବୈଠକ ଅପରାହ୍ନ ୪ଟା ୩୦ ମିନିଟରେ ଆରମ୍ଭ ହେବାପରେ ସରକାର ଖଣି ଓ ଖଣିଜ ପଦାର୍ଥ ବିଲ୍ ଆଗତ କରିଥିଲେ ଏବଂ ଏହା ▶ପୃଷ୍ଠା-୭

### ବରଗଡ଼ ଛାତ୍ରୀ ଆତ୍ମାହୁତି ଘଟଣାରେ ନବୀନଙ୍କ କ୍ଷୋଭ



# ବିଜେପି ସରକାରଙ୍କ ସ୍ଥାଣୁତା ଯୋଗୁ ରାଜ୍ୟରେ ଝିଅ ଅସୁରକ୍ଷିତ

> ବ୍ୟବସ୍ଥାର ବିଫଳତା ପାଇଁ ବାରମ୍ବାର ଘଟୁଛି ଏପରି ଘଟଣା
>
> ଏପରି ଧାରାକୁ ରୋକିବା ପାଇଁ ସରକାର କେତେ ସମୟ ନେବେ

■ ଭୁବନେଶ୍ୱର,୧୨।୮ (ସମିସ): ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପନ୍ନ ହୋଇ ପଡ଼ିଥିବା ବେଳେ ଜଣକ ପରେ ଜଣେ ନାବାଳିକା ଓ ଛାତ୍ରୀଙ୍କର ଜୀବନ ନିଆଁର ଆଁରେ ଚାଲିଯାଉଛି। ଏପରି ସ୍ପର୍ଶକାତର ଘଟଣା ରୋକିବା ଦିଗରେ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେଲାଣି। ଏହିକ୍ରମରେ ସୋମବାର ବରଗଡ଼ ଗାଇସିଲଟ ବ୍ଲକର ଫିରିଙ୍ଗିମାଳ ଗାଁରେ ଜଣେ ନାବାଳିକା ପେଟ୍ରୋଲ ଢ଼ାଳି ହୋଇ ନିଜକୁ ଜାଳି ଦେବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ହୃଦୟ ବିଦାରକ ଧାରାକୁ ରୋକିବା ପାଇଁ ବିଜେପି ସରକାର ଆଉ କେତେ ସମୟ ଅପେକ୍ଷା କରିବ? ବିଜେପି ସରକାରର ଏପରି ଅସ୍ୱାଭାବିକ ନୀରବତା ଏବଂ ସ୍ଥାଣୁତା ଓଡ଼ିଶାର ଝିଅମାନଙ୍କୁ ଆହୁରି ଅସୁରକ୍ଷିତ କରିଦେଉଛି କ୍ଷୋଭର ସହ କହିଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ବରଗଡ଼ର ▶ପୃଷ୍ଠା-୭

### କେନ୍ଦ୍ରାପଡ଼ାରେ ଲଜ୍ଜା!

# ଦଶମ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ ରାଜନଗର, ୧୨।୮ (ସମିସ): ରାଜନଗର ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଏକ ଅମାନବୀୟ ଘଟଣା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଠାକୁର ମୂର୍ତ୍ତି କିଣିବାକୁ ନେବା ବାହାନାରେ ଛାତ୍ରୀଙ୍କ ପିଇସା ଓ ଅନ୍ୟ ୪ଜଣ ଯୁବକ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ଦୁଷ୍କର୍ମ କରିଛନ୍ତି। ରାଜନଗର ପୁଲିସ୍ ଏହି ଘଟଣାରେ ୫ଜଣଙ୍କୁ ଉଠାଇ ଆଣିଛି।

> ଅଭିଯୁକ୍ତ ପିଇସାଙ୍କୁ କୋର୍ଟ ଚାଲାଣ; ୪ ଯୁବକ ଅଟକ

ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତ ପିଇସା ଚିତ୍ତରଞ୍ଜନ ମଲ୍ଲିକ ଓରଫ ହାପିଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି ବୋଲି ପୁଲିସ କହିଛି। ଏହି ଘଟଣାରେ ପୁଲିସ୍ ବିଏନ୍‌ଏସ୍ ଦଫା ୭୦(୨) (ଗଣଦୁଷ୍କର୍ମ), ୧୧୫(୨) (ମାରପିଟ୍), ୩୫୧(୩) (ଧମକଚମକ), ୨୦୧୨, ୨୦୧୯ ପୋକ୍ସୋ ଆକ୍ଟ ୬(୧)ରେ ନମ୍ବର ୨୬୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଗତ ଶନିବାର (ରାକ୍ଷୀ ପୂର୍ଣ୍ଣିମା) ଅପରାହ୍ଣ ୫ଟାରେ ନିଜର ପିଇସା ସହ ପୀଡ଼ିତା ଛାତ୍ରୀଜଣଙ୍କ ଖୁଦୁରୁକୁଣୀ ଓଷା ନିମନ୍ତେ ମୂର୍ତ୍ତି ଆଣିବାକୁ ଓଉପଦାକୁ ବାହାରିଥିଲେ। କିନ୍ତୁ ପିଇସା ତାଙ୍କୁ ▶ପୃଷ୍ଠା-୭

### ▶▶ ପରକୀୟା ପ୍ରୀତି ସନ୍ଦେହ

# ସ୍ତ୍ରୀକୁ ପିଟିପିଟି ହତ୍ୟା



■ମହୁଲଡିହା / ଠାକୁରମୁଣ୍ଡା, ୧୨।୮ (ସମିସ): ମହୁଲଡିହା ଥାନା ଅଧୀନ ଚମ୍ପାଝର ପଞ୍ଚାୟତ ଅଫିସ୍ ନିକଟ ଶିବମନ୍ଦିର ପଛପଟେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପରକୀୟା ପ୍ରୀତି ସନ୍ଦେହରେ ଜଣେ ଯୁବକ ନିଜ ସ୍ତ୍ରୀକୁ ପିଟି ପିଟି ହତ୍ୟା କରିଛି। ମୃତ ମହିଳାଜଣଙ୍କ ହେଲେ, ଚମ୍ପାଝର ଗ୍ରାମର ସଲିତା ହୋ। ପୁଲିସ ଅଭିଯୁକ୍ତ ସ୍ୱାମୀ ଉଦୟ ହୋ (୫୦) କୁ ଗିରଫ କରିବା ସହିତ ଲୁହାରଡ୍ ଓ କାଠଫାଳିଆ ଜବତ କରିଛି।

ସୂଚନା ଅନୁସାରେ, ଉଦୟ କେନ୍ଦୁଝର ଜିଲ୍ଲା ଯୋଡ଼ାରେ ରହି ଟ୍ରକ୍ ଚାଳକ ଭାବେ କାମ କରେ। କିଛି ଦିନ ତଳେ ସେ ଗ୍ରାମକୁ ଆସିଥିଲା। ସୋମବାର ଅପରାହ୍‌ଣରେ ଉଦୟ ମଦ ପିଇ ସଲିତାଙ୍କ ସହ ଝଗଡ଼ା କରିଥିଲା। ଅନ୍ୟ ଯୁବକ ସହ ପରକୀୟା ପ୍ରୀତି ଥିବା ସନ୍ଦେହ କରି ଏକ ଲୁହାରଡ୍ ଏବଂ ପ୍ଲାଷ୍ଟିକ ପାଇପ୍‌ରେ ସେ ସଲିତାଙ୍କ ମୁଣ୍ଡକୁ ପିଟି ଦେଇଥିଲା। ▶ପୃଷ୍ଠା-୭




ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

# ବିଶ୍ୱ ଅଙ୍ଗଦାନ ଦିବସ



କଥାରେ ଅଛି ଅଙ୍ଗଦାନ, ମହତ ଦାନ। କାହାର ଆଖି, ଆଉ କାହାକୁ ଦେଖାଇପାରେ ଦୁନିଆ। କାହାର ଅଙ୍ଗ ଆଉ କାହାର ଜୀବନ ବଞ୍ଚାଇପାରେ। ଅଙ୍ଗଦାନ ସମ୍ପର୍କରେ ସଚେତନା ସୃଷ୍ଟି କରିବା ଏବଂ ଅଙ୍ଗଦାନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରି ଅନ୍ୟର ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖକୁ 'ବିଶ୍ୱ ଅଙ୍ଗଦାନ ଦିବସ' ଭାବେ ପାଳନ କରାଯାଉଛି। ରକ୍ତ ଦାନ ପରେ ଅଙ୍ଗ ଦାନ ସବୁଠାରୁ ବଡ଼ ଦାନ ଭାବରେ ବିବେଚନା କରାଯାଏ। ତେବେ ଅଙ୍ଗଦାନକୁ ନେଇ ଲୋକଙ୍କ ମଧ୍ୟରେ ଥିବା ଭ୍ରାନ୍ତଧାରଣାକୁ ଦୂର କରିବା ହେଉଛି ଏହି ଦିବସର ଲକ୍ଷ୍ୟ। ଦାନ କରାଯାଇଥିବା ଅଙ୍ଗ ଜଣଙ୍କ ଜୀବନ ବଞ୍ଚାଇଥାଏ। ଯଦିଓ ୧୮ରୁ ୬୫ ବର୍ଷ ବୟସ୍କ ସୁସ୍ଥଲୋକ ଅଙ୍ଗଦାନ କରିପାରିବେ, ତଥାପି ଅଙ୍ଗଦାନ କରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଆବଶ୍ୟକ। ସେହିପରି କ୍ୟାନସର, ଏଚ୍‌ଆଇଭି ଏବଂ ହୃଦ୍‌ରୋଗରେ ପୀଡ଼ିତ ଲୋକ ଅଙ୍ଗଦାନ କରିପାରିବେ ନାହିଁ। ଅଙ୍ଗଦାନ ଦୁଇ ପ୍ରକାରର। ଗୋଟିଏ ଅଙ୍ଗଦାନ ଏବଂ ଦ୍ୱିତୀୟଟି ଟିସୁ ଦାନ। ତେବେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ହିଁ ଅଙ୍ଗଦାନ କରାଯାଇଥାଏ। କିନ୍ତୁ କିଛି ଅଙ୍ଗଦାନ ଏବଂ ଟିସୁଦାନ ଜୀବିତ ରହି ମଧ୍ୟ କରାଯାଇଥାଏ। ଯକୃତ, ଅଗ୍ନାଶୟ, ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ଭଳି ଆଦି ଅଙ୍ଗ ଦାନ କରାଯାଇଥାଏ। ସେହିଭଳି ଆଖି, ଚର୍ମ ହାଡ଼, ମସ୍ତିଷ୍କ, କାନ ପରଦା, କାନ ହାଡ଼ ଆଦିର ଟିସୁ ଦାନ କରାଯାଏ। ପ୍ରଥମେ ଏହି ଦିବସକୁ ୨୦୦୫ ମସିହାରେ ପାଳନ କରାଯାଇଥିଲା। ସେହିଭଳି ପ୍ରଥମଥର ପାଇଁ ୧୯୫୪ ମସିହାରେ ଆମେରିକାର ସଫଳ ଅଙ୍ଗ ପ୍ରତ୍ୟାରୋପଣ ହୋଇଥିଲା। ରୋନାଲ୍ଡ ଲି ହେରିକ୍ ନାମକ ଜଣେ ବ୍ୟକ୍ତି ତାଙ୍କର ଯାଆଁଳା ଭାଇକୁ ତାଙ୍କ ବୃକକ ଦାନ କରିଥିଲେ। ଏହି କାର୍ଯ୍ୟକୁ ସଫଳ କରିଥିବା ଫିଜିଓଲୋଜି ଏବଂ ମେଡିସିନ ବିଭାଗର ଡାକ୍ତର ଜୋସେଫ ମୁରେଙ୍କୁ ୧୯୯୦ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମା'ର ଦାୟିତ୍ୱ ତୁଲାଉଛି ଏଆଇ

ଦିନକୁ ଦିନ ଟେକ୍ନୋଲୋଜିର ଦ୍ରୁତ ବିକାଶ ମଣିଷ ଜୀବନକୁ ସହଜ କରୁଛି। ଏହି କ୍ରମରେ ଜଣେ ମହିଳା ନିଜ ପିଲା ପାଇଁ ଏଆଇକୁ ଦ୍ୱିତୀୟ ମା' ଭାବେ ଘୋଷଣା କରିଛନ୍ତି। ମହିଳା ଜଣକ ଟେକ୍ନୋଲୋଜିକୁ ବେଶ୍ ଅଦ୍ଭୁତ ଭାବେ ବ୍ୟବହାର କରିଥିବା ଦେଖାଯାଇଛି। ସେ ଚାଟ୍‌ଜିପିଟିକୁ ନିଜର କୋ-ପ୍ୟାରେଣ୍ଟ କରିଛନ୍ତି। ସୁଇଜରଲ୍ୟାଣ୍ଡର ୩୩ ବର୍ଷୀୟା ଲିଲିୟନ ଶ୍ମିଟ୍ କର୍ପୋରେଟ୍ ବ୍ରାଣ୍ଡ ଷ୍ଟ୍ରାଟେଜିଷ୍ଟ ଭାବେ କାର୍ଯ୍ୟ କରନ୍ତି। ତାଙ୍କର ତିନି ବର୍ଷ ବୟସର ଝିଅ ଓ ୧୪ ବର୍ଷ ବୟସ ପୁଅଟିଏ ଅଛନ୍ତି। ଚାକିରି ସାଙ୍ଗକୁ ପିଲାଙ୍କ ଦାୟିତ୍ୱ ଯୋଗୁ ସେ ସବୁଦିନ ଥକ୍କାପଣ ଓ ମାନସିକ ଅଶାନ୍ତିକୁ ନେଇ ଚିନ୍ତାରେ ରହୁଥିଲେ। ଏଭଳି ସ୍ଥିତିରେ ସେ ଟେକ୍ନୋଲୋଜିର ସାହାଯ୍ୟ ନେବା ପାଇଁ ନିଷ୍ପତ୍ତି ନେଲେ। ଏ ଲାଗି ଚାଟ୍‌ଜିପିଟିକୁ ସେ ଏମିତି ଭାବେ ତାଲିମ ଦେଲେ ଯେ, ଯେମିତି ସେ ପିଲା ଦୁହିଁଙ୍କର ଦ୍ୱିତୀୟ ମା' ଭାବେ କାର୍ଯ୍ୟ କରିବ। ଚାଟ୍ ଜିପିଟିକୁ ସେ ପିଲାଙ୍କ ସଫିଂ, ଖାଦ୍ୟ ତାଲିକା ପ୍ରସ୍ତୁତ କରିବା ଜନ୍ମଦିନ ଓ ଛୁଟି ଯୋଜନା ସମେତ ଶୋଇବା ସମୟର ତାଲିକା ପ୍ରସ୍ତୁତ କରିବାକୁ କହି ସେ ତାଙ୍କ କାମକୁ ସହଜ କରିବାକୁ ଚାହିଁଲେ। ଅବଶ୍ୟ ଲିଲିୟନ୍ ଏହାର ଉପଯୋଗ ଜଣେ ଭଲ ମା' ହେବା ଲାଗି କରୁଥିବା କହିଛନ୍ତି। ତେବେ ତାଙ୍କ ପରି ଅନେକ ବାପା, ମାଆ ମାନସିକ, ଶାରୀରିକ ଏବଂ ଭାବନାତ୍ମକ ଥକ୍କାପଣକୁ ନେଇ ଚିନ୍ତିତ ଅଛନ୍ତି। ଓହିଓ ଷ୍ଟେଟ୍ ୟୁନିଭର୍ସିଟିର ଏକ ଅଧ୍ୟୟନ ଅନୁସାରେ, ଆମେରିକାରେ ୫୭ ପ୍ରତିଶତ ଅଭିଭାବକ ଏଭଳି ସ୍ଥିତିକୁ ସାମ୍ନା କରୁଛନ୍ତି। ତେବେ ଲିଲିୟନ କେବେ ବି ଚାଟ୍‌ଜିପିଟି ମାଧ୍ୟମରେ ନିଷ୍ପତ୍ତି ନେଇ ନ ଥାନ୍ତି, ବରଂ ଏହାଠାରୁ ପରାମର୍ଶ ନିଅନ୍ତି। ଗତ ଫେବୃଆରୀ ମାସରୁ ସେ ଚାଟ୍‌ଜିପିଟିର ସାହାଯ୍ୟ ନେବା ଆରମ୍ଭ କଲେ। ହେଲେ ତାଙ୍କୁ ପ୍ରାରମ୍ଭିକ ପରାମର୍ଶଗୁଡ଼ିକ ସେତେ ବେଶି ଠିକ୍ ଲାଗିଲା ନାହିଁ। ତା'ପରେ ଲିଲିୟନ ଏକ କଷ୍ଟମ୍ ବଟ୍ ତିଆରି କରିବା ଶିଖିଲେ। ଏହା ତାଙ୍କ ଚିନ୍ତାଧାରା ଅନୁସାରେ ପ୍ରତିକ୍ରିୟା ଦିଏ। ସେହିପରି ଲିଲିୟନ କେତେବେଳେ ଏହାକୁ ଛୋଟ ପିଲାର ପ୍ରଶିକ୍ଷକ ଭାବେ ଓ ଆଉ କେତେବେଳେ ନ୍ୟୁଟ୍ରିସନିଷ୍ଟ ଭାବେ ବ୍ୟବହାର କରିଥାନ୍ତି। ଏଆଇକୁ ସେ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତିଠୁ ଆରମ୍ଭ କରି ଶୋଇବା ରୁଟିନ୍‌ରେ ଗାଇଡ୍ କରିବା ନେଇ ପ୍ରଶ୍ନ କରନ୍ତି ଏବଂ ଚାଟ୍‌ଜିପିଟି ଏହାର ସମାଧାନ ମଧ୍ୟ କରୁଥିବା ସେ କହିଛନ୍ତି।



## ଆଜିର ଇତିହାସ

- ୧୭୪୫- ସ୍ୱିଡେନ ଓ ଡେନମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୭୯୫- ମହାରାଣୀ ଅହଲ୍ୟାବାଇ ହୋଲକରଙ୍କ ପରଲୋକ।
- ୧୯୩୬- ଭାରତୀୟ ମହିଳା କ୍ରାନ୍ତିକାରୀ ଭିକାଜି କାମାଙ୍କ ପରଲୋକ।
- ୧୯୫୬- ଲୋକସଭାରେ ରାଷ୍ଟ୍ରୀୟ ରାଜମାର୍ଗ ବିଧେୟକ ପାରିତ ହେଲା।
- ୨୦୦୪- ଏଥେନ୍ସରେ ୨୮ତମ ଅଲିମ୍ପିକ ଖେଳ ଆରମ୍ଭ।



# ସୋନାକ୍ଷୀଙ୍କ ରୌଦ୍ର ରୂପ

ନିକଟରେ ତେଲୁଗୁ ସୁପର୍ ନାଚୁ୍ୟରାଲ ଆକ୍ସନ୍ ଥ୍ରିଲର୍ ଫିଲ୍ମ 'ଜଟାଧାରା'ର ଟିଜର୍ ଜାରି ହୋଇଛି। ଏହି ଫିଲ୍ମ ମାଧ୍ୟମରେ ସୋନାକ୍ଷୀ ସିହ୍ନା ପ୍ରଥମଥର ପାଇଁ ତେଲୁଗୁ ସିନେମାରେ ପାଦ ରଖିଛନ୍ତି। ଏଥିରେ ସୋନାକ୍ଷୀ ଏବଂ ସୁଧୀର ବାବୁ ମୁଖ୍ୟ ଚରିତ୍ରରେ ନଜର ଆସିବେ। ୧ ମିନିଟ୍ ୧୨ ସେକେଣ୍ଡର ଏହି ଟିଜର୍‌ରେ ସୁଧୀର ବାବୁ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିଛନ୍ତି। ସେହିଭଳି ସୋନାକ୍ଷୀ ଏକ ସୁନା ଭଣ୍ଡାରର ରାକ୍ଷସୀ ରକ୍ଷକ ଭାବେ ଦେଖାଯାଇଛନ୍ତି। ଟିଜର୍‌ରେ ଉଭୟଙ୍କ ମଧ୍ୟରେ ଏକ ଶକ୍ତ ମୁକାବିଲା ହେବାକୁ ଯାଉଛି ବୋଲି ସଙ୍କେତ ମିଳିଛି। ଏଥିରେ ସୋନାକ୍ଷୀଙ୍କ ଲୁକ୍‌କୁ ଦର୍ଶକେ ପସନ୍ଦ କରିଛନ୍ତି। ଭାରି ଗହଣା ସହ ମଥାରେ ବିନ୍ଦି ଓ ଆଖିରେ କଜଳ ଲଗାଇ ସୋନାକ୍ଷୀ ରୌଦ୍ର ଅବତାରରେ ଦେଖାଯାଇଛନ୍ତି। କହିବାକୁ ଗଲେ ଏହି ସିନେମାରେ ସୋନାକ୍ଷୀଙ୍କୁ ସମ୍ପୂର୍ଣ୍ଣ ଅଲଗା ରୂପରେ ଦେଖିବାକୁ ମିଳିବ। ଅଭିଷେକ ଜଏସୱାଲ ଓ ଭେଙ୍କଟ କଲ୍ୟାଣଙ୍କ ନିର୍ଦ୍ଦେଶିତ ଏହି ସିନେମାକୁ ତେଲୁଗୁ ସିନେମା ଇଣ୍ଡଷ୍ଟ୍ରୀର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି।


# ଶରୀର ଥଣ୍ଡା ପାଇଁ ପାଣିକଖାରୁ ଆଲିଙ୍ଗନ

ଅସହ୍ୟ ଗରମରୁ ରକ୍ଷା ପାଇବାକୁ ଲୋକେ ବିଭିନ୍ନ ଉପାୟ ଆପଣାନ୍ତି। ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଲୋକେ ଏସି, କୁଲର ନଚେତ୍ ପଙ୍ଖାର ବନ୍ଦୋବସ୍ତ କରିଥାନ୍ତି। ଏବେ ଚୀନ୍‌ର ଲୋକେ ଅସହ୍ୟ ଗରମରୁ ଶରୀରକୁ ଥଣ୍ଡା ରଖିବାକୁ ଏକ ଭିନ୍ନ ଉପାୟ ଖୋଜିଛନ୍ତି। ଶରୀରକୁ ଥଣ୍ଡା ରଖିବା ଉଦ୍ଦେଶ୍ୟରେ ଏଠାକାର କୁନି କୁନି ପିଲାମାନେ ଏବଂ ପୋଷାଜୀବମାନେ ବଡ଼ ବଡ଼ ପାଣି କଖାରୁକୁ ଧରି ଶୋଉଛନ୍ତି। ଉତ୍ତରଚୀନ୍, ତିୟାନଜିନ୍ ନଗର ପାଳିକା ନିବାସୀ ଲୋଙ୍ଗମା ଏହି ଟ୍ରେଣ୍ଡ ପ୍ରଥମେ ଆରମ୍ଭ କରିଥିବା ସେ ଦାବି କରନ୍ତି। ଲୋଙ୍ଗମା ନିଜ ସନ୍ତାନ ପାଇଁ ୧୪ କେଜି ଓଜନର ଧଳା କଖାରୁ କିଣିଥିଲେ। ତାଙ୍କ ପିଲା ପାଣି କଖାରୁକୁ ଆଲିଙ୍ଗନ କରି ଶୋଇବା ଦ୍ୱାରା ଅଧିକ ଗରମ ଅନୁଭବ କରିପାରିନଥିବା ସେ କହିଥିଲେ। ଏନେଇ ଲୋଙ୍ଗମା କୁହନ୍ତି, 'ସେ ତାଙ୍କ ପିଲାକୁ ଥଣ୍ଡା-ଜ୍ୱରରୁ ସୁରକ୍ଷିତ ରହିବା ପାଇଁ ଘରେ ଏସି ବ୍ୟବହାର କରୁ ନ ଥିଲେ। ଏହା ବଦଳରେ ପାଣିକଖାରୁକୁ ଆଲିଙ୍ଗନ କରିବାର ପୁରୁଣା ପରମ୍ପରାକୁ ଆପଣାଇବାକୁ ସେ ସ୍ଥିର କରିଥିଲେ। ସାଧାରଣତଃ ପାଣିକଖାରୁରେ ୯୫ ପ୍ରତିଶତ ପାଣି ଥାଏ। ଏହା ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ।' ସେହିପରି ପାରମ୍ପରିକ ଚୀନା ଚିକିତ୍ସା ପଦ୍ଧତି (ଟିଏମ୍‌ସି)ରେ ଶରୀରକୁ ଗରମରୁ ଥଣ୍ଡା ପ୍ରଦାନ ରଖିବାକୁ ପାଣି କଖାରୁ ଚୋପା ଖାଇବାକୁ ପରାମର୍ଶ ଦିଆଯାଏ। ଏହା ଗର୍ଭବତୀ ମହିଳା, ପିଲା ଏବଂ ବୟସ୍କଙ୍କ ପାଇଁ ସବୁଠୁ ଭଲ ବିକଳ୍ପ ବୋଲି ମଧ୍ୟ କୁହାଯାଏ। ସାମାଜିକ ଗଣମାଧ୍ୟମରେ ଏହି ଟ୍ରେଣ୍ଡକୁ ନେଇ ଚର୍ଚ୍ଚା ଲାଗିଥିବାବେଳେ କୁନି କୁନି ପିଲାମାନେ ପାଣିକଖାରୁକୁ ଆଲିଙ୍ଗନ କରି ଶୋଉଥିବାର ଫଟୋଗୁଡ଼ିକ ସେୟାର କରାଯାଉଛି। ୨୭ ଦିନ ପରେ ବି ପାଣିକଖାରୁ ଥଣ୍ଡା ପ୍ରଦାନ କରୁଥିବା କଥା ସ୍ଥାନୀୟ ଲୋକେ କହୁଛନ୍ତି। ଅନ୍ୟପଟେ ଡାକ୍ତର ପରାମର୍ଶ ଦିଅନ୍ତି, ଯେଉଁମାନଙ୍କର ପାଚନତନ୍ତ୍ର ଦୁର୍ବଳ ରହିଛି ସେମାନେ ଦୀର୍ଘ ସମୟ ଧରି ପାଣିକଖାରୁକୁ ଆଲିଙ୍ଗନ କରି ଶୋଇବା ଅନୁଚିତ। ଏପରି କରିବା ଦ୍ୱାରା ପେଟ ଯନ୍ତ୍ରଣା କିମ୍ବା ପତଳାଝାଡ଼ା ହେବାର ଆଶଙ୍କା ବୃଦ୍ଧି ପାଏ।



# କଫିରେ କ୍ଷୀର ନୁହେଁ ମିଶାଯାଏ ପନିର

ଅନେକ ଲୋକ ସକାଳୁ ଉଠିବା ମାତ୍ରେ କଫି ପିଇବାକୁ ପସନ୍ଦ କରନ୍ତି। କିଛି ଲୋକ ଚିନି ଯୁକ୍ତ କଫି ପିଇବାକୁ ପସନ୍ଦ କରୁଥିବା ବେଳେ ଆଉ କିଛି ଜଣ ବିନା ଚିନିର କଫି ପିଇବାକୁ ଭଲ ପାଆନ୍ତି। ସେହିଭଳି କିଛି ଲୋକ ଗରମ କଫି ପସନ୍ଦ କରୁଥିବାବେଳେ ଆଉ କିଛି କୋଲ୍ଡ କଫି ପିଇଥାନ୍ତି। କଫିରେ ଅଳ୍ପ ମାତ୍ରାର କ୍ଷୀର କିମ୍ବା କ୍ରିମ୍ ମିଶାଇ ପିଇବା ସାଧାରଣ କଥା। ହେଲେ ବିଶ୍ୱର ଏମିତି ଏକ ସ୍ଥାନ ରହିଛି ଯେଉଁଠି ଲୋକେ କଫିରେ ପନିର ପକାଇ ପିଇବାକୁ ଅଧିକ ପସନ୍ଦ କରନ୍ତି। ଉତ୍ତର ସ୍ୱିଡେନରେ ଲୋକମାନେ କଫିରେ ପନିର ପକାଇ ପିଇଥାନ୍ତି। ଏହି କଫି 'କାଫେଓଷ୍ଟ' ନାଁରେ ପରିଚିତ। ଏଥିରେ ଗରମ ପାଣିରେ ଏକ ସ୍ୱତନ୍ତ୍ର ଧରଣର ପନିରକୁ ମିଶା ଯାଇଥାଏ। ଏହି ପନିରକୁ ସ୍ଥାନୀୟ ଭାଷାରେ ଲେଇପାଜୁସ୍ତୋ କୁହାଯାଏ। ସେହିଭଳି ଏହି ପନିର୍ ଅଧିକ ସ୍ପଞ୍ଜି ହେବା ସହ ଅଧିକ ମିଠା ମଧ୍ୟ ହୋଇଥାଏ। ତେଣୁ ଏଥିରେ ଗରମ କଫି ଢାଳିଲେ ଏଥିରେ କ୍ରିମ୍, କ୍ଷୀର ଓ ଚିନି ମିଶାଇବା ଭଳି ଲାଗେ। ସେହିଭଳି ଏହା ଅଧିକ ମିଠା ଲାଗୁଥିବାରୁ ଅଧିକ ଲୋକ ଏହାକୁ ପସନ୍ଦ କରନ୍ତିନି। କଫି ପ୍ରେମୀ କିନ୍ତୁ ଏହି କଫିର ସ୍ୱାଦ ଚାଖିବାକୁ କେବେ ବି ଭୁଲନ୍ତିନି। ଏହି କଫି ପିଇବା ଦ୍ୱାରା ଶରୀରରେ ସୋଡିୟମ୍ ଅଭାବ ଦୂର ହୋଇଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହା ଶରୀରକୁ ଗରମ ମଧ୍ୟ ରଖିଥାଏ। ତେଣୁ ଶୀତଦିନେ ଏଠାକାର ଲୋକେ ଏହି କଫି ପିଇବାକୁ ଅଧିକ ପସନ୍ଦ କରନ୍ତି।



# ୫ଜି ସମୟରେ ରେଡିଓ ପ୍ରେମ

ଆଜିର ସ୍ମାର୍ଟଫୋନ୍ ଜମାନାରେ ଟେଲିଭିଜନ ଓ ରେଡିଓର ଲୋକପ୍ରିୟତା ପୂର୍ବାପେକ୍ଷା ହ୍ରାସ ପାଇଛି। ହେଲେ ଏଥିରୁ ବ୍ୟତିକ୍ରମ ଛତିଶଗଡ଼ ରାୟପୁର ଆଦର୍ଶନଗରର ବିଜୁ ତାଣ୍ଡି। ସେ ତିନି ଦଶନ୍ଧି ହେଲାଣି ନିୟମିତ ରେଡିଓ ଶୁଣି ଆସୁଛନ୍ତି। ବିଜୁଙ୍କର ଏକ ସାଇକଲ ମରାମତି ଦୋକାନ ଅଛି। ଏବର ଡିଜିଟାଲ ଯୁଗରେ ସେ ରେଡିଓକୁ ସୂଚନା ଏବଂ ମନୋରଞ୍ଜନର ମାଧ୍ୟମ କରିଛନ୍ତି। ତାଙ୍କ କହିବାନୁଯାୟୀ, ସେ ପଢ଼ାଲେଖା ଜାଣି ନ ଥିଲେ ମଧ୍ୟ, ରେଡିଓ ତାଙ୍କୁ ସବୁ ପ୍ରକାର ସୂଚନା ପ୍ରଦାନ କରିବାରେ ସହାୟକ ହୋଇଛି। ରେଡିଓରେ ପ୍ରସାରିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମଗୁଡ଼ିକ ତାଙ୍କ ମୁହଁରେ ରହିଛି। ତାଙ୍କ ଦିନର ଆରମ୍ଭ ରେଡିଓରେ ପ୍ରସାରିତ କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍'ରୁ ହୋଇଥାଏ। ଏହାପରେ ସେ ସକାଳ ସାଢ଼େ ଛଅଟା ଯାଏ ଭଜନ ଶୁଣନ୍ତି। ପରେ ପରେ 'ଆଜ୍ କା ଚିନ୍ତନ', 'ମାନସ କାଣ୍ଡ', ଏବଂ 'କୃଷି ଚର୍ଚ୍ଚା' ଭଳି କାର୍ଯ୍ୟକ୍ରମ ଶୁଣନ୍ତି। ସେହିପରି ସକାଳ ୭-୮ଟା ମଧ୍ୟରେ ପ୍ରସାରିତ ହେଉଥିବା 'ନମସ୍କାର ରାୟପୁର' କାର୍ଯ୍ୟକ୍ରମ ବିଜୁଙ୍କର ସବୁଠୁ ପ୍ରିୟ କାର୍ଯ୍ୟକ୍ରମ। ଏନେଇ ବିଜୁଙ୍କ କହିବା କଥା, 'ଏହି କାର୍ଯ୍ୟକ୍ରମରେ ରାୟପୁରର ତାଜା ଖବର, ବିଭିନ୍ନ ସାମଜିକ କାର୍ଯ୍ୟ ସମେତ ଅନେକ ଶିକ୍ଷଣୀୟ କଥା ଶୁଣିବାକୁ ଓ ଜାଣିବାକୁ ମିଳିଥାଏ। ରେଡିଓ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଦେଶବିଦେଶରେ ହେଉଥିବା ଘଟଣା ସାଥିରେ ଲୋକଙ୍କୁ ଯୋଡ଼ି ରଖିଥାଏ।' ସେହିପରି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ 'ମନ୍ କି ବାତ୍' କୁ ସବୁବେଳେ ଶୁଣିଥାନ୍ତି। ଏହାଦ୍ୱାରା ସେ ଦେଶରେ ହେଉଥିବା ପରିବର୍ତ୍ତନ ଓ ଯୋଜନା ବିଷୟରେ ଜାଣିଥାନ୍ତି ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, 'ରେଡିଓ ଶୁଣି ଶୁଣି ସେ ଏତେ ଜିନିଷ ଜାଣିଛନ୍ତି, ଯାହା ଜଣେ ପାଠୁଆ ଲୋକ ବି ଜାଣି ନଥିବେ।' ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ, ରେଡିଓର ସୂଚନାର ସରଳତା, ଘନିଷ୍ଠତା ଏବଂ ନିର୍ଭରଯୋଗ୍ୟତା ଏହାକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ ବୋଲି ଏହାକୁ ପ୍ରମାଣିତ କରିଛନ୍ତି ବିଜୁତାଣ୍ଡି।



## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂର ଯାତ୍ରା ଯୋଗ ରହିଛି। ପୁରୁଣା ସମସ୍ୟାର ସମାଧାନ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେଇପାରେ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ। ଚିନ୍ତାମୁକ୍ତ ରହିବେ। ଅଚାନକ ଖୁସି ଖବର ମିଳିବ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ ବିତିବ। ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ। ପରିବାର ସହିତ ସମ୍ପର୍କ ମଧୁର ହେବ। କୋର୍ଟ କଚେରି ମାମଲାର ଶୁଣାଣି ହୋଇପାରେ।

**ବିଛା:** ସମସ୍ୟାକୁ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ମନ ଉଦାସ ରହିବ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ। କ୍ୟାରିୟରରେ ଉନ୍ନତି ହେବ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ବିଦ୍ୟାର୍ଥୀଙ୍କୁ ଶୁଭ ଖବର ମିଳିପାରେ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଜମି କ୍ରୟଯୋଗ ରହିଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ ନାହିଁ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିପାରେ। ନୂତନ ପ୍ରୋଜେକ୍ଟରେ ସଫଳତା ମିଳିବ। ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ। ଭାବି ଚିନ୍ତି ନିଷ୍ପତ୍ତି ନେବା ଭଲ।

## ସାକାର ହେବ ନବୀନଙ୍କ ପ୍ରୟାସ

# ଓଡ଼ିଶାରେ ପ୍ରତିଷ୍ଠା ହେବ ୨ ସେମିକଣ୍ଡକ୍ଟର କେନ୍ଦ୍ର

- କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
- ଇନଫୋଭ୍ୟାଲିରେ ସିକସେମ୍ ଉତ୍ପାଦନ କରିବ ସିଲିକନ କାର୍ବାଇଡ୍
- ଦେଶର ୪ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ରରେ ୪,୬୦୦ କୋଟି ନିବେଶ
- କେନ୍ଦ୍ରକୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ
- ୨୦୨୩ରେ ବିଜେଡି ସରକାର ଆଣିଥିଲେ ସ୍ୱତନ୍ତ୍ର ନୀତି; ସ୍ୱାକ୍ଷର ହୋଇଥିଲା ୩ ଏମ୍‌ଓୟୁ

ଭୁବନେଶ୍ୱର,୧୨।୮ (ସମିସ): ଓଡ଼ିଶାରେ ପ୍ରତିଷ୍ଠା ହେବ ଦୁଇଟି ସେମିକଣ୍ଡକ୍ଟର ଆସେମ୍ବ୍ଲି ଏବଂ ଟେଷ୍ଟିଂ ପ୍ଲାଣ୍ଟ। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସ୍‌ଏମ୍) ଅଧୀନରେ ଦେଶରେ ପ୍ରତିଷ୍ଠା ହେବାକୁ ଥିବା ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ଓଡ଼ିଶାରେ ଦୁଇଟି କେନ୍ଦ୍ର ସ୍ଥାପନ କରାଯିବ। ଓଡ଼ିଶା ବ୍ୟତୀତ ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ ଏ ସମ୍ପର୍କିତ ପ୍ରକଳ୍ପ ପ୍ରତିଷ୍ଠା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ୪ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ରରେ ୪,୬୦୦ କୋଟି ଟଙ୍କା ନିବେଶ ହେବ। ଏହି ଅନୁମୋଦନ ଅନୁଯାୟୀ ରାଜ୍ୟରେ ସିକ୍‌ସେମ୍ ଏବଂ ଥ୍ରୀଡି ଗ୍ଲାସ୍ ପ୍ରକଳ୍ପ ସ୍ଥାପନ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟରେ ନିଯୁକ୍ତି ସୃଷ୍ଟି ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ପ୍ରତି ଏହା ଗୁରୁତ୍ୱପୂର୍ଣ୍ଣ ଅବଦାନ ଭାବେ ଉଭା ହେବ।

ଦେଶରେ ଅନୁକୂଳ ପରିବେଶ କାରଣରୁ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସଂଖ୍ୟା ବୃଦ୍ଧି ପାଉଛି। ୬ଟି ଅନୁମୋଦିତ ପ୍ରକଳ୍ପ ପୂର୍ବରୁ କାର୍ଯ୍ୟକାରିତାର ବିଭିନ୍ନ ପର୍ଯ୍ୟାୟରେ ଅଛି। ଆଜି ଅନୁମୋଦିତ ଏହି ଚାରୋଟି ପ୍ରସ୍ତାବ ସିକସେମ୍ (ଏସଆଇସିଏସଇଏମ), କଣ୍ଟିନେଣ୍ଟାଲ ଡିଭାଇସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ସିଡିଆଇଏଲ), ଥ୍ରୀଡି ଗ୍ଲାସ୍ ସଲ୍ୟୁସନ୍ସ ଇନକର୍ପୋରେଟେଡ୍ ଏବଂ ଆଡଭାନ୍ସଡ୍ ସିଷ୍ଟମ୍ ଇନ୍ ପ୍ୟାକେଜ୍ (ଏସଆଇପି) ଟେକ୍ନୋଲୋଜିଠାରୁ ମିଳିଛି। ଏହି ୪ଟି ଅନୁମୋଦିତ ପ୍ରସ୍ତାବ ଦ୍ୱାରା ପ୍ରାୟ ୪,୬୦୦ କୋଟି ଟଙ୍କାର ମୋଟ୍ ନିବେଶ ସହିତ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ୨୦୩୪ କୁଶଳୀ ପେସାଦାରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦୂରସଞ୍ଚାର, ଯାନବାହନ, ଡାଟାସେଣ୍ଟର, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଇଲେକ୍ଟ୍ରୋନିକ୍ସରେ ସେମିକଣ୍ଡକ୍ଟରର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି, ଏହି ୪ଟି ନୂତନ ଅନୁମୋଦିତ ସେମିକଣ୍ଡକ୍ଟର ପ୍ରକଳ୍ପ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଓଡ଼ିଶାରେ ସିକସେମ୍ ଏବଂ ଥ୍ରୀଡି ଗ୍ଲାସ୍ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ସିଡିଆଇଏଲ ପଞ୍ଜାବରେ ଏବଂ ଏଏସଆଇପି ଆନ୍ଧ୍ରପ୍ରଦେଶରେ ପ୍ରକଳ୍ପ ପ୍ରତିଷ୍ଠା କରିବେ।

ସିକସେମ୍ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରସ୍ଥିତ ଇନଫୋଭ୍ୟାଲିରେ ବ୍ରିଟେନର କ୍ଲାସ୍-ସିକ୍ ୱେଫର ଫ୍ୟାବ୍ ଲିମିଟେଡ୍ ସହ ମିଶି ସିଲିକନ କାର୍ବାଇଡ୍ (ଏସଆଇସି) ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ସର ଗୋଟିଏ ସମନ୍ୱିତ ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ୍ ପ୍ରତିଷ୍ଠାନ କରାଯିବ। ଏହା ଦେଶର ପ୍ରଥମ ବ୍ୟବସାୟିକ କମ୍ପାଉଣ୍ଡ ଫ୍ୟାବ୍ରିକେସନ ୟୁନିଟ୍ ହେବ। ଏହା ଉନ୍ନତ ପ୍ୟାକେଜିଂ ସେମିକଣ୍ଡକ୍ଟର ଶିଳ୍ପରେ ପରବର୍ତ୍ତୀ ପିଢ଼ିର ଦକ୍ଷତା ଆଣିବ। ଏହି ପ୍ରକଳ୍ପରେ ପ୍ୟାସିଭ୍ ଏବଂ ସିଲିକନ୍ ବ୍ରିଜ୍ ସହିତ ଗ୍ଲାସ୍ ଇଣ୍ଟରପୋଜର୍ ଏବଂ ଥ୍ରୀଡି ହେଟେରୋଜେନିୟସ୍ ଇଣ୍ଟିଗ୍ରେସନ୍ (ଥ୍ରୀଡିଏଚଆଇ) ମଡ୍ୟୁଲ୍ ସମେତ ବିଭିନ୍ନ ପ୍ରକାରର ଉନ୍ନତ ପ୍ରଯୁକ୍ତିବିଦ୍ୟା ରହିବ। ଏହି ୟୁନିଟ୍‌ର ଯୋଜନାବଦ୍ଧ କ୍ଷମତା ପ୍ରାୟ ୬୯,୬୦୦ ଗ୍ଲାସ୍ ପ୍ୟାନେଲ୍ ସବଷ୍ଟ୍ରେଟ୍, ୫୦ ନିୟୁତ ଆସେମ୍ବଲ୍ ୟୁନିଟ୍ ଏବଂ ବାର୍ଷିକ ୧୩,୨୦୦ ଥ୍ରୀଡିଏଚଆଇ ମଡ୍ୟୁଲ୍ ହେବ। ପ୍ରସ୍ତାବିତ ଉତ୍ପାଦଗୁଡ଼ିକର ପ୍ରତିରକ୍ଷା, ଉଚ୍ଚ-ପ୍ରଦର୍ଶନକାରୀ କମ୍ପ୍ୟୁଟିଂ, କୃତ୍ରିମ ବୁଦ୍ଧିମତ୍ତା, ଆରଏଫ ଏବଂ ଅଟୋମୋଟିଭ୍, ଫଟୋନିକ୍ସ ଏବଂ ସହ-ପ୍ୟାକେଜ୍ ଅପ୍ଟିକ୍ସ ଇତ୍ୟାଦିରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ରେ ନବୀନ ସରକାରଙ୍କ ଅମଳରେ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ନୀତି ଅଣାଯାଇଥିଲା। ଏଥିରେ ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ମୁଖ୍ୟ ଲକ୍ଷ୍ୟ ଥିଲା। ଏହାଛଡ଼ା ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ ପ୍ରଥମେ ୨୦୨୩ରେ ଇଲେକ୍‌ଟ୍ରୋନିକ୍ ଆଣ୍ଡ ସେମିକଣ୍ଡକ୍ଟର ସଂଘ (ଆଇଇଏସ୍‌ଏ) ସହ ୩ଟି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ।

# ଗଣଶିକ୍ଷା ବିଭାଗରେ ୨୧,୮୫୨ ପଦ ଫାଙ୍କା

## ୭,୪୬୩ ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧୨।୮ (ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ତ୍ୱରିତ ହେବ ନିଯୁକ୍ତି ପ୍ରକ୍ରିୟା। ଖାଲି ଥିବା ଶିକ୍ଷକ ଓ ଅଣଶିକ୍ଷକ ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ବିଭାଗ। ବିଭିନ୍ନ କାର୍ଯ୍ୟାଳୟରେ ଖାଲି ଥିବା ୨୧,୮୫୨ ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ୭,୪୬୩ ପଦରେ ନିଯୁକ୍ତି ପାଇଁ ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କୁ ଅବଗତ କରାଯାଇଛି। ଏନେଇ ଜୁଲାଇ ୩୦ ତାରିଖରେ ବସିଥିବା ବିଭାଗୀୟ ସମନ୍ୱୟ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ୧୮୨୯ଟି ପଦ ଖାଲି ଅଛି। ତନ୍ମଧ୍ୟରୁ ୧୭୦୬ଟି ପଦରେ ନିଯୁକ୍ତି ପାଇଁ ପ୍ରଶାସନିକ ଅନୁମୋଦନ ଅପେକ୍ଷାରେ ରହିଛି। ଅଗଷ୍ଟ ଶେଷ ସୁଦ୍ଧା ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ୯୪୩୪ ସରକାରୀ ପଦ ଖାଲି ରହିଛି। ତନ୍ମଧ୍ୟରୁ ୬୦୨୫ଟି ପଦରେ ନିଯୁକ୍ତି ପାଇଁ ପ୍ରସ୍ତାବ ରହିଛି। ୬୧୧ ଜୁନିଅର୍ ଆସିଷ୍ଟାଣ୍ଟ ପଦ ସମେତ ୨୭୯୮ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ସେପ୍ଟେମ୍ବର ମାସରେ ପ୍ରକ୍ରିୟା ଆରମ୍ଭ କରିବ। ଅନୁରୂପ ଭାବେ ୧୮୨୩ଟି ବେସରକାରୀ ଅନୁଦାନପ୍ରାପ୍ତ ପଦ ମଧ୍ୟରେ ନିଯୁକ୍ତି ପାଇଁ ଏସ୍‌ଏସ୍‌ବି ପ୍ରକ୍ରିୟା କରିବ। ବିଭାଗରେ ଖାଲି ଥିବା ୪୪ଟି ପଦ ମଧ୍ୟରୁ ୨୬ ଟି ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରୀକ୍ଷା କରିବ ଏବଂ ୧୮ ଟି ଗ୍ରୁପ୍ ଡି ପଦ ଆର୍‌ଏ ମାଧ୍ୟମରେ ପୂରଣ କରାଯିବ।

ସେହିପରି କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ମଧ୍ୟ ନିଯୁକ୍ତି କରିବାକୁ ନିଷ୍ପତ୍ତି ହୋଇଛି। ପୂରଣ ହୋଇ ନଥିବା ୬୬୬୯ଟି ପଦରେ ନିଯୁକ୍ତି ପାଇଁ ଉଚ୍ଚ ନ୍ୟାୟାଳୟରେ ରିଭ୍ୟୁ ପିଟିସନ୍ ଦାୟର ହୋଇଛି। ଏହାର ଫଇସଲା ଆସିବା ପରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏହାସହ ନିଯୁକ୍ତି ସମ୍ପର୍କିତ ଏକାଧିକ ପ୍ରସଙ୍ଗରେ ଆଲୋଚନା ହୋଇଛି।

# ବ୍ୟବହାର ହେବନି 'ହରିଜନ' ଶବ୍ଦ

## ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ପାଳନ ହେଉନି ନିୟମ

- ନିୟମ ପାଳନ ନେଇ ସୁନିଶ୍ଚିତ କରିବାକୁ ପୁନର୍ବାର ନିର୍ଦ୍ଦେଶ
- ୬ ଟି ଜିଲ୍ଲାରେ ସ୍କୁଲ୍‌ର ନାମ କରଣକୁ ନେଇ ଉଠିଥିଲା ଆପତ୍ତି

ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ସମସ୍ତ ସରକାରୀ ରେକର୍ଡ, କାରବାର, ଜାତିଗତ ପ୍ରମାଣପତ୍ର, ପ୍ରକାଶନ ଓ ବିଭାଗୀୟ ନାମକରଣ ସହ ଅନ୍ୟାନ୍ୟ କୌଣସି କ୍ଷେତ୍ରରେ 'ହରିଜନ' ଶବ୍ଦ ବ୍ୟବହାର ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି ପରେ ମଧ୍ୟ ଏହି ନିୟମ ପାଳନ ହୋଇପାରୁନାହିଁ। ଏହି ସରକାରୀ ନିର୍ଦ୍ଦେଶନାମାର ପାଳନକୁ ସୁନିଶ୍ଚିତ କରିବା ପାଇଁ ମଙ୍ଗଳବାର ପୁଣିଥରେ ରାଜ୍ୟ ଏସ୍‌ଟି ଓ ଏସ୍‌ସି ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, କମିସନର ତଥା ସଚିବଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ଲିଖିତ ଚିଠିରେ 'ହରିଜନ' ଶବ୍ଦ ପରିବର୍ତ୍ତେ ସାମ୍ବିଧାନିକ ଶବ୍ଦ "ଅନୁସୂଚିତ ଜାତି"କୁ ବ୍ୟବହାର କରିବାକୁ କୁହାଯାଇଛି।

ନିକଟରେ 'ହରିଜନ' ଶବ୍ଦକୁ ବ୍ୟବହାର କରି ରାଜ୍ୟର ୬ଟି ଜିଲ୍ଲାରେ ବିଭିନ୍ନ ସ୍କୁଲର ନାମକରଣ ରହିଛି। ଏହା ଉପରେ ଆପତ୍ତି ଉଠାଇ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଏକ ମାମଲା ଦାୟର ହୋଇଥିଲା। ଏହାକୁ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ଆୟୋଗ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ରାଜ୍ୟ ସରକାର ସବୁ ବିଭାଗୀୟ ମୁଖ୍ୟଙ୍କ ସହ ଏହି ନିର୍ଦ୍ଦେଶକୁ ଅନୁପାଳନ କରି ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ୨୦୧୨ ମସିହାରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି 'ହରିଜନ' ଶବ୍ଦ ବ୍ୟବହାର ଉପରେ ରୋକ୍ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୨୦୧୩ ଜାନୁୟାରୀ ୧୦ ତାରିଖରେ ମଧ୍ୟ ଏହି ନିୟମ ଅନୁପାଳନ ପାଇଁ ସବୁ ବିଭାଗକୁ ଚିଠି ଲେଖିଥିଲେ। ଏବେ ପୁଣି ରାଜ୍ୟ ମାନବାଧିକାର ଆୟୋଗ ୨୦୨୫ ଜାନୁୟାରୀ ୩୧ ତାରିଖରେ ମଧ୍ୟ ଏହି ଶବ୍ଦ ବ୍ୟବାହାର ଉପରେ ରୋକ୍ ପାଇଁ ଆଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୩୪୧ ଅନୁସାରେ ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ଇଂରାଜୀରେ 'ସିଡ୍ୟୁଲ୍ କାଷ୍ଟ' ଓ ଓଡ଼ିଆରେ 'ଅନୁସୂଚିତ ଜାତି' ଶବ୍ଦ ଉପଯୋଗ କରାଯିବ ବୋଲି ଚିଠିରେ କୁହାଯାଇଛି।

୬ଟି ଜିଲ୍ଲା ଯଥା ନୟାଗଡ଼, କଟକ, ପୁରୀ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ସ୍କୁଲଗୁଡ଼ିକ ରହିଛି। ଏହି ସ୍କୁଲ୍‌ର ନାମରେ 'ହରିଜନ' ଶବ୍ଦ ବ୍ୟବହାର ହୋଇଛି। ତେଣୁ ତୁରନ୍ତ ନିଜ ନିଜ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକର ନାମରୁ 'ହରିଜନ'ଶବ୍ଦ ହଟାଇବା ସହ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉ କି, ଓଡ଼ିଶାର ବହୁଜନ ଛାତ୍ର ଓ ଯୁବ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଅନୀଲ କୁମାର ମଲ୍ଲିକଙ୍କ ଦ୍ୱାରା ଦାଏର ଏକ ମାମଲାର ବିଚାର କରି ଓଡ଼ିଶା ମାନବାଧିକାର ଆୟୋଗ ୨୦୨୫ ଜାନୁୟାରୀ ୩୧ତାରିଖରେ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ।

## ରାଜନଗରରେ ଦଳିତ ନାବାଳିକା ଗଣଦୁଷ୍କର୍ମ ଘଟଣା

# ମହିଳା ଅସୁରକ୍ଷିତ ନେଇ ଓଡ଼ିଶା ନିନ୍ଦିତ, ସୁଭଦ୍ରା ପ୍ରଚାରରେ ବ୍ୟସ୍ତ ରାଜ୍ୟ ସରକାର: ବିଜେଡି

- ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ
- ଅପାରଗ ସରକାରଙ୍କ ପ୍ରତି ଅପରାଧୀଙ୍କ ଭୟ ନାହିଁ

ଭୁବନେଶ୍ୱର,୧୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ପୁଣିଥରେ ସରକାରଙ୍କୁ ଘେରିଛି ବିଜେଡି। ଏପରି ଗୋଟିଏ ପରେ ଗୋଟିଏ ଘଟଣା, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ସ୍ପଷ୍ଟ ଦର୍ଶାଉଛି ବୋଲି ଦଳ ଅଭିଯୋଗ କରିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତା ଦାୟୀ ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଧ୍ରୁବ ଚରଣ ସାହୁ ଓ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି। ରାଜ୍ୟରେ ଛାତ୍ରୀ ଓ ମହିଳାମାନଙ୍କ ଉପରେ ନିର୍ଯାତନା



ଓ ଦୁଷ୍କର୍ମ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଦୁହେଁ କହିଛନ୍ତି।

ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ରାଜ୍ୟରେ ନିତିଦିନିଆ ଘଟଣା ପାଲଟିଛି। ରାକ୍ଷୀପୂର୍ଣ୍ଣିମା ଦିନ ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକା ତାର ପିଉସୀ ସହ ଭାଲୁକୁଣୀ ମୂର୍ତ୍ତି କିଣିବାକୁ ଯିବା ସମୟରେ ତାଙ୍କୁ ଗୋଟିଏ ନିକାଞ୍ଚନ ଜାଗାକୁ ନେଇ ୫ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିବା ସହିତ ଭିଡିଓ ଉତ୍ତୋଳନ କଲେ। ପୀଡ଼ିତାଜଣଙ୍କ ଭୟଭୀତ ହୋଇ ଘଟଣା ସମ୍ପର୍କରେ କାହା ଆଗରେ ପ୍ରକାଶ କରିବାକୁ ସାହସ କରିପାରି ନଥିଲା। ଦୁର୍ବୃତ୍ତମାନେ ସେହି ଭିଡିଓକୁ ଭାଇରାଲ କରିବାକୁ ଉଦ୍ୟମ କରିଥିଲେ। ପୀଡ଼ିତାଙ୍କ ଭାଇଙ୍କ ନଜରରେ ଏହି ଭିଡିଓ ଆସିବା ପରେ ପରିବାରଲୋକ ଏହି ଘଟଣା ବିଷୟରେ ଅବଗତ ହୋଇ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ରାଜ୍ୟର ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଥିଲେ ମଧ୍ୟ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ସ୍ଥିତିରେ ସୁଧାର ଆସୁନାହିଁ। ମହିଳାମାନଙ୍କ ବିକାଶ ପାଇଁ ସରକାର କେବଳ ସୁଭଦ୍ରା ସୁଭଦ୍ରା ପ୍ରଚାର କରୁଛନ୍ତି। କିନ୍ତୁ ବାସ୍ତବରେ ସରକାରଙ୍କ ଏହି ପ୍ରଚାର ମହିଳା ମାନଙ୍କ ପାଇଁ ଏକ ଉପହାସରେ ପରିଣତ ହୋଇଛି।

ଡ. ଲେନିନ୍ ମହାନ୍ତି କହିଥିଲେ ଯେ ଗୋଟିଏ ମାସ ଭିତରେ ଚାରି ଚାରି ଜଣ ଛାତ୍ରୀ ପୋଡ଼ି ହୋଇ ମରିଥିବା ବେଳେ ଆଜି ମଧ୍ୟ ଭୁବନ ଅଞ୍ଚଳରେ ଜଣେ ମହିଳା ୫୦ପ୍ରତିଶତ ପୋଡ଼ି ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଭଳି ଏକ ହୃଦୟବିଦାରକ ଖବର ସାମ୍ନାକୁ ଆସିଛି। ରାଜ୍ୟରେ ମହିଳା ଅସୁରକ୍ଷିତ ବୋଲି ଜାତୀୟ ଗଣମାଧ୍ୟମରେ ବାରମ୍ବାର ଚର୍ଚ୍ଚା ହେଉଥିବାରୁ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହେଉଛି। ରାଜ୍ୟ ସରକାରଙ୍କ ସମ୍ବେଦନହୀନତା ଓ ଅପାରଗପଣିଆ ଯୋଗୁଁ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ସରକାରଙ୍କ ନିଦ ଭାଙ୍ଗୁ ଓ ଆଇନ ଶୃଙ୍ଖଳା ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR କୋଡ୍ ସ୍କାନ କରନ୍ତୁ

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା:
ନିୟମିତ : 5180 + ବ୍ୟାକଲଗ୍ : 403

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current_openings ରେ ବିଜ୍ଞାପନ ନମ୍ବର CRPD/CR/2025-26/06 ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 06.08.2025 ରୁ 26.08.2025 ପର୍ଯ୍ୟନ୍ତ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ https://bank.sbi/web/careers/current_openings ରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 06.08.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଘରୋଇ ମେସ୍‌ରେ ଛାତ୍ରୀଙ୍କ ଆତ୍ମହତ୍ୟା

**ଗାଧୁଆ ଘରୁ ଶବ ଜବତ**

ଭଦ୍ରକ,୧୨।୮ (ସମିସ): ପୁଣି ଆଉ ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା। ବେକରେ ଓଢଣୀ ଲଗାଇ ଘରୋଇ ମେସର ବାଥରୁମରେ ଝୁଲିପଡ଼ିଲେ ଛାତ୍ରୀ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଟାଉନ ଥାନା ଅଞ୍ଚଳରେ। ଭଦ୍ରକ କଲେଜ ଛକ ନିକଟରେ ଥିବା କିଟ୍ ଲେଡିଜ୍ ହଷ୍ଟେଲରେ ଏଭଳି ଘଟଣା ଘଟିଛି। ମୃତ ଛାତ୍ରୀଜଣଙ୍କ ବାସୁଦେବପୁର ଥାନା ଲୁଙ୍ଗା ଅଞ୍ଚଳର ପୁଷ୍ପାରାଣୀ ମଲ୍ଲିକ। ସେ ଭଦ୍ରକ ସ୍ୱୟଂଶାସିତ କଲେଜରେ ଯୁକ୍ତ ତିନି ପ୍ରଥମବର୍ଷର ଛାତ୍ରୀ। ପୁଷ୍ପାରାଣୀ ଗହ୍ମାପୂର୍ଣ୍ଣିମାରେ ଭାଇ ହାତରେ ରାକ୍ଷୀ ବାନ୍ଧିବାକୁ ଘରକୁ ଯାଇଥିଲେ। ଘରେ ହସଖୁସିରେ ରାକ୍ଷୀ ପୂର୍ଣ୍ଣିମା କଟାଇବା ପରେ ସୋମବାର ଘରୁ ଫେରିଥିଲେ। ମଙ୍ଗଳବାର ସକାଳେ ମଧ୍ୟ କ୍ଲାସକୁ ଯାଇଥିଲେ। ତେବେ କ୍ଲାସରୁ ଫେରିବା ପରେ ମେସର ବାଥ୍‌ରୁମ୍ କବାଟ ବନ୍ଦ କରି ବେକରେ ଓଢ଼ଣୀ ଲଗାଇ ଝୁଲି ପଡ଼ିଛନ୍ତି। ଅନ୍ୟ ସହପାଠୀମାନଙ୍କଠାରୁ ଖବର ପାଇ ମେସ ମାଲିକ ଟାଉନ୍ ଥାନାକୁ ସୂଚନା ଦେଇଥିଲେ। ଏସପି ମନୋଜ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ ଛାତ୍ରୀଙ୍କ ମୋବାଇଲ ପୁଲିସ ଜବତ କରିଛି। ତେଣୁ ମୋବାଇଲରୁ ଆତ୍ମହତ୍ୟାର ସୁରାକ ମିଳିପାରେ ବୋଲି ପୁଲିସ ଆଶା କରୁଛି।

- କାଳ ହେଲା ମୋବାଇଲ୍ ଗେମ୍ ବାରଣ

# ଗାଧୁଆ ଘରେ ଝୁଲିପଡ଼ିଲା ଅଷ୍ଟମ ଛାତ୍ର

ଲଙ୍ଗଳେଶ୍ୱର,୧୨।୮ (ସମିସ): ଅନଲାଇନ୍ ଗେମ୍ ଖେଳିବାକୁ ପରିବାରଲୋକ ବାରଣ କରିବାରୁ ଜୀବନ ହାରିଲେ ନାବାଳକ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଗୁହାଳିପଦା ଗ୍ରାମରେ। ମୃତ ନାବାଳକଜଣଙ୍କ ହେଲା, ସିଂଲା ଥାନା ଗୁହାଳିପଦା ଗ୍ରାମର ସନ୍ତୋଷ ଜେନାଙ୍କ ପୁଅ ଜୟକୃଷ୍ଣ ଜେନା(୧୩)। ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲା। ସୂଚନାନୁଯାୟୀ, ଗତ କିଛି ଦିନ ହେବ ମୋବାଇଲ୍‌ରେ ଗେମ୍ ଖେଳିବା ଜୟକୃଷ୍ଣର ନିଶା ପାଲଟି ଯାଇଥିଲା। ଏଥିପାଇଁ ପରିବାରଲୋକ ତାକୁ ବାରଣ କରିଆସୁଥିଲେ। ତେବେ ଆଜି ସକାଳୁ ସକାଳୁ ଏହାକୁ ନେଇ ପୁଣି ଘରେ କଳହ ହେବାରୁ ରାଗରେ ଜୟକୃଷ୍ଣ ଗାଧୁଆ ଘରେ ଆତ୍ମହତ୍ୟା କରିଥିଲା। ବେକରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲା। ସିଂଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ଭୈରବେଶ୍ୱର ମନ୍ଦିରରେ ରୁଦ୍ରାକ୍ଷ ଚାରାରୋପଣ



**ବାରିପଦା, ୧୨।୮ (ସମିସ):** ମଙ୍ଗଳବାର ମଧୁବନ ସ୍ଥିତ ମା'ଭୈରବୀ ମନ୍ଦିର ସଂଲଗ୍ନ ବାବା ଭୈରବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏକମୁଖୀ ରୁଦ୍ରାକ୍ଷ ବୃକ୍ଷ ଚାରା ରୋପଣ କରାଯାଇଛି। ମନ୍ଦିର କମିଟି ସଦସ୍ୟ ଓ ମଧୁବନ ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି କାମନା ପୂର୍ବକ ସଂସାରରେ ଶାନ୍ତି ବିରାଜମାନ ଅଭିପ୍ରାୟ ରଖି ବିଧି ବିଧାନ ଅନୁଯାୟୀ ଏହି ଚାରା ରୋପଣ କରାଯାଇଥିଲା। ମନ୍ଦିର ପୂଜକ ରାଜେଶ କୁମାର ଦ୍ୱିବେଦୀଙ୍କ ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ପ୍ରବଚକ ଡ. ଭାଗବତ ପଣ୍ଡାଙ୍କ ବେଦପାଠ ପୂର୍ବକ ମା'ଭୈରବୀ ମନ୍ଦିର ଚେରିଟେବ୍ଲ ଟ୍ରଷ୍ଟର ସମସ୍ତ ଟ୍ରଷ୍ଟି, ମନ୍ଦିର କମିଟିର ସଦସ୍ୟବୃନ୍ଦ, ମଧୁବନ ଅଞ୍ଚଳ ବାସୀ ତଥା ବାରିପଦାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହଯୋଗିତାରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କମିଟି ସଦସ୍ୟ ଇଂ.ସରୋଜ କୁମାର ଦଣ୍ଡପାଟଙ୍କ ୬୮ତମ ଜନ୍ମ ତିଥି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ କମିଟି ସଭାପତି ଡ.ଯୋଗେନ୍ଦ୍ର ନାଥ ପଣ୍ଡା ଓ ବାରୁଣେଶ୍ୱର ଦୁର୍ଗାପୂଜା କମିଟିର ସଭାପତି ଡ.କୁଞ୍ଜବନ ପୃଷ୍ଟି, ମ୍ୟାନେଜିଂ ଟ୍ରଷ୍ଟି ବିକ୍ରମ କେଶରୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମନ୍ଥର ଗତିରେ ବାରିପଦା ଷ୍ଟାଡିୟମ ଉନ୍ନୟନ କାମ

ବାରିପଦା, ୧୨।୮ (ସମିସ)



ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ଏକ ବଡ଼ ମୂକସାକ୍ଷୀ ହେଉଛି ବାରିପଦା ଷ୍ଟାଡିୟମ। ବାରିପଦା ସହରର ମୁଖ୍ୟ ଭାଗରେ ଏକ ବିସ୍ତୃତ ଅଞ୍ଚଳ ବ୍ୟାପି ରହିଥିବା ଏହି ଷ୍ଟାଡିୟମରୁ ଅନେକ ପ୍ରତିଷ୍ଠିତ କ୍ରୀଡ଼ାବିତ୍ ଜନ୍ମ ନେଇଛନ୍ତି। ତତ୍କାଳୀନ ମୟୂରଭଞ୍ଜ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ତତ୍କାଳୀନ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଏହି ଷ୍ଟାଡିୟମଟି ୧୯୧୮ ମସିହାରେ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ମୟୂରଭଞ୍ଜ ଏକ ଜିଲ୍ଲା ଭାବେ ଓଡ଼ିଶାରେ ସାମିଲ ହେବାର କିଛି ବର୍ଷ ପରେ ଅର୍ଥାତ୍ ୧୯୬୦ ମସିହାରେ ପୁଣି ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟରେ 'ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍' (ଏମଏଏ ବା ମା) ନାମରେ ପୁନଃ ପଞ୍ଜୀକୃତ ହୋଇଥିଲା। ଫୁଟବଲ, କ୍ରିକେଟ୍, ଭଲିବଲ, ଆଥଲେଟିକ୍ ଭଳି ବହୁମୁଖୀ କ୍ରୀଡାର ପେଣ୍ଠସ୍ଥଳୀ। ପ୍ରଥମେ ଏହାର ପରିଧି ୧୯ ଏକରରୁ ଅଧିକ ରହିଥିବା ବେଳେ ଏବେ ଏହା ୬ ଏକର ଜାଗାରେ ସୀମିତ ରହିଛି। ଏବେ ଏଠାରେ ଓଡ଼ିଶା ଅଲମ୍ପିକ୍ସ ଆଫିଲେଟେଡ୍ ବିଭିନ୍ନପ୍ରକାର ଖେଳ ହେଉଥିବା ବେଳେ ଖେଳାଳିଙ୍କ ପାଇଁ ଏଠାରେ ସ୍ୱତନ୍ତ୍ର ଜିମ୍‌ର ମଧ୍ୟ ବ୍ୟବସ୍ଥା ରହିଛି। ବିଶେଷ କରି ମୟୂରଭଞ୍ଜକୁ ଫୁଟବଲର ଏନ୍ତୁଡ଼ିଶାଳ କୁହାଯାଉଥିବା ବେଳେ ସେତେବେଳେ ରାଜାମହାରାଜା ନିଜେ ମଧ୍ୟ ଫୁଟବଲ ଖେଳୁଥିଲେ ଏବଂ ଏହାର ବିକାଶକୁ ଲକ୍ଷ୍ୟ ରଖି ଏଠାରେ ଫୁଟବଲ ତାଲିମ ଦିଆଯାଉଥିଲା। ଏଠାକାର ପ୍ରଥମ କ୍ରୀଡାଗୁରୁ ହେଉଛନ୍ତି ମୟୂରଭଞ୍ଜର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ବ୍ରଜସୁନ୍ଦର ଦାସ। ଯାହାଙ୍କୁ ଫୁଟବଲର ପ୍ରାଣ ପ୍ରତିଷ୍ଠା ବୋଲି କୁହାଯାଏ। ତାଙ୍କର ଶିକ୍ଷା ଓ ମାର୍ଗଦର୍ଶନରେ ସେତେବେଳେ ମୟୂରଭଞ୍ଜ ଫୁଟବଲ ଟିମ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ୧୯୧୮ରୁ ୧୯୯୧ ମସିହା ପର୍ଯ୍ୟନ୍ତ ୭୩ ବର୍ଷ ଧରି ଏଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ମେମୋରିଆଲ ନାମରେ ସର୍ବଭାରତୀୟ ସ୍ତରରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଥିଲା। ଯେଉଁଥିରେ ଦେଶର ବିଭିନ୍ନ ରାଜ୍ୟର ଫୁଟବଲ ଟିମ୍ ଆସି ଏଥିରେ ଅଂଶଗ୍ରହଣ କରିଥିଲେ। ଏଠାରେ ଇଂଲଣ୍ଡର କରିନ୍‌ଥିଆନ୍ ଟିମ୍ ମଧ୍ୟ ଆସି ଫୁଟବଲ ମ୍ୟାଚ୍ ଖେଳିଥିବା ବେଳେ ସେତେବେଳେ ମୟୂରଭଞ୍ଜର ଦିଗଜ୍ ଖେଳାଳିମାନେ ଖାଲିପାଦରେ ଖେଳି ଇଂଲଣ୍ଡ ଦଳକୁ ପରାସ୍ତ କରିଥିଲେ। ବର୍ତ୍ତମାନ ପୁଣିଥରେ ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ପାଇଁ ଦାବି ଉଠିଲାଣି। କେବଳ ଫୁଟବଲ ନୁହେଁ ଦୀର୍ଘ ବର୍ଷ ଧରି ଏଠାରେ ରଣଜୀ ଟ୍ରଫି ମ୍ୟାଚ୍ ମଧ୍ୟ ହୋଇଛି। ଦଶ ଥର ରଣଜୀ ଟ୍ରଫି ଅନୁଷ୍ଠିତ ମଧ୍ୟରେ ଭାରତର ବଡ଼ ବଡ଼ କ୍ରିକେଟର ଶୋଭାକରିମ୍, ରୋହନ ଗଭାସ୍କର, ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ଏବଂ ଭାରତର ଅନ୍ୟତମ ଅଧିନାୟକ ମହେନ୍ଦ୍ର ସିଂ ଧୋନି ମଧ୍ୟ ଏହି ଷ୍ଟାଡିୟମରେ ଧୂଆଁଧାର ବ୍ୟାଟିଂ ପ୍ରଦର୍ଶନ କରି ୯୬ ରନ୍ ସଂଗ୍ରହ କରିଥିଲେ। ହେଲେ ସେତେବେଳେ ତାଙ୍କୁ କେହି ଚିହ୍ନି ନ ଥିଲେ। ଗତ ୨୦୦୦ ମସିହାରେ ଏଠାରେ ଶେଷ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିବା ବେଳେ ଏବେ ବିସିସିଆଇର ଅନେକ କୋଠର ନିୟମାବଳୀ ପାଇଁ ତାହା ବନ୍ଦ ହୋଇଯାଇଛି। ୧୯୬୦ରୁ ସାହାଣୀ କପ୍ ଅଧ ଏଠାରେ ଆରମ୍ଭ ହୋଇଥିଲା। ତେବେ ୧୦୭ ବର୍ଷ ତଳର ଏହି କିମ୍ବଦନ୍ତୀ ଷ୍ଟାଡିୟମ ତାର ପୂର୍ବ ଗୁଣଗରିମାକୁ କିଛି ମାତ୍ରାରେ ହରାଇଛି। ସମୟର ପରିବର୍ତ୍ତନରେ ଅନେକ କିଛି ପରିବର୍ତ୍ତନ ବି ହୋଇଛି। ତେଣୁ ଏହି ପଡ଼ିଆରେ ଖେଳି ଜଣେ ସୁନାମଧନ୍ୟ ଫୁଟବଲ ଖେଳାଳି ଭାବେ ପରିଚୟ ସୃଷ୍ଟି କରିଥିବା ବାରିପଦା ସହରର ୮୮ ବର୍ଷର କ୍ରୀଡ଼ାବିତ୍ ପରେଶ ଚନ୍ଦ୍ର ଦାସ ତାଙ୍କର ଲେଖନୀରେ ସାଇତି ରଖିଛନ୍ତି ଅନେକ ସ୍ମୃତି। ବୟସର ଅପରାହ୍ନରେ ବି 'ଫୁଟବଲ ଖେଳ ସଫଳତାର ରହସ୍ୟ' ନାମରେ ଏକ ପୁସ୍ତକ ଲେଖି ଆଜି ବି ସମସ୍ତଙ୍କୁ ଖେଳପ୍ରତି ଉତ୍ସାହିତ କରିଛନ୍ତି। ଆଜକୁ ଶହେ ବର୍ଷ ତଳେ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବାରିପଦା ଷ୍ଟାଡିୟମକୁ ପୁଣିଥରେ ପୂର୍ବାବସ୍ଥାକୁ ଫେରାଇ ଆଣିବା ପାଇଁ ତତ୍କାଳନୀ ନବୀନ ପଟ୍ଟନାୟକଙ୍କ ସରକାର ଫ୍ଲଡ ଲାଇଟର ବ୍ୟବସ୍ଥା ସାଙ୍ଗକୁ ଉନ୍ନତିକରଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରିଥିଲେ। ମାତ୍ର ସରକାର ବଦଳିବା ପରେ ଉନ୍ନୟନ କାର୍ଯ୍ୟରେ ମନ୍ଥରତା ଦେଖାଦେଇଛି। ଶତାୟୁ ଷ୍ଟାଡିୟମକୁ ଏକ ନୂତନ ପରିଚୟ ଦେବାକୁ ଜିଲ୍ଲାବାସୀ ଦାବି କରୁଛନ୍ତି।

**ପୁଣି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ଓ ରଣଜୀ ଟ୍ରଫି ଆରମ୍ଭ ଦାବି**

# ଦ୍ୱିତୀୟ ଦିନରେ ରାଜସ୍ୱ ଅମଲାଙ୍କ ଆନ୍ଦୋଳନ



**ବାରିପଦା ୧୨।୮ (ସମିସ):** ରାଜସ୍ୱ ଅମଲାଙ୍କ ୧୦ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଗତ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଅମଲାମାନେ ସାମୂହିକ ଛୁଟିରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦ୍ୱିତୀୟ ଦିବସରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ସାମୂହିକ ଛୁଟିରେ ଅଛନ୍ତି। ଦାବି ପୂରଣ ହେବଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ମୟୂରଭଞ୍ଜ ଜିଲ୍ଲା ଅଧ୍ୟକ୍ଷ କପିଳାସ ବେହେରା, ଜିଲ୍ଲା ସମ୍ପାଦକ ରୂପକ ମହାରଣା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି (ଉପଖଣ୍ଡ) ବାରିପଦା ତପନ ବେହେରା, ଜିଲ୍ଲା ଉପଦେଷ୍ଟା ଅଶୋକ ବେହେରା ଏବଂ ଜିଲ୍ଲା କୋର କମିଟି ସଦସ୍ୟ ପାର୍ଥସାରଥୀ ଦାସ ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଜିଲ୍ଲା ସମ୍ପାଦକ ଶ୍ରୀ ମହାରଣା କହିଛନ୍ତି ଯେ, ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦନ୍ନୋତି ପୂର୍ବରୁ ଅବସର ନେଇସାରିଲେଣି। ଫଳରେ ସେମାନେ ନ୍ୟାଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନେ ଦକ୍ଷତାର ସହ ରାଜ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ହେଲେ ସେମାନଙ୍କୁ ସରକାର ଅଣଦେଖା କରି ଆସୁଛନ୍ତି। ପ୍ରମୁଖ ଦାବିଗୁଡିକ ହେଲା, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେବେଲ୍- ୯କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ଅନୁଯାୟୀ ତଥା ସମସ୍ତ ୩୦ଟି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ୧୯୯୦ରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବା, ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ୍ ଯୋଜନା ରେ ଅନ୍ତର୍ଭୁକ୍ତ କରାଯିବା ଇତ୍ୟାଦି ଅଛି। ଆନ୍ଦୋଳନ ଫଳରେ ସରକାରୀ ସେବା ବ୍ୟାହତ ପାଇଁ ସେ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ଉପଜିଲ୍ଲାପାଳ ଏବଂ ଜିଲ୍ଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ତଥା ବାରିପଦା ଉପଖଣ୍ଡର ସମସ୍ତ ବ୍ଲକ, ତହସିଲ, ଆଇସିଡିଏସ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସମସ୍ତ ରାଜସ୍ୱ ଅମଲା ଉପସ୍ଥିତ ଥିଲେ।

## ଏମ୍‌ପିସି ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ › ସଂସ୍କୃତ ବଞ୍ଚିଲେ ଅସ୍ମିତା ବଞ୍ଚିବ



ବାରିପଦା, ୧୨।୮ (ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଉଦଯାପନୀ ଦିବସରେ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ଡ଼ ପ୍ରିୟବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ, ଓଡ଼ିଶାର ଆବାହକ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ବିଭାଗର ଛାତ୍ରଛାତ୍ରୀଙ୍କ ପକ୍ଷରୁ 'ସଂସ୍କୃତ ବଞ୍ଚିଲେ ଅସ୍ମିତା ବଞ୍ଚିବ, ସଂସ୍କୃତ ବଞ୍ଚାଓ' ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଅଧ୍ୟାପିକା କଳ୍ପନା ନାୟକ, ସୁଚିତ୍ରା ସାହୁ, ସୁଚିସ୍ମିତା ବେହେରା, ଅଧ୍ୟାପକ ଭୋଳାନାଥ ଦାଶ ପ୍ରମୁଖ ଯୋଗଦେଇ ଆଧୁନିକ ସମାଜ ସଂସ୍କୃତ ଭାଷାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୁଚାଇଥିଲେ। ଏହି ଅବସରରେ ଶ୍ଳୋକ ଆବୃତ୍ତି, ସଂସ୍କୃତ ପଠନ, ସଂସ୍କୃତ ସଙ୍ଗୀତ ଗାନ, ସଂସ୍କୃତ ସାଧାରଣଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ଳୋକ ଆବୃତ୍ତିରେ ସୁବ୍ରତ ପଞ୍ଚାଧ୍ୟାୟ, ଅନ୍ନପୂର୍ଣ୍ଣା ଦାସ, ସଞ୍ଜିତ୍ ବିନ୍ଧାଣି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ସଂସ୍କୃତ ପଠନରେ ପୁଷ୍ପଲତା ମହାନ୍ତ, ପୂଜା ଦେଓ, ମେଘବର୍ଣ୍ଣ ସି ଏବଂ ସଂସ୍କୃତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ମେଘବର୍ଣ୍ଣ ସି, ପୁଷ୍ପଲତା ମହାନ୍ତ, ଲୀଳାବତୀ ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଶେଷରେ ବିଦ୍ୟାର୍ଥୀ ପୁଷ୍ପଲତା ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଲେଡି ହାମିଲଟନ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ

**ବାରିପଦା, ୧୨।୮ (ସମିସ):** ପାଲବଣିସ୍ଥିତ ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ମିନାରାଣୀ ପାତ୍ରଙ୍କ ମାର୍ଗଦର୍ଶନରେ ସଂସ୍କୃତ ଶିକ୍ଷୟିତ୍ରୀ ଅନୁପମା ବେହେରାଙ୍କ ପୌରୋହିତ୍ୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ସଂସ୍କୃତ ଶିକ୍ଷୟିତ୍ରୀ ସଂସ୍କୃତ ଭାଷାର ପ୍ରାଚୀନତା, ଭାଷା ଓ ବ୍ୟାକରଣ ଗତ ଶୁଦ୍ଧତା, ସାରା ବିଶ୍ୱରେ ଏହି ଭାଷାର ଆଦରଣୀୟତା ବିଶେଷ କରି ବର୍ତ୍ତମାନ ସମୟରେ କେବଳ ଭାରତବର୍ଷ ନୁହଁ ସାରା ବିଶ୍ୱରେ ଏହି ଭାଷାର ଆବଶ୍ୟକତା ବିଷୟରେ ସବିଶେଷ ବର୍ଣ୍ଣନା କରିଥିଲେ। ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ ସଂସ୍କୃତ କିପରି ଗଣିତ, ବିଜ୍ଞାନ ଏପରିକି ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ଜନନୀ ତାହା ବୁଝାଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତା ପାଠ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଗୀତା ପାଠରେ ସ୍ୱାଗତିକା ପଣ୍ଡା, ପ୍ରାଚୀତନୟା ଦାସ ଓ ନିର୍ଜଳା ପରିଚ୍ଛା, ବକ୍ତୃତାରେ ନିର୍ଜଳା ପରିଚ୍ଛା, ସୁବ୍ରତ କୁମାର ବାରିକ ଓ ସ୍ୱାଗତିକା ପଣ୍ଡା ଏବଂ ଚିତ୍ରାଙ୍କନରେ ଦିବ୍ୟାଂଶୀ ପ୍ରିୟଦର୍ଶନୀ ସ୍ୱାଇଁ, ଶ୍ରଦ୍ଧା ରଣା ଓ ପୁଷ୍ପାଞ୍ଜଳି ପାତ୍ର ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



## ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ କନିଷ୍ଠ ଶିକ୍ଷକ ସଂଘ



**ବାରିପଦା, ୧୨।୮ (ସମିସ):** ମୟୂରଭଞ୍ଜ କନିଷ୍ଠ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଦିବ୍ୟରଞ୍ଜନ ଗିରିଙ୍କ ନେତୃତ୍ୱରେ ଜିଲ୍ଲାରେ କର୍ମରତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ଦେଇଛନ୍ତି। ଦାବି ଅନୁସାରେ ଦୀର୍ଘ ଦଶନ୍ଧି ପରେ ସରକାର ପ୍ରାଥମିକ ଶିକ୍ଷା ଓ ଶିକ୍ଷକଙ୍କ ଦୁଃଖ ବୁଝିପାରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଅଗଷ୍ଟ ୨ତାରିଖରେ ଜାରି ଚିଠିକୁ ସମସ୍ତ ଶିକ୍ଷକ ସମାଜ ଓ ବୁଦ୍ଧିଜୀବି ମଣ୍ଡଳୀ ମଧ୍ୟ ସ୍ୱାଗତ କରିଥିଲେ। ମାତ୍ର ଚିଠି ଜାରି ହେବାର ୫ ଦିନପରେ ଏହି ଚିଠି କୁ ଉପଯୁକ୍ତ ସ୍ତରରେ ଗ୍ରହଣୀୟ ହୋଇନାହିଁ ଦର୍ଶାଇ ପ୍ରତ୍ୟାହାର କରି ନେଇଛନ୍ତି। ସରକାରଙ୍କ ଏପରି ପ୍ରତ୍ୟାହାର ନୀତିକୁ ସଂଘ ଦୃଢ଼ ନିନ୍ଦା କରିବା ସହିତ ଏହା ସମ୍ପୂର୍ଣ୍ଣ ଅମାନବୀୟ ରୂପେ ସମାଲୋଚନା କରିଛି। ଏଣୁ ପ୍ରତ୍ୟାହାର କରା ଯାଇଥିବା ପ୍ରସ୍ତାବିତ ଚିଠିକୁ ପୁନର୍ବାର ଅନୁମୋଦନ ସହିତ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସଂଘ ଦାବି କରିଛି। ଆଗାମୀ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ ସଂଘ।





## ବିଶ୍ୱ ହାତୀ ଦିବସ ମହାସମାରୋହ › 'ମଣିଷ-ହାତୀ ଲଢ଼େଇରେ ମଣିଷ ଆୟୁଧ ନ ହେଉ'

ବାରିପଦା, ୧୨।୮ (ସମିସ)



ପ୍ରାଣୀ ଜଗତର ବୃହତ ପ୍ରାଣୀ ହାତୀଙ୍କୁ ସୁରକ୍ଷା ଦେଲେ ସେମାନେ କାହାରି ଅନିଷ୍ଟ କରିବେନି। ଆମକୁ ଶାନ୍ତିରେ ରହିବାକୁ ଦେବେ। ମଣିଷ-ହାତୀ ମଧ୍ୟରେ ଲଢେଇରେ ମଣିଷ ଆୟୁଧ ନ ହେଉ ବୋଲି କହିଛନ୍ତି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ମଣ୍ଡଳର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ। ସେଭ୍ ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ଓ ବନବିଭାଗ ପକ୍ଷରୁ ବାରିପଦାର ସହିଦ ସ୍ମୃତି ଭବନ ପରିସରରେ ମଙ୍ଗଳବାର ବିଶ୍ୱ ହାତୀ ଦିବସ-୨୦୨୫ ପାଳନ ଅବସରରେ ସେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷ, ପରିବେଶବିତ୍ ଓ ବନ୍ୟଜନ୍ତୁ ପ୍ରେମୀମାନେ ଏକତ୍ରିତ ହୋଇ ହାତୀ ସଂରକ୍ଷଣ ଏବଂ ତାଙ୍କର ଆବାସସ୍ଥଳୀ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏହାପରେ ଶିମିଳିପାଳ ଟାଇଗର ରିଜର୍ଭର ଦିବଙ୍ଗତ ଗଜରାଜ 'ମହେନ୍ଦ୍ର', 'ଭବାନୀ' ଓ 'ଶୋଭା'ଙ୍କର ସ୍ମୃତିଚାରଣ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥିଭାବେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, କିଟ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପିକା ତୁଳସୀ ପ୍ରଧାନ ସେଭ୍ ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ମହାରାଜା ଶ୍ରୀ ଭଞ୍ଜଦେଓ ସମାଜର ସମ୍ମିଳିତ ଅଂଶଗ୍ରହଣ ଦ୍ୱାରା ବନ୍ୟଜନ୍ତୁ ସଂରକ୍ଷଣର ଗୁରୁତ୍ୱ ଉପରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପିସିସିଏଫ ଡ. ଦେବବ୍ରତ ସ୍ୱାଇଁ ସଭାପତିଙ୍କ ଅଭିଭାଷଣ ଦେଇଥିବା ବେଳେ ଅତିଥିମଙ୍କୁ ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଡ. ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ରଚିତ ପୁସ୍ତକ 'ଦି ସିକ୍ରେଟ୍ସ ଅଫ ଶିମିଳିପାଳ' (ପେପରବ୍ୟାକ ସଂସ୍କରଣ) ଉନ୍ମୋଚିତ ହୋଇଥିଲା। ଶିମିଳିପାଳ (ଦକ୍ଷିଣ) ର ଉପନିର୍ଦ୍ଦେଶକ ଡ. ସମ୍ରାଟ ଗୌଡ଼ା ଶିମିଳିପାଳରେ ହାତୀ ପରିଚାଳନା ବିଷୟରେ ଆଲୋଚନା କରି ଶିମିଳିପାରେ ରହିଥିବା ୧୦୫ରୁ ଅଧିକ ହାତୀଙ୍କୁ ସୁରକ୍ଷିତ ଭାବେ ଚଳପ୍ରଚଳ କରିବାକୁ ଅଭୟ ଦିଆଯାଇଛି, ଏଆଇ କ୍ୟାମେରା ରହିଥିବାରୁ ଦିନକୁ ଦିନ ଶିକାରୀଙ୍କୁ ଗିରଫ କରାଯାଉଛି। ଏହି ଶିକାର ଓ ଶିକାରୀ ସଂଖ୍ୟା ଏବେ ନଗନ୍ୟ ରହିଥିବାବେଳେ ଆସନ୍ତା କିଛି ଦିନମଧ୍ୟରେ ଏହା ଶୂନ୍ୟକୁ ହ୍ରାସ କରାଯିବ ବୋଲି ସେ କିହଛନ୍ତି। ପୂର୍ବତନ ଶିକ୍ଷା ସଚିବ ତଥା ଅବସରପ୍ରାପ୍ତ ଆଇଏଏସ ଡ. ଅରୁଣ କୁମାର ରଥ କେନ୍ଦ୍ର ସରକାର ଓ ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ମତ ପ୍ରକାଶ କରିଥିଲେ। ଏଥିରେ ରାଇରଙ୍ଗପୁର ଡିଏଫଓ ସୁବ୍ରତ ପାତ୍ର ଏବଂ ବାଲେଶ୍ୱର ଡିଏଫଓ ପି.କେ ମଲ୍ଲିକ ବନ୍ୟଜନ୍ତୁ ସୁରକ୍ଷା ଓ ଶିକାରୀଙ୍କୁ ସମୂଳେ ନାଷ କରିବା କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଅନୁରାଧାଙ୍କ ଦ୍ୱାରା ଗଣେଶ ବନ୍ଦନା ଓ କୁମାରୀ ସମୀକ୍ଷା ପାଢ଼ୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଫରେଷ୍ଟର ପଦ୍ମା ବେହେରାଙ୍କ ନେତୃତ୍ୱରେ ହାତୀ ସଂରକ୍ଷଣ ଉପରେ ଛଉ ନୃତ୍ୟ ପରିବେଷଣ ସହ ପର୍ଣ୍ଣରୂପା ମହାନ୍ତି ଓ ଗୋଷ୍ଠୀଙ୍କ ଦ୍ୱାରା ଝୁମର ନୃତ୍ୟ ପରିବେଷଣ ହୋଇଥିଲା। ଏହି ଅବସରରେ ଆୟୋଜିତ ବିତର୍କ, ରଚନା ଲେଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାଙ୍କୁ ସମ୍ମାନିତ କରାଯାଇ ଯୁବବର୍ଗଙ୍କୁ ସଂରକ୍ଷଣ ପ୍ରୟାସରେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଡ. ରଜନୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବ ଚଳିତ ବର୍ଷର ବିଷୟବସ୍ତୁ 'ମହାନ ଗଜରାଜଙ୍କୁ ସଂରକ୍ଷଣ ପାଇଁ ହାତ ମିଳାଇବା' ସହ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି ସଚେତନତା ସୃଷ୍ଟି କରି ହାତୀ ସଂରକ୍ଷଣ ପାଇଁ ଦୃଢ଼ ସଂକଳ୍ପ ନେବାକୁ ସମସ୍ତେ ଆହ୍ୱାନ ଦେଇଥିଲେ। ସେହିପରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଆନୁକୂଲ୍ୟରେ ବିଶ୍ୱ ହାତୀ ଦିବସ ପାଳନ କରାଯାଇଛି। ଶାନ୍ତମୟ ଜଙ୍ଗଲୀ ହାତୀମାନଙ୍କୁ ହାତୀଘରେ ଏକ ବିଶେଷ ପୂଜା ସହିତ ସମ୍ବର୍ଦ୍ଧିତ କରାଯାଇଛି।



## କମେଣ୍ଟମରାକୁ ନେଇ ଏତଲା ଦେବାକୁ ଯାଉଥିବାବେଳେ ସଂଘବଦ୍ଧ ଆକ୍ରମଣ

# ଗୋଡ଼ାଇ ଗୋଡ଼ାଇ ହାଣିଲେ; ବଡ଼ଭାଇ ଗୁରୁତର

ବୈଶିଙ୍ଗା, ୧୨।୮ (ସମିସ): ମା’ ଏବଂ ସ୍ତ୍ରୀଙ୍କୁ ଅଶ୍ଳୀଳ କମେଣ୍ଟ ମାରିବାକୁ କେନ୍ଦ୍ରକରି ବୈଶିଙ୍ଗା ଥାନା ପୁରୁଣିଆ ଉପକଣ୍ଠ ଡାଳଭଙ୍ଗା ଛକରେ ଦୁଇଭାଇଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଫଳରେ ବଡ଼ଭାଇ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ସାନ ଭାଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଦୁଇଭାଇ ଥାନାରେ ଅଭିଯୋଗ କରିବାକୁ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଗ୍ରାମର ହରେକୃଷ୍ଣ ପାଢ଼ୀଙ୍କ ପୁଅ ଶ୍ରୀରାମ ପାଢ଼ୀଙ୍କ ଅଭିଯୋଗ ମୁତାବକ, ତାଙ୍କ ମା’ ବୀଣାପାଣି ପାଢ଼ୀ ଓ ସ୍ତ୍ରୀ ମାମା ପାଢ଼ୀ ପୁରୁଣିଆସ୍ଥିତ ଫାର୍ମହାଉସକୁ ସୋମବାର ଯାଉଥିବା ବେଳେ ଆମ୍ବବଗିଚାଠାରେ ଆକ୍ରମଣକାରୀମାନେ ସେମାନଙ୍କୁ କମେଣ୍ଟ ମାରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଥିଲା ଏବଂ ଥାନାକୁ ଆସି ଏତଲା ଦେବାକୁ ଅଭିଯୋଗକାରୀଙ୍କୁ କହିଥିଲା ପୁଲିସ। ଅପରାହ୍ନରେ ଶ୍ରୀରାମ ପାଢ଼ୀ ବଡଭାଇ କାର୍ତ୍ତିକଚନ୍ଦ୍ର ପାଢ଼ୀଙ୍କ ସହିତ ଏତଲା ଦେବାକୁ ବୈଶିଙ୍ଗା ଥାନାକୁ ଯାଉଥିବାବେଳେ ପୂର୍ବରୁ ପୁରୁଣିଆ ଉପକଣ୍ଠ ଡାଳଭଙ୍ଗା ଛକରେ ଜଗି ରହିଥିବା ୮ରୁ ୧୦ଜଣ ବ୍ୟକ୍ତି ହାତରେ କଟୁରୀ, ବନ୍ଧୁକ, ଭୁଜାଲିରେ ଆକ୍ରମଣ କରିଥିଲେ। ହେଲେ ଶ୍ରୀରାମ ପାଢ଼ୀ କୌଶଳକ୍ରମେ ଘଟଣାସ୍ଥଳରୁ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିଲେ; କିନ୍ତୁ ବଡଭାଇ କାର୍ତ୍ତିକଙ୍କୁ ସେମାନେ ସଂଘବଦ୍ଧ ହୋଇ ହାଣି ଚାଲିଥିଲେ। ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ ଦ୍ୱାରା କାର୍ତ୍ତିକଙ୍କ ମୁଣ୍ଡ, ମୁହଁ, ହାତ, ଛାତି, ଗୋଡ଼ ସମେତ ବିଭିନ୍ନ ସ୍ଥାନରେ ଗଭୀର ଆଘାତଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଚେତାଶୂନ୍ୟ ହୋଇ କାର୍ତ୍ତିକ ତଳେ ପଡ଼ିଯିବାରୁ ଅଭିଯୁକ୍ତମାନେ ମରିଗଲା ଭାବି ଫେରାର ହୋଇଯାଇଥିଲେ। ପରେ କାର୍ତ୍ତିକଙ୍କୁ ଉଦ୍ଧାରକରି ପ୍ରଥମେ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାଲେଶ୍ୱର ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଚାରାରୋପଣକୁ କେନ୍ଦ୍ରକରି ଗଣ୍ଡଗୋଳ

ବୈଶିଙ୍ଗା, ୧୨।୮ (ସମିସ): ରାକ୍ଷୀ ପୂର୍ଣ୍ଣିମା ଦିନ ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଗ୍ରାମର ମହୁଲପତଡ଼ି ପଡ଼ିଆରେ ‘ମା’ ପାଇଁ ଗଛଟିଏ’ ଅଭିଯାନରେ ଅଞ୍ଚଳର ଶତାଧିକ ଲୋକ ବୃକ୍ଷ ରୋପଣ କରୁଥିବାବେଳେ ସେହି ଗ୍ରାମର ଅନ୍ୟ ଏକ ଗୋଷ୍ଠୀର ଶତାଧିକ ଲୋକ ଏହାକୁ ବିରୋଧ କରିଥିଲେ। ଫଳରେ ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ପହଞ୍ଚିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ତେବେ ଏହି ଘଟଣାକୁ କେନ୍ଦ୍ରକରି ମଙ୍ଗଳବାର ଶତାଧିକ ଲୋକ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ; ରାକ୍ଷୀ ପୂର୍ଣ୍ଣିମା ଦିନ ଦଳେଇ ସାହି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ମା’ ପାଇଁ ଗଛଟିଏ ଅଭିଯାନରେ ସାମିଲ ହୋଇ ମହୁଲପତଡ଼ି ପଡ଼ିଆରେ ୫ ଶହରୁ ଅଧିକ ଚାରା ଲଗାଉଥିଲେ। ଏହି ସମୟରେ ଦୁର୍ଗାପୁର ଗ୍ରାମର ଶତାଧିକ ଲୋକ ପହଞ୍ଚି ଗଛ ଲଗାଇବାକୁ ବାରଣ କରିଥିଲେ। ପରେ ସେମାନେ ଲଗାଯାଇଥିବା ଗଛକୁ ଉପାଡ଼ି ଦେଇଥିଲେ। ସେମାନେ କହିଥିଲେ ଯେ, ଆମ ବାପା ଜେଜବାପା ସମୟରୁ ଏହି ପଡ଼ିଆକୁ ଶ୍ମଶାନ ଭାବେ ବ୍ୟବହାର କରିଆସୁଛୁ। ଏହି ସ୍ଥାନରେ ପୂର୍ବପୁରୁଷଙ୍କ ସମାଧି ମଧ୍ୟ ରହିଛି। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ପରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା। ସେହିଦିନ ସନ୍ଧ୍ୟାରେ ୨ ଗୋଷ୍ଠୀ ବୈଶିଙ୍ଗା ଥାନାରେ ଆସି ଆପୋଷ ବୁଝାମଣା କରିଥିଲେ। ତହସିଲଦାରଙ୍କ ଅନୁସନ୍ଧାନ ପରେ ସେ ପଡ଼ିଆ କିଏ ବ୍ୟବହାର କରିବ ତାହା ନିଷ୍ପତ୍ତି ହେବ ବୋଲି ସ୍ଥିର ହୋଇଥିଲା। ପୁଣି ଦଳେଇସାହି ଗ୍ରାମର ଶତାଧିକ ଲୋକ ଓ ୱାର୍ଡସଭ୍ୟ ଆସି ବୈଶିଙ୍ଗା ଥାନାରେ ଦୁର୍ଗାପୁର ଗ୍ରାମର କିଛି ଲୋକଙ୍କ ବିରୋଧରେ ଫେରାଦ ହୋଇଛନ୍ତି। ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମଦ୍ୟପ କନଷ୍ଟେବଲ ନିଲମ୍ବିତ



ବାରିପଦା, ୧୨।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା କନଷ୍ଟେବଲ ଅନିଲ ଗିରିଙ୍କୁ ଏସପି ବରୁଣ ଗୁଣ୍ଟୁପାଲ୍ଲି ଚାକିରିରୁ ନିଲମ୍ବିତ କରିଛନ୍ତି। ବିଭାଗୀୟ ବିଶୃଙ୍ଖଳା, ଡିଉଟିରେ ଥାଇ ମଦ୍ୟପାନ କରିବା, କାର୍ଯ୍ୟରେ ଅବହେଳା ତଥା ଖାକି ପୋଷାକର ଅପବ୍ୟବହାର କରିବା ଭଳି ଅଭିଯୋଗରେ ଏସପି ତାଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି।

## ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା



ବାରିପଦା, ୧୨।୮ (ସମିସ): ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ସ୍ୱାଧୀନତା ଦିବସ ଉପଲକ୍ଷେ ‘ବର୍ଷା ଋତୁରେ ପଲ୍ଲୀର ଦୃଶ୍ୟ’ ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଲିପ୍ସା ପ୍ରିୟଦର୍ଶିନୀ ମଣ୍ଡଳ, ସ୍ୱୟଙ୍ଗ ଜ୍ୟୋତି ବେହେରା ଓ ଅପୂର୍ବ ନାଥ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାକୁ କଲ୍ୟାଣୀ ମହିଳା ସମିତିର ସମ୍ପାଦକ କଳ୍ପନା ଷଡ଼ଙ୍ଗୀ ତଥା ବୀଣାପାଣି ପଣ୍ଡା, ଅର୍ଚ୍ଚନା ମହାପାତ୍ର, ପ୍ରତିଭା ମିଶ୍ର, କାନନ ଆଢ଼୍ୟା, ବାସନ୍ତୀଲତା ମହାପାତ୍ର, ପ୍ରଭାତୀ ପାଣିଗ୍ରାହୀ, ନନ୍ଦିନୀ ପାଇଗ୍ରାହୀ, କବିତା ଗୋଛାୟତ, ଅଞ୍ଜଳି ପଣ୍ଡା, ପୁଷ୍ପା ପଣ୍ଡା, ମାନୀ ମହାପାତ୍ର, ପ୍ରତିମା ଦାଶ, ଆରତୀ ସାହୁ ଓ ପ୍ରଭାକର ଧଳ ପରଚଳନାରେ ସହଯୋଗ କରିଥିଲେ।

## ଶରତ କଲେଜରେ ବିଶ୍ୱ ଯୁବ ଦିବସ ପାଳିତ

ଶରତ, ୧୨।୮ (ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁଥ୍ ରେଡକ୍ରସର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଭଗବାନ ପଣ୍ଡା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଛାତ୍ରଛାତ୍ରୀଙ୍କୁ ‘ଏକ ସୁସ୍ଥ ମଣିଷ ଏକ ସୁସ୍ଥ ସମାଜ ଗଠନ କରିଥା’ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇତିହାସ ଅଧ୍ୟାପକ ଅଶୋକ କୁମାର ସାହୁ, ଯୁଥ୍ ରେଡକ୍ରସ ପରାମର୍ଶଦାତା ମନୋରଞ୍ଜନ ବିହାରୀ, ଶିକ୍ଷା ବିଭାଗର ଅଧ୍ୟାପକ ଶୀତକଣ୍ଠ ଦାସ, ଅର୍ଥନୀତି ଅଧ୍ୟାପକ ଡମ୍ବରୁଧର ନାଏକ ଓ ଦର୍ଶନ ବିଭାଗର ଅଧ୍ୟାପିକା ପଙ୍କଜିନୀ ମହାନ୍ତ ପ୍ରମୁଖ ସୁସ୍ଥ ସମାଜ ଗଠନରେ ଯୁବ ଗୋଷ୍ଠୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋକପାତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା।

## ମହିଳା ଡିଗ୍ରୀ କଲେଜରେ ସଂସ୍କୃତ ସପ୍ତାହ ପାଳିତ



କରଞ୍ଜିଆ, ୧୨।୮ (ସମିସ): ପାଞ୍ଚପିଢ଼ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ପ୍ରିୟଦର୍ଶୀ ଘଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଂସ୍କୃତ ପ୍ରବନ୍ଧ, ସଂସ୍କୃତ ଅନୁବାଦ, ଶ୍ଳୋକ ଆବୃତ୍ତି, ସଂସ୍କୃତ ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ପ୍ରଣତି ବାରିକ, ବରିଷ୍ଠ ଅଧ୍ୟାପିକା ସେବତୀ ପୃଷ୍ଟି, ଚିନ୍ମୟୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଶୋଇ ବଜାରରେ ଜମୁଛି ଦେଶୀ ଆତର ପସରା

# ବେପାରୀଙ୍କୁ ଦେଉଛି ରୋଜଗାର



ବିଶୋଇ, ୧୨।୮ (ସମିସ): ଦେଶୀ ସୁସ୍ୱାଦ ଖାଦ୍ୟ ପାଇଁ ମୟୂରଭଞ୍ଜ ଜିଲ୍ଲା ସର୍ବଦା ଚର୍ଚ୍ଚାରେ ରହିଥାଏ। ଜିଲ୍ଲାର ଆଦିବାସୀ ଉପାନ୍ତ ଅଞ୍ଚଳ ତଥା ଦୈନିକ ହାଟ ବଜାରରେ ବିଭିନ୍ନ ଋତୁ ଅନୁଯାୟୀ ଦେଶୀ ଫଳ, ଜଙ୍ଗଲୀ ଛତୁ ଭଳି ବିଭିନ୍ନ ପ୍ରକାର ଦେଶୀ ଖାଦ୍ୟର ପସରା ଦେଖିବାକୁ ମିଳିଥାଏ। ତେବେ ଦେଶୀ ଖାଦ୍ୟ ପାଇଁ ଶିମିଳିପାଳ ପାଦଦେଶରେ ଥିବା ବିଶୋଇ ଅଞ୍ଚଳ ସମଗ୍ର ଜିଲ୍ଲାରେ ପରିଚୟ ସୃଷ୍ଟି କରିଛି। କଲିକତା-ମୁମ୍ବଇକୁ ସଂଯୋଗ କରୁଥିବା ୪୯ନଂ. ଜାତୀୟ ରାଜପଥ ଦେଇ ଯାଉଥିବା ବାହାର ଅଞ୍ଚଳର ପଥଚାରୀରାସ୍ତା କଡରେ କୌଣସି ଦେଶୀ ଖାଦ୍ୟ ଦେଖିଲା ମାତ୍ରେ ଗାଡି ରଖି ଖାଦ୍ୟ କିଣି ଖାଆନ୍ତି। ବର୍ତ୍ତମାନ ଏହି ଅଞ୍ଚଳରେ ଦେଶୀ ଆତର ଚାହିଦା ଦେଖିବାକୁ ମିଳୁଛି। ବିଶୋଇ ବଜାର ସମେତ ୪୯ ନଂ ଜାତୀୟ ରାଜପଥ କଡରେ ବିଭିନ୍ନ ଛକରେ ଦେଶୀ ଆତ ବିକ୍ରି ହେଉଛି। ବିଶେଷକରି ବିଶୋଇ ମୁଖ୍ୟ ବଜାରରେ ଦେଶୀ ଆତର ପସରା ଜମିଛି। ସକାଳ ହେଲା ମାତ୍ର ବ୍ୟବସାୟୀମାନେ ବିକ୍ରି ପାଇଁ କୁଇଣ୍ଟାଲ କୁଇଣ୍ଟାଲ ଆତ ଆଣି ବିଶୋଇ ବଜାର ଛକରେ ପସରା ମେଲାନ୍ତି। ଜଣେ କ୍ଷୁଦ୍ର ବେପାରୀ ଦୈନିକ କୁଇଣ୍ଟାଲ କୁଇଣ୍ଟାଲ ଆତ ବିକ୍ରି କରୁଥିବା ବେଳେ ବଡ଼ ବେପାରୀ ୩ରୁ ୪ଟି ପିକଅପ ଭ୍ୟାନରେ ଆତ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ବିଶୋଇ ବଜାରରେ ବର୍ତ୍ତମାନ ଦୁଇ ପ୍ରକାରର ଆତ ଦେଖିବାକୁ ମିଳୁଛି। ଗୋଟେ ଛୋଟ ଆକାରର ଆତ ଯାହାର ମୂଲ୍ୟ କେଜି ପ୍ରତି ୧୦୦ ଟଙ୍କା ଏବଂ ବଡ଼ ଆକାରର ଆତ ଯାହାର କେଜି ପିଛା ମୂଲ୍ୟ ମାତ୍ର ୧୫୦ ଟଙ୍କା ରହିଛି ବୋଲି ବେପାରୀମାନେ କହିଛନ୍ତି। ଆତ ବେପାରୀ ସୁରେନ୍ଦ୍ର ନାଏକ କହନ୍ତି ଯେ, ସେ ପ୍ରତ୍ୟେକ ଦିନ ୩ରୁ ୪ କୁଇଣ୍ଟାଲ ଆତ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି। ସେଥିମଧ୍ୟରୁ କିଛି ଆତ ସ୍ଥାନୀୟ ଅଞ୍ଚଳରେ ଖୁଚୁରା ବିକ୍ରି କରୁଥିବା ବେଳେ କିଛି ପ୍ୟାକିଂ କରି ବସ୍ ଯୋଗେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟ ସମେତ ବାଲେଶ୍ୱର, ଭଦ୍ରକ ଜିଲ୍ଲାକୁ ମଧ୍ୟ ପଠାନ୍ତି। ଜୁନରୁ ଅକ୍ଟୋବର ପର୍ଯ୍ୟନ୍ତ ଆତ ବେପାର ଜମେ ବୋଲି ସେ କହିଛନ୍ତି। ଏହି ସମସ୍ତ ଆତ ଦୈନିକ ନିଜେ ସଂଗ୍ରହ କରିବା ସହିତ ଗ୍ରାମାଞ୍ଚଳରୁ ଗୋଟା ପ୍ରତି ୬ରୁ ୮ ଟଙ୍କା ଦରରେ କିଣା ହୁଏ। ତେବେ ଆତ ସହିତ ସୁରେନ୍ଦ୍ର ଦେଶୀ ପିଜୁଳି, ଲେମ୍ବୁ, ଜଙ୍ଗଲୀ ଛତୁ ମଧ୍ୟ ବିକ୍ରି କରିଥାନ୍ତି। ସେହିପରି ବିଭିନ୍ନ ଛକ ତଥା ଗ୍ରାମରେ ବସୁଥିବା ହାଟଗୁଡିକରେ ଅଞ୍ଚଳରେ ଭାଗ ହିସାବରେ ଆତ ବିକ୍ରି କରିଥାନ୍ତି। ଗୋଟିଏ ଭାଗ ୩୦ ଟଙ୍କାରୁ ଆରମ୍ଭ ହୋଇ ୮୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ।

# ମୋବାଇଲ ଲୁଟେରା ଗ୍ୟାଙ୍ଗର କିଙ୍ଗପିନ୍ ଓ ଗ୍ରାହକ ଗିରଫ

**ଏକାଧିକ ଚୋରି ମୋବାଇଲ ଉଦ୍ଧାର**

ବୈଶିଙ୍ଗା, ୧୨।୮ (ସମିସ): ବାଲେଶ୍ୱର ଓ ମୟୁରଭଞ୍ଜ ସମେତ ବିଭିନ୍ନ ଜିଲ୍ଲାରେ ମୋବାଇଲ ଛିନତାଇ କରି ନିମିଷକେ ଗାଏବ ହୋଇଯାଉଥିବା ମୋବାଇଲ ଲୁଟେରା ଗ୍ୟାଙ୍ଗର କିଙ୍ଗପିନକୁ ବସ୍ତା ଥାନା ଅଞ୍ଚଳରୁ ବୈଶିଙ୍ଗା ପୁଲିସ ଗିରଫ କରିଛି। ଲୁଟେରାଙ୍କ ଠାରୁ ଚୋରା ମୋବାଇଲ କିଣୁଥିବା ଗ୍ରାହକକୁ ମଧ୍ୟ ଗିରଫ କରିଛି। ଗିରଫ ଲୁଟେରା ଗ୍ୟାଙ୍ଗର କିଙ୍ଗପିନ ହେଲେ ବସ୍ତା ଥାନା ଅଧୀନ ବାରମାଡିଆ ଗ୍ରାମର ବିଦ୍ୟାଧର ଜେନାର ପୁଅ ଚିତ୍ତରଞ୍ଜନ ଜେନା ଓରଫ ରାଜୁ (୨୬) ଏବଂ ଚୋରା ମୋବାଇଲ କିଣିଥିବା ଗ୍ରାହକ ମୂଳିଦା ଗ୍ରାମର ମଧୁସୂଦନ ଯେନାଙ୍କ ପୁଅ ଶ୍ରୀଧର ଜେନା ଓରଫ କୁନ୍ଥା (୨୮)। ଶନିବାର ପୂର୍ବାହ୍ନରେ ଅଁଳା କଲେଜ ନିକଟରେ ଏକ ସ୍କୁଟିରେ ୨ଜଣ ଦୁର୍ବୃତ୍ତ ପଛପଟୁ ଆସି ଅଙ୍ଗନବାଡି ଦିଦିଙ୍କ ଠାରୁ ମୋବାଇଲ ଝାମ୍ପି ନେଇ ଚମ୍ପଟ ମାରୁଥିବାବେଳେ ସ୍ଥାନୀୟ ଲୋକ ଜଣେ ଲୁଟେରାକୁ କାବୁ କରିଥିଲେ। ହେଲେ ମୁଖ୍ୟ ଅଭିଯୁକ୍ତ ମୋବାଇଲ ନେଇ ଚମ୍ପଟ ମାରିଥିଲା। ପୁଲିସ ଲୁଟେରା ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ବାଉଁଶମୁଖା ଗ୍ରାମର ଓମପ୍ରକାଶ ମହାନ୍ତିକୁ ଗିରଫ କରିଥିଲା। ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଓମପ୍ରକାଶକୁ କୋର୍ଟ ଚାଲାଣ କରିଛି। ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଏକ ଟିମ ଗଠନ କରିଥିଲେ। ଗତକାଲି ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବସ୍ତା ଥାନା ଅଞ୍ଚଳରୁ ଲୁଟେରା ଗ୍ୟାଙ୍ଗର କିଙ୍ଗପିନ କୁହାଯାଉଥିବା ରାଜୁକୁ ଗିରଫ କରିଥିଲେ। ପରେ ତାଠାରୁ ସୂଚନା ସଂଗ୍ରହ କରି ଏହି ଚୋରା ମୋବାଇଲକୁ କିଣୁଥିବା ସେହି ଥାନା ଅଞ୍ଚଳର କୁନ୍ଥାକୁ ବି ଗିରଫ କରିଥିଲେ ଏବଂ ତା’ ନିକଟରୁ ଏକାଧିକ ମୋବାଇଲ ଉଦ୍ଧାର କରିଥିଲେ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଛିନ୍‌ତାଇ କରି ଧରାପଡ଼ିଲେ ୩ ଯୁବକ

କୁଆମରା, ୧୨।୮ (ସମିସ): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚପଲ୍ଲୀ କଲେଜ ନିକଟରେ ସୋମବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କଠାରୁ ୩ ଜଣ ଦୁର୍ବୃତ୍ତ ମୋବାଇଲ ଛଡାଇ ନେଇ ଖସି ପଳାଇଥିବାବେଳେ ପୁଲିସ ହାତରେ ଧରାପଡ଼ିଛନ୍ତି। ସୂଚନା ମୁତାବକ, ଯୁବତୀ ଜଣକ ମୋବାଇଲ ଧରି ରାସ୍ତାରେ କଥାହୋଇ ଯାଉଥିବା ବେଳେ ପଛ ପଟୁ ଏକ ବାଇକ୍‌ରେ ୩ ଜଣ ଯୁବକ ପହଞ୍ଚି ଫୋନକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଯୁବତୀଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପିଛା କରିଥିଲେ। ତେବେ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ଭାରସାମ୍ୟ ହରାଇ ରାସ୍ତା ମଝିରେ ବାଇକ ସହ କଚାଡି ହୋଇ ପଡ଼ିଥିଲେ। ଫଳରେ ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ଥିବା ବେଳେ ଆଉ ଦୁଇ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଅଟକ ରଖି ଖୁଣ୍ଟା ଥାନାକୁ ଖବର ଦେବା ପରେ ପୁଲିସ ଗିରଫ କରିଛି। ଆହତ ଦୁର୍ବୃତ୍ତଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ବୃତ୍ତଙ୍କ ଘର ବାଲେଶ୍ୱର ଜିଲ୍ଲା ରେମୁଣା ଓ ମୁଖୁରା ଅଞ୍ଚଳ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି।

## ହର୍ ଘର୍ ତିରଙ୍ଗା ଅଭିଯାନ

ରାଇରଙ୍ଗପୁର, ୧୨।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶବ୍ୟାପୀ ହର ଘର ତିରଙ୍ଗା ଅଭିଯାନ ଅନ୍ତର୍ଗତ କେନ୍ଦ୍ରୀୟ ବିଦ୍ୟାଳୟରେ ଏକ ରାଲି ବାହାରିଥିଲା। ଏହି ସମୟରେ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ଏବଂ ଦେଶପ୍ରେମ ସ୍ଲୋଗାନ ସହିତ ପ୍ଲାକାର୍ଡ ଧରି ରାଲିରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ଭାରତ ମାତା କୀ ଜୟ ଏବଂ ବନ୍ଦେ ମାତରମ୍ ସ୍ଲୋଗାନ ଦେଇ ରାଲିରେ ଚାଲି ଚାଲିଥିଲେ। ଏଥିସହିତ ଶିକ୍ଷକମାନେ ଛାତ୍ରମାନଙ୍କ ସହିତ କେବଳ ଜାତୀୟ ପର୍ବପର୍ବାଣିରେ ନୁହେଁ, ସବୁବେଳେ ତ୍ରିରଙ୍ଗାକୁ ସମ୍ମାନର ସହିତ ଉତ୍ତୋଳନ କରିବା ଏବଂ ଏହାକୁ ସଂରକ୍ଷଣ କରିବା ପାଇଁ ଶପଥ ନେଇଥିଲେ। ପ୍ରଧାନଶିକ୍ଷକ ସମଶେର ପଟେଲ ମଧ୍ୟ ପିଲାଙ୍କୁ ଦେଶପ୍ରେମ ବିଷୟରେ ବିଭିନ୍ନ ସୂଚନା ଦେଇଥିଲେ।

## କଥାକାର ଧନେଶ୍ୱର ପଣ୍ଡାଙ୍କ ସ୍ମୃତିଚାରଣ ସଭା



ବାରିପଦା, ୧୨।୮ (ସମିସ): ସୋମବାର ବାରିପଦା ସହରର ୧୧ ନଂ. ୱାର୍ଡ ନହରପଦାସ୍ଥିତ ସାଇଶ୍ୟାମ ମଣ୍ଡପରେ ବିଶିଷ୍ଟ କଥାକାର ସ୍ୱର୍ଗତ ଧନେଶ୍ୱର ପଣ୍ଡାଙ୍କ ଏକାଦଶାହ ଅବସରରେ ‘ଆଶାଦେବୀ ସ୍ମୃତି ପରିଷଦ’ ଆନୁକୂଲ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବହୁ ଧନେଶ୍ୱର ପ୍ରେମୀ, ବର୍ଷିୟାନ୍ ସାହିତ୍ୟିକ, ଜ୍ଞାନୀ, ଗୁଣି, ବରିଷ୍ଠ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଅନନ୍ୟ ସାରସ୍ୱତ କୃତୀ, ପ୍ରଚଣ୍ଡ ପ୍ରତିଭା, ଆଦର୍ଶ ବ୍ୟକ୍ତିତ୍ୱ, ତ୍ୟାଗପୂତ ସେବା ଓ ଧାର୍ମିକ ଚେତନାର ଗୁଣଗାନ କରି ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ। ଆଶିଷ କୁମାର ବଶା, କୈବଲ୍ୟ ମହାପାତ୍ର, ମୋହିତ କୁମାର ଷଡ଼ଙ୍ଗୀ, ରବୀନ୍ଦ୍ର ବେହେରା, ଅକ୍ଷୟ ନାୟକ, ଅଜିତ କବାଟ, ହିମାଂଶୁ ଶେଖର ଦାସ, ଅଶୋକ କୁମାର ପଲେଇ, ରାଜେନ୍ଦ୍ର ସାମଲ, ଭାଗବତ ପଣ୍ଡା, ନରସିଂହ ବାରିକ, ବାସନ୍ତୀ ମହାପାତ୍ର, ପଦ୍ମନାଭ ସାହୁ, ପୁତ୍ର ଦେବକାନ୍ତ ପଣ୍ଡା, ରବୀନ୍ଦ୍ର ପରିଡ଼ା, ଅଜିତ୍ ପାଣିଗ୍ରାହୀ, ରତ୍ନପ୍ରଭା ବେହେରା ପ୍ରମୁଖ ଉପସ୍ଥିତକ ଥିଲେ। ସଭାରେ ଡଃ ଅବନୀ କୁମାର କୁଣ୍ଡୁ, ରାକେଶ ସିଂ, ରବୀନ୍ଦ୍ର ଦତ୍ତ, ମନୋଜ ଦଳବେହେରା, ମେଘମାଳା ବେହେରା, ସୁରେନ୍ଦ୍ର ନାଥ ବେହେରା, ପାର୍ବତୀ ଦେ, ମାମି ପଣ୍ଡା ସମେତ ଆତ୍ମୀୟସ୍ୱଜନ ମଧ୍ୟ ଉପସ୍ଥିତ ଥିଲେ।




## ବାସନ୍ଦ ପରିବାରକୁ ସେଙ୍ଗେଲର ସହଯୋଗ

# ଧାନ ରୋଇବାରେ ସହାୟତା କଲେ କାର୍ଯ୍ୟକର୍ତ୍ତା



ଶରତ, ୧୨।୮ (ସମିସ): କପ୍ତିପଦା ଉପଖଣ୍ଡ ସେଙ୍ଗେଲ ପାର୍ଗାନା ସହ ଖୁଣ୍ଟା ବ୍ଲକ ସେଙ୍ଗେଲ ସଭାପତି ଉଦୟନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ୪ଟି ବ୍ଲକର ସେଙ୍ଗେଲ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଶରତ ଥାନା ଅନ୍ତର୍ଗତ କେଶପାଳା ଗ୍ରାମର ସାମାଜିକ ବାସନ୍ଦ ପରିବାର ସାଗ୍ରାମ ସୋରେନଙ୍କ ଚାଷଜମିରେ ହଳ କରାଇ ବିନା ମୂଲ୍ୟରେ ଧାନ ରୋଇବାରେ ସହଯୋଗ କରିଥିଲେ। ଶ୍ରୀ ସୋରେନ ସମାଜରେ ସୁଧାର ପାଇଁ ଯେ କୌଣସି ନିଶାଦ୍ରବ୍ୟ, ହାଣ୍ଡିଆ ପରିବାରକୁ ନଷ୍ଟ ଭ୍ରଷ୍ଟ କରିଦେଉଛି। ଏହା ପରମ୍ପରା ନାମରେ ବ୍ୟବହାର କରିବା ଭୁଲ। ତେଣୁ ନିଶାଦ୍ରବ୍ୟ ହାଣ୍ଡିଆ ନିଶାକୁ ବ୍ୟବହାର ନକରି ନିଜ ବାପାଙ୍କର ଶୁଦ୍ଧିକ୍ରିୟା ନିର୍ମଳ ଜଳ (ଶୁଦ୍ଧ ଜଳ)ରେ କରିଥିବାରୁ ଅସାମ୍ବିଧାନିକ ଭାବେ ମାଝୀ ପାର୍ଗାନା ମହଲ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ନିର୍ଦ୍ଦେଶରେ ରୂଢ଼ି ପ୍ରଥା ସମ୍ବିଧାନ ଆଇନ ବିରୋଧୀ (ଜଙ୍ଗଲ ରାଜ) ଭାବେ ଗ୍ରାମବାସୀ ସାମାଜିକ ବାସନ୍ଦ କରିଛନ୍ତି। ତେଣୁ ତାଙ୍କ ଜମିରେ ହଳ କରିବା ପାଇଁ ଟ୍ରାକ୍ଟର, ପାୱାରଟିଲର, ମୂଲିଆ ଆଦିଙ୍କୁ କାହାରିକୁ ଗ୍ରାମବାସୀ ଆସିବାକୁ ଦେଉନଥିବାରୁ ତାଙ୍କ ପରିବାରକୁ ଚଳପ୍ରଚଳ କରିବାରେ ବହୁତ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ତେବେ ପରିବାରର ଏଭଳି ପରିସ୍ଥିତିରେ ଓଡ଼ିଶା ପ୍ରଦେଶ ସେଙ୍ଗେଲ କମିଟି ତରଫରୁ ଘର ଛାଉଣୀ ପାଇଁ ତାରପୋଲିନ, ଚାଉଳ ଏବଂ ଚଳିବା ପାଇଁ ଟଙ୍କା ଆଦି ସହାୟତା କରାଯାଇଥିଲା। ଆଜି ମଧ୍ୟ ଆଦିବାସୀ ସେଙ୍ଗେଲ ଅଭିଯାନ ତରଫରୁ ତାଙ୍କର ବିଲକୁ ଟ୍ରାକ୍ଟରରେ ହଳ କରାଇ ଧାନ ରୋଇବାରେ ସହଯୋଗ କରିଥିଲେ। ତେବେ ହାଣ୍ଡିଆ ଭଳି ନିଶାଦ୍ରବ୍ୟ ପାଇଁ ଈର୍ଷା-ଦ୍ୱେଷ କରିବା, ଅନ୍ୟାୟ, ଅତ୍ୟାଚାର ଆଦି ବନ୍ଦ କରାଯାଇ ସାମାଜିକ ବାସନ୍ଦ କରିବା ପ୍ରଥାକୁ ହଟାଇ କେଶପାଳା ଗ୍ରାମର ସମସ୍ତ ସ୍ତ୍ରୀ-ପୁରୁଷ, ଭାଇ-ବନ୍ଧୁମାନେ ମିଳିମିଶି ଭଲରେ ରହି ସୁଖ-ଶାନ୍ତି ପ୍ରତିଷ୍ଠା କରି କେଶପାଳା ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବରେ ଗଠନ କରନ୍ତୁ ଏବଂ ପୁଲିସ ମଧ୍ୟ ଏଭଳି ଅମାନବୀୟ ସମ୍ବିଧାନ ଆଇନ ବିରୋଧୀ କୁକାର୍ଯ୍ୟକୁ ହଟାଇବା ପାଇଁ ସେଙ୍ଗେଲ କାର୍ଯ୍ୟକର୍ତ୍ତା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ନିବେଦନ କରିଛନ୍ତି। ଏହି ଅବସରରେ କରଞ୍ଜିଆ ପାଞ୍ଚପିଢ ଉପଖଣ୍ଡ କମିଟିର ସେଙ୍ଗେଲ ସଭାପତି- ପିଥ ମାଝୀ, ଯଶିପୁର ବ୍ଲକ ସେଙ୍ଗେଲ ସଭାପତି- ମେଘରାୟ ସୋରେନ୍, ଠାକୁରମୁଣ୍ଡା ବ୍ଲକ ସେଙ୍ଗେଲ ସଭାପତି- ସିଧିଲାଲ ମୁର୍ମୁ, କେଉଁଝର ଜିଲ୍ଲା ସେଙ୍ଗେଲ ପାରଗାନା- ଗୁନାରାମ ମୁର୍ମୁ, ଘସିପୁରା ବ୍ଲକ ସେଙ୍ଗେଲ ପାରଗାନା- ବଳରାମ ଟୁଡୁ ସହ ୫୬ ଜଣ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ।


**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.
**Statement of Financial Results For the Quarter Ended 30th June 2025**
(Rs.in Lakhs)

| Sl. No. | Particulars | Quarter Ended 30.06.2025 (Reviewed) | Quarter Ended 30.06.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025



ପୃଥିବୀ ଏକ ବ୍ୟାୟାମଶାଳା, ଯାହାର ବିଭିନ୍ନ ଉପାଦାନକୁ ଉପଯୋଗ କରି ଆମେ ନିଜକୁ ଦକ୍ଷ ଓ ଶକ୍ତ କରିପାରିବା।
-ବିବେକାନନ୍ଦ

ସକାଳ
THE SAKALA

# ବାଡ଼ ଯଦି କ୍ଷେତ ଖାଏ

ସ୍ୱାଧୀନତାର ୭୮ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତରେ ଏକ ଅଭାବନୀୟ ଓ ଉଦ୍‌ବେଗଜନକ ଘଟଣା ଘଟିଛି, ଯେଉଁଥିରେ ପ୍ରାୟ ୩୦୦ ସାଂସଦ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳାଧାର ହେଉଛି ନିର୍ବାଚନ। ଏହି ପ୍ରକ୍ରିୟା ଯେତେ ସ୍ୱଚ୍ଛ, ନିରପେକ୍ଷ ଓ ଅବାଧ ହେବ ସାମ୍ବିଧାନିକ ମୂଲ୍ୟବୋଧ ସେତିକି ସୁଦୃଢ଼ ଏବଂ ଗଣଙ୍କ ପ୍ରତି ଶାସନ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ସେତିକି ପ୍ରତୀକାତ୍ମକ ହେବ। କିନ୍ତୁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଜନପ୍ରତିନିଧିମାନେ ହିଁ ଯେତେବେଳେ ନିର୍ବାଚନର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି, ସ୍ୱାଭାବିକ ଭାବେ ସମଗ୍ର ବିଶ୍ୱର ଦୃଷ୍ଟି ଭାରତ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହାକୁ କେବଳ ବିରୋଧୀ ଆଳରେ ବିରୋଧ କିମ୍ବା ରାହୁଲ୍ ଗାନ୍ଧୀଙ୍କ ମସ୍ତିଷ୍କ ପ୍ରସୂତ କହି ଏଡ଼ାଇ ଦେବା ଭଳି ଘଟଣା ନୁହେଁ। କେଉଁଠି ନା କେଉଁଠି ନିର୍ବାଚନ ପ୍ରକ୍ରିୟାରେ ତ୍ରୁଟି ଓ ପକ୍ଷପାତିତାର ଗନ୍ଧ ବାରି ହେଉଛି, ଯାହା ଫଳରେ ଏତେ ସଂଖ୍ୟକ ଗୁଣୀ, ଜ୍ଞାନୀ ନୀତି ନିର୍ଦ୍ଧାରକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ପଡ଼ିଛି। ଯଦି ସାଂସଦମାନଙ୍କ ଅଭିଯୋଗ ସତ ସାବ୍ୟସ୍ତ ହୁଏ କିମ୍ବା ନିର୍ବାଚନ ଆୟୋଗଙ୍କ ଭୂମିକା ସନ୍ଦେହାସ୍ପଦ ହୁଏ ତେବେ ଗଣତନ୍ତ୍ରର ଭବିଷ୍ୟତ ପ୍ରତି ତାହା ଶୁଭଙ୍କର ନୁହେଁ ବୋଲି ଧରାଯିବ।

ଲକ୍ଷ୍ୟ କରିବାର କଥା ଗତ କିଛି ମାସ ଧରି ଗଣତନ୍ତ୍ରର ମୂଳାଧାରର ମୁଖ୍ୟ ପରିଚାଳନା ଦାୟିତ୍ୱରେ ଥିବା ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରା ବିବାଦାସ୍ପଦ ହୋଇଛି ଏବଂ ପବିତ୍ର ସାମ୍ବିଧାନିକ ସଂସ୍ଥାର ମର୍ଯ୍ୟାଦା ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଛି। ଗତ ଲୋକସଭା ନିର୍ବାଚନରେ ଭୋଟଦାନ ହାର ଓ ଭୋଟ ଗଣତି ଫଳାଫଳରେ ଥିବା ତାରତମ୍ୟକୁ ନେଇ ଉଠିଥିବା ପ୍ରଶ୍ନ ନିର୍ବାଚନ ଆୟୋଗଙ୍କୁ ବିବାଦ ଭିତରକୁ ଟାଣିଥିଲା, ଯାହା ପରବର୍ତ୍ତୀ ସମୟରେ ହରିଆଣା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପରେ ଆହୁରି ଘନୀଭୂତ ହୋଇଥିଲା। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟଦାନ ସମୟରେ ବୁଥ୍‌ୱାରୀ ଭୋଟର ସଂଖ୍ୟା, ଭୋଟଦାନ କେନ୍ଦ୍ରରେ ଭୋଟଦାନ ପରିମାଣ, ସନ୍ଧ୍ୟା ପରେ ପଡ଼ିଥିବା ଭୋଟ ସଂଖ୍ୟାରେ ଜଳଜଳ ଦିଶୁଥିବା ଅସ୍ୱାଭାବିକତା ଓ ଅନିୟମିତତାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଯେତେଗୁଡ଼ିଏ ତଥ୍ୟ ସମ୍ବଳିତ ପ୍ରଶ୍ନ ଗଣମାଧ୍ୟମ ଜରିଆରେ ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରିଥିଲେ ତାହାର ସନ୍ତୋଷଜନକ ସ୍ପଷ୍ଟୀକରଣ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସେହି ମାଧ୍ୟମରେ ପ୍ରକାଶ ନ ପାଇ ଶ୍ରୀଗାନ୍ଧୀଙ୍କୁ ବ୍ୟକ୍ତିଗତ ଭାବେ ସୂଚିତ କରାଯାଇଥିବା କୁହାଯାଇଥିଲା। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୂଚନା ଅଧିକାର ଓ ଅଭିବ୍ୟକ୍ତିର ସ୍ୱାଧୀନତା ସୁନିଶ୍ଚିତ କରୁଥିବା ରାଷ୍ଟ୍ରରେ ସ୍ୱଚ୍ଛତାର ପ୍ରମାଣ ଓ ସ୍ପଷ୍ଟୀକରଣ ପାଇଁ ଗଣମାଧ୍ୟମଠାରୁ ବଳି ଅଧିକ ଉତ୍ତମ ବିକଳ୍ପ ନ ଥାଇପାରେ। ଅଥଚ ନିର୍ବାଚନ ଆୟୋଗ କାହିଁକି ଏହି ବିକଳ୍ପକୁ ବ୍ୟବହାର କଲେ ନାହିଁ ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରୁଛି।

କଂଗ୍ରେସ ଓ ରାହୁଲ୍ ଗାନ୍ଧୀ ଏହି ଅଭିଯୋଗ ଆଣିବାର ବହୁ ପୂର୍ବରୁ ୨୦୨୪ ସାଧାରଣ ନିର୍ବାଚନ ପରେ ଓଡ଼ିଶାରେ ବିଜେଡି ମଧ୍ୟ ନିର୍ବାଚନ ପ୍ରକ୍ରିୟାରେ ଅସ୍ୱାଭାବିକ ତାରତମ୍ୟକୁ ନେଇ ନିର୍ବାଚନ ଆୟୋଗଙ୍କୁ ଫେରାଦ ହୋଇଥିଲା। ଓଡ଼ିଶାରେ ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମ୍‌ରେ ପଡ଼ିଥିବା ଭୋଟ ସଂଖ୍ୟା ତୁଳନାରେ ଗଣତି ହୋଇଥିବା ଭୋଟ ସଂଖ୍ୟା ଏବଂ ସଂସଦୀୟକ୍ଷେତ୍ରର ଭୋଟ ସଂଖ୍ୟା ତୁଳନାରେ ଅଧୀନସ୍ଥ ବିଧାନସଭା ମଣ୍ଡଳୀର ଭୋଟ ସଂଖ୍ୟାରେ ଅସଙ୍ଗତି ରହିଥିଲା। ଭୋଟଦାନ ଧାର୍ଯ୍ୟ ସମୟ ପରେ ପଡ଼ିଥିବା ଭୋଟ ହାର ୭ରୁ ୩୦ ପ୍ରତିଶତ ଯାଏଁ ଥିଲା। ବିଜେଡି ପକ୍ଷରୁ ନିର୍ବାଚନ ଆୟୋଗଙ୍କ ଏସବୁ ତଥ୍ୟ ସମ୍ବଳିତ ଅଭିଯୋଗପତ୍ର ଦାଖଲ କରାଯାଇ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାର ଅଡିଟ୍ ପାଇଁ ଦାବି କରାଯାଇଥିଲା। ଅଥଚ ନିର୍ବାଚନ ଆୟୋଗ ଏହାକୁ ଗୁରୁତ୍ୱ ଦେଲେ ନାହିଁ କି ନିୟମ ଅନୁଯାୟୀ ନିର୍ବାଚନ ପରେ ଉଦ୍ଦିଷ୍ଟ ଫର୍ମ-୧୭ସି ପ୍ରଦାନ କଲେ ନାହିଁ। ଏଣୁ ବିଜେଡି ଏବେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ନେବା ପାଇଁ ଚିନ୍ତା କରୁଛି।

ଏଭଳି ଏକ ବିବାଦୀୟ ଘଟଣାକ୍ରମର ପୃଷ୍ଠଭୂମିରେ ସୂଚନା ଅଧିକାର ଆଇନ ଅଧୀନରେ ଆସୁଥିବା ଭୋଟଗ୍ରହଣ କେନ୍ଦ୍ରର ଭିଡିଓ ଫୁଟେଜ୍ ପ୍ରଦାନ ସଂକ୍ରାନ୍ତୀୟ ଧାରାକୁ ହଟାଇବା ପାଇଁ ଜନପ୍ରତିନିଧି ଆଇନରେ ତରବରିଆ ଭାବେ ସଂଶୋଧନ କରାଯିବା ପରେ ରାହୁଲ୍ ଗାନ୍ଧୀ ହୁଅନ୍ତୁ କିମ୍ବା ବିଜେଡି କିମ୍ବା ଅନ୍ୟ ଅଭିଯୋଗକାରୀଙ୍କ ଅଭିଯୋଗ ପଛରେ କେଉଁଠି ନା କେଉଁଠି ସତ୍ୟତା ରହିଛି ବୋଲି ଜନମତରେ ଏକ ଧାରଣା ସୃଷ୍ଟି ହୋଇଛି। ଏବେ ପୁଣି ଥରେ ସେହିକ୍ରମରେ ଯୋଡ଼ି ହୋଇଯାଇଛି କର୍ଣ୍ଣାଟକ ମହାଦେବପୁରା ବିଧାନସଭା ମଣ୍ଡଳୀରେ 'ଭୋଟ ଚୋରି' ଅଭିଯୋଗ ଏବଂ ବିହାରରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା(ଏସ୍ଆଇଆର)। ଏହି ପ୍ରସଙ୍ଗରେ ସଂସଦର ମୌସୁମୀ ଅଧିବେଶନ ଏକପ୍ରକାର ଅଚଳ ହୋଇଯାଇଛି। ଏସ୍ଆଇଆର ପ୍ରସଙ୍ଗ ଏବେ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଥିବାରୁ ସେ ସମ୍ପର୍କରେ ଅଧିକ କିଛି ଉଲ୍ଲେଖ କରିବା ଅନୁଚିତ ହେବ।

ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ଯଥାସମ୍ଭବ ତ୍ରୁଟିଶୂନ୍ୟ କରିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ଏଥିପାଇଁ ଆୟୋଗ କି ପଦ୍ଧତି ଆପଣେଇବେ ତାହା ସମ୍ପୂର୍ଣ୍ଣ ରୂପେ ତାଙ୍କ ସ୍ୱାଧିକାର ଭୁକ୍ତ ଓ ପ୍ରଶ୍ନାତୀତ। କିନ୍ତୁ ବିହାର ଏସ୍ଆଇଆର ପ୍ରସଙ୍ଗକୁ ବାଦ୍ ଦେଇ ଯଦି ୨୦୨୪ ଲୋକସଭା ନିର୍ବାଚନ ପରବର୍ତ୍ତୀ ସମୟରୁ ସାମଗ୍ରିକ ନିର୍ବାଚନ ଘଟଣାକ୍ରମକୁ ଅନୁଶୀଳନ କରାଯାଏ, ସେଥିରୁ ଆୟୋଗଙ୍କ ଅସ୍ପଷ୍ଟତା ରହସ୍ୟମୟ ହୋଇପଡୁଛି। ଏହି ରହସ୍ୟ ଯେତେ ଶୀଘ୍ର ଉନ୍ମୋଚନ ହେବ ଗଣତନ୍ତ୍ର ପାଇଁ ସେତେ ମଙ୍ଗଳ। ଯଦି ବିରୋଧୀ ଆଳରେ କେବଳ ଆୟୋଗଙ୍କ କାର୍ଯ୍ୟକୁ ବିରୋଧ କରାଯାଉଥାଏ ତେବେ ତାହା ମଧ୍ୟ ଭୁଲ୍ ପ୍ରମାଣିତ ହେବ। ଭାରତର ଦୀର୍ଘ ୭୫ ବର୍ଷର ନିର୍ବାଚନ ଇତିହାସରେ ଭୋଟ ରିଗିଂ ବା ବଳପୂର୍ବକ ଭୋଟ ଦାନ ବା ଭୋଟ ଅପହରଣ ଅଭିଯୋଗ ଓ ଘଟଣା ନୂଆ ନୁହେଁ। ଯେଉଁଠି ଅର୍ଥବଳ କାର୍ଯ୍ୟ କରେ ନାହିଁ ସେଠାରେ ବାହୁବଳ ପ୍ରୟୋଗରେ ଭୋଟ ରିଗିଂ ହୁଏ। ଏହାକୁ ଜଗିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ଏଥିପାଇଁ ମଧ୍ୟ ସମ୍ବିଧାନ ଆୟୋଗଙ୍କୁ ପ୍ରଭୂତ କ୍ଷମତା ଓ ଅଧିକାର ଦେଇଛି। ରାହୁଲଙ୍କ 'ଭୋଟ ଚୋରି' ଅଭିଯୋଗ ହେଉ କିମ୍ବା ଇଭିଏମ୍‌ରେ ତାରତମ୍ୟ ଅଭିଯୋଗ, ତା' ପଛରେ କେତେ ଦୃଢ଼ ପ୍ରମାଣ ଆଧାରିତ ସତ୍ୟତା ରହିଛି ତାହା ପରଖିବା ପାଇଁ ଅଧିକୃତ ସଂସ୍ଥମାନେ ଅଛନ୍ତି। ଯଦି ଏହି ଅଭିଯୋଗ ସତ ସାବ୍ୟସ୍ତ ହୁଏ ତେବେ ଆୟୋଗ 'ବାଡ଼ ହିଁ କ୍ଷେତ ଖାଇବା' ଭଳି ଅପବାଦ ମୁଣ୍ଡାଇବା ସାର ହେବ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମର୍ଯ୍ୟାଦା ଓ ସାମ୍ବିଧାନିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବା ଲାଗି ନିର୍ବାଚନ ଆୟୋଗ ଯଥାଶୀଘ୍ର ଏହି ଅପବାଦରୁ ମୁକ୍ତ ହେବା ବିଧେୟ। ●

# ଓଡ଼ିଶାରେ ଧଳାସୁନାର ବିକାଶ ମାର୍ଗ

**ବିଦ୍ୟାଧର ମହାରଣା**

ଓଡ଼ିଶାରେ ଅର୍ଥକରୀ ଫସଲ ହିସାବରେ କପା ପ୍ରଧାନ। ଏହାକୁ 'ଧଳାସୁନା' କୁହାଯାଏ। କପା ଏକ ରାଜା ଫସଲ। ରାଜା ଖୁସି ହେଲେ ଘରକୁ ସୁନା ଆସିବ ଏବଂ ରାଜା ରାଗିଲେ ଚାପୁଡ଼ା ଖାଇବା ସାର। ଏହାର ମର୍ମ ହେଲା କପା ଫସଲ ସର୍ବାଧିକ ଯତ୍ନ ଆବଶ୍ୟକ କରେ ଏବଂ ଅଣହେଳା କଲେ ବହୁତ କ୍ଷତି ସହିବାକୁ ପଡ଼େ। ଓଡ଼ିଶାରେ ମୁଖ୍ୟତଃ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଓ ରାୟଗଡ଼ାରେ କପାଚାଷ ହୁଏ। ୧୯୮୭-୮୮ ପର୍ଯ୍ୟନ୍ତ ରାଜ୍ୟରେ ମାତ୍ର ୩୦୦୦ ହେକ୍ଟର ଜମିରେ କପାଚାଷ ହେଉଥିଲା। ଏହା କ୍ରମଶଃ ୨୦୨୩-୨୪ରେ ୨.୩୫ ଲକ୍ଷ ହେକ୍ଟର ଜମିକୁ ବଢ଼ି ୮.୧୮ ଲକ୍ଷ ବେଲ୍ (୧ ବେଲ୍ =୧୮୦ କିଲୋ ଗ୍ରାମ) ଉତ୍ପାଦନ ହୋଇଛି। ଏହି ବର୍ଷ ବଲାଙ୍ଗୀର ଜିଲ୍ଲାରେ ୭୦, ୯୪୦ ହେକ୍ଟର, କଳାହାଣ୍ଡିରେ ୭୧, ୪୦୦ ହେକ୍ଟର, ନୂଆପଡ଼ାରେ ୧୯, ୪୯୦ ହେକ୍ଟର ଓ ରାୟଗଡ଼ାରେ ୪୯, ୧୦୦ ହେକ୍ଟର ଭାବରେ ରାଜ୍ୟର ମୋଟ କପାଚାଷର ପ୍ରାୟ ୯୦% ଉତ୍ପାଦନ ହୋଇଥିଲା। ଭାରତ ସରକାରଙ୍କ କପା ନିର୍ଦ୍ଦେଶାଳୟ ତଥ୍ୟ ଅନୁଯାୟୀ ଭାରତରେ ୧୨୯ ଲକ୍ଷ ହେକ୍ଟରରୁ ଓଡ଼ିଶାରେ ୨୦୨୨-୨୩ରେ ୨.୧୬ ଲକ୍ଷ ହେକ୍ଟର ଜମିରେ କପାଚାଷ ହୋଇଥିଲା। ଭାରତରେ ହେକ୍ଟର ପ୍ରତି କପା ତନ୍ତୁ ଅମଳ ୪୪୩ କିଲୋଗ୍ରାମ ଥିବା ସ୍ଥଳେ ଓଡ଼ିଶାରେ ଏହା ୫୫୪ କିଲୋଗ୍ରାମ। ଅମଳ ହାରରେ ଗୁଜୁରାଟ ଓ ରାଜସ୍ଥାନ ପରେ ଓଡ଼ିଶାର ସ୍ଥାନ ତୃତୀୟ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନୁଧ୍ୟାନରୁ ଜଣାଯାଏ ଯେ କ୍ଷୁଦ୍ର ଚାଷୀ ଅପେକ୍ଷା ବଡ଼ ଚାଷୀ କପା ଚାଷରେ ଅଧିକ ଖର୍ଚ୍ଚ କରନ୍ତି ଓ ଅଧିକ ଲାଭ ମଧ୍ୟ ପାଆନ୍ତି। ହେକ୍ଟର ପ୍ରତି ପ୍ରାୟ ୪୫୦୦୦ ଟଙ୍କା ଖର୍ଚ୍ଚ ହେବା ସ୍ଥଳେ ନିଟ ଲାଭ ମାତ୍ର ୨୪୦୦୦ଟଙ୍କା। ଏହାର ଅର୍ଥ ହେଲା କପା ଚାଷରେ ଏକ ଟଙ୍କା ଖର୍ଚ୍ଚ କଲେ ମୋଟ ଆୟ ୧.୫୪ ଟଙ୍କା ହୁଏ, ଯାହାକି ସନ୍ତୋଷଜନକ ନୁହେଁ। ଏକ ଅର୍ଥକରୀ ଫସଲ ହିସାବରେ ପ୍ରତି ଏକ ଟଙ୍କା ଖର୍ଚ୍ଚରେ ମୋଟ ଆୟ ଅନ୍ତତଃ ଦୁଇ ଟଙ୍କା ହେବା ଆବଶ୍ୟକ। କପାଚାଷରେ ଶ୍ରମିକ ଖର୍ଚ୍ଚ ପ୍ରାୟ ୩୧%, ସାର ଖର୍ଚ୍ଚ ୧୭% ଓ ଜମି ଭଡ଼ା ପ୍ରାୟ ୧୬%। ବିହନ, ଖତ, ଫସଲ ସଂରକ୍ଷଣ ଇତ୍ୟାଦି ବାବଦରେ ଅବଶିଷ୍ଟ ୩୭% ଖର୍ଚ୍ଚ ହୋଇଥାଏ। ଏଥିରୁ ସହଜରେ ଅନୁମେୟ ଯେ କପା ଏକ ବ୍ୟୟସାପେକ୍ଷ ଫସଲ।

ଏହା ସାଧାରଣତଃ ବର୍ଷା ଓ ଶୀତ ଋତୁରେ ଚାଷ ହୁଏ। କିନ୍ତୁ ଓଡ଼ିଶାରେ ଏହା କେବଳ ବର୍ଷାଦିନେ ଚାଷ ହୁଏ। କପାଚାଷରେ ସାଧାରଣ ବିହନ, ବିଟି ବିହନ ଓ ହାଇବ୍ରିଡ ବିହନ ବ୍ୟବହାର ହୁଏ। ବୁଣା ପ୍ରଣାଳୀ ଅନୁସାରେ ବିହନ ହାର ଭିନ୍ନ ହୋଇଥାଏ। ତେବେ ହାରାହାରି ଦେଶୀ କିସମ ହେକ୍ଟର ପ୍ରତି ୮-୧୦ କିଲୋଗ୍ରାମ, ବି.ଟି. ହାଇବ୍ରିଡ ୧-୨ କିଲୋଗ୍ରାମ ଓ ଆମେରିକା ହାଇବ୍ରିଡ ୩-୪ କିଲୋଗ୍ରାମ ବ୍ୟବହାର ହୁଏ। କପା ଫସଲରେ ସବୁଠୁ ବେଶୀ କ୍ଷତିଭୟ ହେଉଛି ରୋଗପୋକ ଆକ୍ରମଣ। ଜଉ ପୋକ, ଧଳା ମାଛି, ପତ୍ରପୋଡ଼ା, ଝାଉଁଳା ରୋଗ ଓ ବକରାବିନ୍ଧା ପୋକ ସର୍ବାଧିକ କ୍ଷତି କରିଥାଏ। କୀଟ ନିରୋଧକ ବି.ଟି.ବିହନ ବ୍ୟବହାର କରିବା ସହ କୀଟନାଶକ ଦ୍ରବ୍ୟ ପକାଇ କୀଟ ନିୟନ୍ତ୍ରଣ କରିବାରେ ବିଫଳ ହେବା କାରଣରୁ କେତେକ କୃଷକ ଆତ୍ମହତ୍ୟା କରିବା ଜଣାଯାଏ।

କପା ଫସଲର ମୁଖ୍ୟ ସମସ୍ୟାଗୁଡ଼ିକ ହେଲା ଅଧିକ ଚାଷଖର୍ଚ୍ଚ, କମ୍ ଅମଳ ହାର, ଉପଯୁକ୍ତ କିସମ ବିହନ ନମିଳିବା, ଅଧିକ କୀଟ ସମସ୍ୟା, ମରୁଡ଼ି ଓ ବିକ୍ରିବଟାରେ ଅସୁବିଧା। କପା ତନ୍ତୁର ଲମ୍ବା ଓ ଗୁଣାତ୍ମକ ମାନ ଅନୁସାରେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଏ। ୨୦୨୫ ପାଇଁ ମଧ୍ୟମ ତନ୍ତୁ କପା କୁଇଣ୍ଟାଲ ପ୍ରତି ୭୧୨୫ ଟଙ୍କା, ଦୀର୍ଘ ତନ୍ତୁ ପାଇଁ ୭୫୨୧ ଓ ଏମ୍.ସି.ୟୁ ପାଇଁ ୭୭୨୧ ଟଙ୍କା ସ୍ଥିର ହୋଇଛି। ମଧ୍ୟମ ତନ୍ତୁ ୨୪.୫-୩୫.୫ ମିଲିମିଟର ଏବଂ ୩.୫ ରୁ ୪ .୩୧ ମାଇକ୍ରୋନେୟର ଥିବା ଆବଶ୍ୟକ। କପାରୁ ମଞ୍ଜିକୁ ଅଲଗା କରି ସଫା କରି ବେଲ୍ ବା ଗାଣ୍ଠି ଜିନିଙ୍ଗ ମିଲ୍ ଦ୍ୱାରା ହୁଏ। ଏହାପରେ ଏଥିରୁ ସୂତାକଳରେ ସୂତା କଟାଯାଏ। ଓଡ଼ିଶାରେ ସ୍ପିନଫେଡ୍ ସାତଗୋଟି ସୂତାକଳ ଚଳାଉ ଥିବା ସ୍ଥଳେ ବର୍ତ୍ତମାନ ଗୋଟିଏ ହେଲେ କାର୍ଯ୍ୟକ୍ଷମ ନୁହେଁ। କିନ୍ତୁ ଘରୋଇ ବ୍ୟବସାୟୀଙ୍କ ଦ୍ୱାରା କେତେକ ଜିନିଙ୍ଗ ମିଲ୍ ସ୍ଥାପନ ହୋଇଛି। ଉଭୟ ଭାରତୀୟ କପା ନିଗମ ଏବଂ ଘରୋଇ ବ୍ୟବସାୟୀ ଚାଷୀଙ୍କ ଠାରୁ କପା କିଣୁଛନ୍ତି। ରାଜ୍ୟରେ ଅଧିକ ସଂଖ୍ୟକ ସ୍ପିନିଙ୍ଗ ମିଲ୍ ସହିତ ପାୱାର ଲୁମ୍ ଖୋଲାଗଲେ କପାଚାଷର ବିସ୍ତାର ସହିତ ଶ୍ରମିକ ନିଯୁକ୍ତି ହୋଇ ପାରନ୍ତା।

କପା ମଞ୍ଜିରୁ ୧୫-୨୦% ଖାଇବା ତେଲ ପ୍ରସ୍ତୁତ ହୋଇଥାଏ ଏବଂ କପାର ଶୁଖିଲା ଗଛ ଜାଳେଣି ଭାବରେ ବ୍ୟବହାର ହୁଏ। ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ କପାଚାଷ ପାଇଁ ବହୁ ଆନ୍ଧ୍ରପ୍ରଦେଶ ଚାଷୀ ଜମିକୁ ଭଡ଼ାରେ ନେଇ କପାଚାଷ କରନ୍ତି। ସେମାନେ ହାଇବ୍ରିଡ କପା ବିହନ ଆଣି ଅଧିକ ସାର ଓ କୀଟନାଶକ ବ୍ୟବହାର କରି ଚାଷକରିବା ଫଳରେ ଜମିର ଉର୍ବରତା ହ୍ରାସ ପାଉଛି ଏବଂ ପରିବେଶ ପ୍ରଦୂଷିତ ହେଉଛି। ଯେହେତୁ କପା ଫସଲରେ ମୁଖ୍ୟ ସମସ୍ୟା ହେଉଛି ରୋଗ ଓ ପୋକ ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ଆବଶ୍ୟକ। ବିଭିନ୍ନ ପ୍ରକାରର ଯନ୍ତା(ଅଠାଳିଆ, ହଳଦିଆ ଓ ଫେରୋମୋନ) ବ୍ୟବହାର, ଜୈବ କୀଟନାଶକ ହିସାବରେ ଟ୍ରାଇକୋଗ୍ରାମା, ଏନ୍.ପି.ଭି. ଭୂତାଣୁ ଓ ନିମ୍ବ ବିଷ ବ୍ୟବହାର କରିବା ଆବଶ୍ୟକ। କପା ଫସଲ ବକରା ପାକଳ ସମୟରେ ଅଧିକ ଜଳୀୟ ଅଂଶ ଆବଶ୍ୟକ କରୁଥିବାରୁ କିଛି ସିଞ୍ଚନ ଜଳ ସେଚନ ଆବଶ୍ୟକ। କପା ଫସଲ ଉପଯୁକ୍ତ ସମୟରେ ଅମଳ କରି ଜିନିଙ୍ଗ କରିପାରିଲେ ଉପଯୁକ୍ତ ମୂଲ୍ୟ ମିଳିବ।

ଅତୀତରେ ଓଡ଼ିଶା ସରକାର ଦୁଇଜଣ ଇସ୍ରାଏଲ ବୈଜ୍ଞାନିକଙ୍କୁ ଭୁବନେଶ୍ୱର ଆଣି କେତେକ ବଛାବଛା କୃଷି ଅଧିକାରୀ ଓ ବୈଜ୍ଞାନିକଙ୍କୁ ୧୫ ଦିନ ତାଲିମ୍ ବ୍ୟବସ୍ଥା କରିଥିଲେ। ଡଃ ଡାନିଏଲ ରିମନ ଓ ଜୋନାଥନ ଦାଗ ଉଚ୍ଚକୋଟୀର ତାଲିମ୍ ଦେଇଥିଲେ, ଯାହାକି ମୋ ମତରେ ଆମ ଜୀବନର ସର୍ବଶ୍ରେଷ୍ଠ ତାଲିମ୍ ଥିଲା। ସେମାନେ କପା ଫସଲରେ ଗଛସଂଖ୍ୟା ନିୟନ୍ତ୍ରଣ, ଗଛର ଶାଖାପ୍ରଶାଖା ନିୟନ୍ତ୍ରଣ, ବୁନ୍ଦା ଜଳସେଚନ, ଫର୍ଟିଗେସନ୍, ଜୈବ ନିୟନ୍ତ୍ରଣ ଓ ସଠିକ ଅମଳ ପ୍ରଣାଳୀ ଉପରେ ଗୁରୁତ୍ୱ ଦେଇଥିଲେ। ଏହି କୌଶଳ ଅବଲମ୍ବନ କରି ଇସ୍ରାଏଲ ବିଶ୍ୱରେ କପା ଅମଳରେ ସର୍ବଶ୍ରେଷ୍ଠ ଦେଶ ହୋଇଥିଲା। ସେମାନେ ଲାଇସିମିଟର ବ୍ୟବହାର କରି ଜଳସେଚନ ସମୟ ସ୍ଥିର କରୁଥିଲେ ଏବଂ ବର୍ତ୍ତମାନ ସେନସର ବ୍ୟବହାର କରୁଛନ୍ତି। ଏକଥା ଏଇଠି ପ୍ରକାଶ କରିବାର ଉଦ୍ଦେଶ୍ୟ ହେଉଛି ଆମର ଚାଷୀ କପା ଫସଲ ପାଇଁ ଆଧୁନିକ କୌଶଳ ବ୍ୟବହାର କରୁ ନ ଥିବାରୁ ଅମଳ ହାର କମ୍ ରହୁଛି। ଇସ୍ରାଏଲ ଚାଷୀ ହେକଟର ପ୍ରତି ୧୮୦୦- ୨୦୦୦ କିଲୋଗ୍ରାମ ଅମଳ କଲା ବେଳେ ଆମେ ୬୦୦ କିଲୋଗ୍ରାମରୁ କମ୍ ଅମଳ କରୁଛୁ। ଅତୀତରେ ବିଟି କପା ବିହନ ବ୍ୟବହାର ଯୋଗୁଁ ବହୁ ସମସ୍ୟା ଦେଖା ଯାଇଥିଲା। ଏପରିକି ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଏହା ଉପରେ କଳାହାଣ୍ଡି ଜିଲ୍ଲାରେ କ୍ଷେତ୍ର ପରୀକ୍ଷା କରିଥିଲେ। ଏଣୁ ଚାଷୀମାନେ କେଉଁ କିସମର ଉନ୍ନତ, ହାଇବ୍ରିଡ ଓ ବିଟି ବିହନ ବ୍ୟବହାର କରିବେ ତାହାକୁ କୃଷି ବିଶ୍ୱବିଦ୍ୟାଳୟ ପରାମର୍ଶ ଦେଉ ଏବଂ ରାଜ୍ୟ କୃଷି ବିଭାଗ ବିହନ ନିଗମ ଜରିଆରେ ଏହାକୁ ଚାଷୀଙ୍କୁ ଯୋଗାନ୍ତୁ। ଘରୋଇ କପା ବିହନ ବିକ୍ରି ନିଷେଧ କରାଯାଉ।

ଆମ ରାଜ୍ୟରେ ଅନ୍ତତଃ ୫ ଲକ୍ଷ ହେକ୍ଟର ଜମିରେ କପାଚାଷ କରାଯାଉ। ବନ୍ଦ ହୋଇ ରହିଥିବା ଜିନିଙ୍ଗ ଓ ସ୍ପିନିଙ୍ଗ ମିଲ୍‌ଗୁଡ଼ିକୁ ଚାଲୁ କରାଯାଉ। ରପ୍ତାନୀ ସୁଯୋଗ ହାସଲ କରିବା ପାଇଁ ଜୈବିକ କପା ଓ ରଙ୍ଗୀନ୍ କପା ଚାଷ କରାଗଲେ ଚାଷୀ ଅଧିକ ଲାଭବାନ୍ ହେବେ। ପରୀକ୍ଷାମୂଳକ ଭାବରେ କପାଚାଷ ପାଇଁ ସୌରଶକ୍ତି ଚାଳିତ ପମ୍ପ ଓ ବୁନ୍ଦା ଜଳସେଚନ ପାଇଁ ପ୍ରୋତ୍ସାହନ ଦିଆଗଲେ କପା ଫସଲରେ ଜଳସେଚନ ସମସ୍ୟା ଦୂର ହୋଇପାରିବ। ଏନ୍ଏଫ୍ଏସ୍ଏମ୍ ଯୋଜନାରେ କପା ଚାଷ ପାଇଁ କୃଷକମାନଙ୍କୁ ଦିଆଯାଉଥିବା ସହାୟତା ବୃଦ୍ଧି କରା ଗଲେ ଗରିବ ଚାଷୀ ଉପକୃତ ହେବେ। କୃଷକମାନଙ୍କୁ ଉପଯୁକ୍ତ ସହାୟତା ସହିତ ବିପଣନ ବ୍ୟବସ୍ଥାରେ ଉନ୍ନତି କରାଯାଇ ପାରିଲେ ଓଡ଼ିଶା ଅର୍ଥନୀତିକୁ ବୃଦ୍ଧି କରିବାରେ 'ଧଳାସୁନା'ର ଅବଦାନ ରହିବ। ଗତ କିଛିବର୍ଷ ଧରି ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଓଡ଼ିଶାରେ କପାଚାଷ ମଧ୍ୟ ପ୍ରଭାବିତ ହେଉଛି। ଏଣୁ ଜଳବାୟୁ ସହନଶୀଳ କୃଷିପଦ୍ଧତି କପା ଫସଲରେ ମଧ୍ୟ ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି। ଅତୀତରେ କପାଚାଷ ବିକାଶ ପାଇଁ ସ୍ୱତନ୍ତ୍ର ପଦାଧିକାରୀ ଅବସ୍ଥାପିତ ହେଉଥିଲେ। ରାଜ୍ୟରେ ପାଞ୍ଚ ଲକ୍ଷ ହେକ୍ଟର ଜମିରେ କପା ଚାଷ କରିବାକୁ ହେଲେ ପ୍ରଶିକ୍ଷିତ ପଦାଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ହେବ। ବ୍ୟାପକ କପାଚାଷ ପାଇଁ ସରକାର, ରାଷ୍ଟ୍ରୀୟ କପା ନିଗମ ଓ ଅନ୍ୟାନ୍ୟ ଅଂଶୀଦାର ମଧ୍ୟରେ ସହଭାଗିତା ସହିତ କପାଚାଷୀଙ୍କ ଉତ୍ପାଦକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଗଠନ ସହଯୋଗ ଅତ୍ୟନ୍ତ ଜରୁରୀ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଯୌନ ବିଶୃଙ୍ଖଳା ଏକ ସାମାଜିକ କଳଙ୍କ

**ସୁଧୀର କୁମାର ନାୟକ**

ସାଂପ୍ରତିକ ସମସ୍ୟାଗୁଡ଼ିକ ମଧ୍ୟରେ ନାରୀ ସୁରକ୍ଷା ଓ ନାରୀ ସ୍ୱାଧୀନତା ସର୍ବଦା ଆହ୍ୱାନ ସୃଷ୍ଟି କରିଆସୁଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟମାନଙ୍କରେ ଛାତ୍ରୀମାନଙ୍କ ପ୍ରତି କରାଯାଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ନିର୍ଯାତନା ପାଇଁ ଆଜି ବିଶ୍ୱରେ ଆମ ଦେଶ ଲଜ୍ଜିତ ହେଉଛି। ଗତ ମାସ ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ତଥ୍ୟ ରଖିଥିଲେ ଯେ ଭାରତରେ ଦୁଷ୍କର୍ମ ଓ ଯୌନ ନିର୍ଯାତନା ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରୁ ଅନ୍ୟତମ। ଅନେକ କ୍ଷେତ୍ରରେ କର୍ମଜୀବୀ ମହିଳାମାନଙ୍କୁ ବିଭିନ୍ନ ଭାବରେ ନିର୍ଯାତନା ଓ ଯୌନ ଶୋଷଣ କରାଯିବାର ଅଭିଯୋଗ ବଢ଼ିଚାଲିଛି। ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଙ୍କ ଆତ୍ମଦାହ, କୋଲକାତାର ଆର ଜି ମେଡିକାଲ୍ କଲେଜ୍‌ରେ ଡାକ୍ତରୀ ଓ ନର୍ସିଂ ଛାତ୍ରୀ ସମ୍ମୁଖୀନ ହୋଇଥିବା ନିର୍ଯାତନା ଆଦି ଦୁର୍ଘଟଣାର ତାଲିକା ବେଶ୍ ଲମ୍ବା। ପ୍ରତିଦିନ କୌଣସି ନା କୌଣସି ଅଞ୍ଚଳରେ ଏଭଳି ଘଟଣାମାନ ଘଟୁଛି। ସେଥିମଧ୍ୟରୁ କିଛି ଗଣମାଧ୍ୟମର ଶିରୋନାମା ହେଉଛି ଏବଂ ଆଉ କିଛି ଲୋକଲୋଚନ ଆଢୁଆଳରେ ରହିଯାଉଛି। ଏଥିରେ ଜଣାଯାଉଛି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷମାନଙ୍କ କେତେ ଦାୟିତ୍ୱହୀନତା ରହିଛି। ସବୁଠାରୁ ଉଦ୍‌ବେଗର କଥା ଯଦି କୌଣସି ପରିସ୍ଥିତିରେ କେହି ଛାତ୍ରଛାତ୍ରୀ ଅଭିଯୋଗ କରନ୍ତି ସେମାନଙ୍କର ସମସ୍ୟାର ତ୍ୱରିତ ସମାଧାନ ଦିଗରେ ଆନ୍ତରିକତା ପ୍ରକାଶ ପାଏ ନାହିଁ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ କହୁଛି ଗତ ୧୦ ମାସ ମଧ୍ୟରେ ଓଡ଼ିଶାର ବିଭିନ୍ନ ଥାନାରେ ନାରୀ ନିର୍ଯାତନା, ଦୁଷ୍କର୍ମ, ଯୌନ ଶୋଷଣ, ପରକୀୟା ପ୍ରୀତି ଜନିତ ହିଂସାକାଣ୍ଡକୁ ନେଇ ୪ ହଜାରରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ଗତ ଦୁଇବର୍ଷ ମଧ୍ୟରେ ୩୫୨ ଜଣ ଯୁବତୀ ସାଇବର ଅପରାଧୀଙ୍କ ଦ୍ୱାରା ବ୍ଲାକମେଲ୍‌ର ଶିକାର ହୋଇଛନ୍ତି। ଆପତ୍ତିଜନକ ମନ୍ତବ୍ୟ ଦେବା, ସାମାଜିକ ଗଣମାଧ୍ୟମରେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ, ଭିଡିଓ ଭାଇରାଲ କରିବା ପରି ଅପରାଧରେ ସଂପୃକ୍ତି ଅପରାଧ ମଧ୍ୟ ବଢ଼ିବାରେ ଲାଗିଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଏବଂ ପାଠ ପଢୁଥିବା ସମୟରେ ସେମାନଙ୍କ ମାନସିକ ଅବସ୍ଥା ବୁଝାଯିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯାହାଫଳରେ ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଓଡ଼ିଶାରେ ଗତ ଚାରିବର୍ଷ ମଧ୍ୟରେ ୭୨ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାର ମାମଲା ରୁଜୁ ହୋଇଛି। ୨୦୨୩ ଓ ୨୦୨୪ରେ ରାଜ୍ୟରେ ୨୮ ହଜାର ନାରୀ ଓ ଶିଶୁ ନିର୍ଯାତନା ଅଭିଯୋଗ ପଞ୍ଜୀକୃତ ହୋଇଛି। ଯଦିଓ ରାଜ୍ୟରେ ୬ଶହରୁ ଅଧିକ ଥାନାରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ କାମ କରୁଛି, ତଥାପି ନିର୍ଯାତନା ସଂଖ୍ୟା କମୁନାହିଁ। ଏହାର କାରଣ ତ୍ୱରିତ ବିଚାର କରା ନ ଯାଇ ଦୋଷୀକୁ ଦଣ୍ଡ ମିଳିବାରେ ଯେଉଁ ଲମ୍ବା ଅବଧି ରହିଛି ସେଥିରେ ଦୋଷୀମାନେ ଅପରାଧ ପରେ ଅପରାଧ କରି ଚାଲିଛନ୍ତି।

ରାଜ୍ୟରେ ଯେଉଁ ଜିଲ୍ଲାମାନଙ୍କରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଛାତ୍ରୀନିବାସରେ ଛାତ୍ରୀଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଗତିବିଧିର ପ୍ରମାଣ ପାଇଁ ସିସିଟିଭି କ୍ୟାମେରା ସଂଯୋଗ କରିବା ପାଇଁ ନିୟମ କରାଯାଇଛି। କିନ୍ତୁ ରାଜ୍ୟରେ ୩୩୮୧ ଛାତ୍ରୀ ନିବାସ ମଧ୍ୟରୁ ମାତ୍ର ୧୩୪୨ଟି ସିସିଟିଭି ସଂଯୋଗ କରାଯାଇଛି। କିଛି ଛାତ୍ରୀନିବାସରେ ସେଗୁଡ଼ିକ ଖରାପ ଅବସ୍ଥାରେ ଅଛି। ଅନ୍ୟଏକ ସମ୍ବେଦନଶୀଳ ବିଷୟ ହେଉଛି ଯେ ଗତ କିଛିବର୍ଷ ଧରି ଦେଶରେ ପୋସ୍କୋ ମାମଲା ବଢ଼ି ଚାଲିଛି। ଦେଶରେ ପୋକ୍ସୋ କୋର୍ଟମାନଙ୍କରେ ଅଦ୍ୟାବଧି ୨ଲକ୍ଷ ୪୩ ହଜାର ମାମଲା ପଡ଼ିରହିଛି, ଯାହାକୁ ସମାଧାନ କରିବା ପାଇଁ ପାଖାପାଖି ୧୦ ବର୍ଷ ଲାଗିପାରେ।

ଖାଲି ତ ଆଇନ ତିଆରି କରିଦେଲେ ହେବ ନାହିଁ। କେଉଁଥି ପାଇଁ ଏହା ବଢ଼ି ବଢ଼ି ଚାଲିଛି ତାହାର ବିଧିବଦ୍ଧ ତର୍ଜମା ଆବଶ୍ୟକ। ଜାତୀୟ ଶିକ୍ଷାନୀତି କମିଶନ୍ ଜୁନ୍ ୨୯, ୧୯୬୬ରେ ଦେଇଥିବା ରିପୋର୍ଟରେ କହିଥିଲେ ଯେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ସରକାରୀ କିମ୍ବା ବେସରକାରୀ ଶିକ୍ଷକମାନଙ୍କ ଉତ୍ତମ ଚରିତ୍ର, ମାର୍ଜିତ ବ୍ୟବହାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିପାରିବ। ଏହାଦ୍ୱାରା କୃତିତ୍ୱ ହାସଲ କରୁଥିବା ଛାତ୍ରଛାତ୍ରୀମାନେ ରାଷ୍ଟ୍ର ନିର୍ମାଣରେ ସଚ୍ଚୋଟତାର ସହିତ କାର୍ଯ୍ୟ କରିବେ। ଶିକ୍ଷାନୁଷ୍ଠାନମାନଙ୍କର ଆଜି ତାହା କେତେ ଦୂର ପାଳନ କରାଯାଉଛି, ତାହା ବିଚାର୍ଯ୍ୟ।

ଗାଁର ମାଇନର ସ୍କୁଲ ହେଉ କିମ୍ବା ସହରର ମହାବିଦ୍ୟାଳୟ, ବିଦ୍ୟାଳୟ, ଆଶ୍ରମ ସ୍କୁଲ୍, ସରକାରୀ କିମ୍ବା ଘରୋଇ କର୍ମଜୀବୀ ମହିଳାମାନଙ୍କ କର୍ମକ୍ଷେତ୍ର ହେଉ, ଯେତେବେଳେ ଯାହାବି ଅଭିଯୋଗ ଆସୁଛି ତାହାକୁ ଗୁରୁତ୍ୱ ଦିଆଯାଇ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କିମ୍ବା କମିଟି ତ୍ୱରିତ ବିଚାର କରି ସମାଧାନ କିମ୍ବା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନଚେତ୍ ବିହଙ୍ଗ ବିପ୍ଳବର ବିଚାରପତି ଭାଲୁମାନେ ମାଙ୍କଡ଼ମାନଙ୍କ ପଣସ ଉପହାର ପାଇ ବିଚାର ବିଗାଡ଼ି ଦେଲାପରି ଏମିତି ଆଗକୁ କେତେକ ଅସୁରକ୍ଷିତ ଝିଅ ନିର୍ଯାତନାର ଶିକାର ହେଉଥିବେ।

ଶିକ୍ଷାକ୍ଷେତ୍ର ଏକ ଅମୃତ କ୍ଷେତ୍ର। ଗୁରୁ-ଶିଷ୍ୟର ପବିତ୍ର ପରମ୍ପରା ଆମ ସଭ୍ୟତାରେ ବହୁ ପ୍ରାଚୀନ। ଏଣୁ ଏପରି ଅମୃତକ୍ଷେତ୍ରରେ କଳଙ୍କ ନ ଲାଗୁ। ଶିକ୍ଷକ ଗୁରୁଦିବସର ମହତ୍ତ୍ୱ ବୁଝି ସେମାନଙ୍କ ଶୃଙ୍ଖଳା ଓ ଚରିତ୍ରକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ। ●

ଧାମନଗର(ଭଦ୍ରକ), ମୋ: ୯୯୩୮୦୮୦୨୯୪

# ଜେଉଠ ଭୋଗ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଷାଠିଏ ପଉଟି ଓ ଛପନ ପ୍ରକାରର ଭୋଗ ଗ୍ରହଣ କରୁଥିବା ଭୋଜନୀଠାକୁର ଶ୍ରୀଜଗନ୍ନାଥ। ସେ ସାରାଦିନ ଖାଇବାରେ ଏତେ ବ୍ୟସ୍ତ ଯେ ଖାଇବା ହାତରେ ଧାରଣ କରୁଥିବା ଅସ୍ତ୍ର ସୁଦର୍ଶନଙ୍କୁ ବାମ ପଟେ ସ୍ଥାପିତ କରି ନିଜ କ୍ଷେତ୍ରକୁ ଭୋଜନ କ୍ଷେତ୍ର ରୂପେ ବିଖ୍ୟାତ କରିଛନ୍ତି। ତାଙ୍କ ଭୋଗର ପ୍ରକାରଭେଦ ଛପନଠାରୁ ବହୁ ଅଧିକ। କିନ୍ତୁ ବର୍ଷରେ କେବଳ ଜଗନ୍ନାଥଙ୍କୁ(ଚତୁର୍ଦ୍ଧାମୂର୍ତ୍ତିଙ୍କ ଭିତରୁ ଅନ୍ୟମାନଙ୍କୁ ନୁହେଁ) ଦୁଇ ଥର ଅର୍ପଣ କରାଯାଏ 'ଜେଉଠ ଭୋଗ' ନାମରେ ଏକ ନିଆରା ଭୋଗ। ପୃଥିବୀରେ ଅନ୍ୟ କୌଣସି ଦିଅଁଙ୍କୁ ଏପରି ଏକ ପ୍ରସାଦ ଅର୍ପଣର ପରମ୍ପରା ନାହିଁ। ଏହା ପାରମ୍ପରିକ ଭାବେ ରାଘବ ଦାସ ମଠରୁ ଆସେ। ରାମ ଓ କୃଷ୍ଣ ଜନ୍ମ ହେବା ପୂର୍ବ ସନ୍ଧ୍ୟାରେ ଏହା କେବଳ ଜଗନ୍ନାଥଙ୍କୁ ସମର୍ପିତ ହେଉଥିବାରୁ ଏହା ପଛରେ ଥିବା ତାତ୍ତ୍ୱିକ ଓ ବ୍ୟବହାରିକ ତାତ୍ପର୍ଯ୍ୟ ଜାଣିବା ଆବଶ୍ୟକ।

ଜେଉଠ ପଣସ ପରିବାରର ଏକ ବଡ଼ ଗଛ। ସେ ଗଛରେ ଫଳୁଥିବା ଛୋଟ ପଣସ ବା ଶିଳପୁଆ ଆକୃତିର ଫଳ ପାଚିଗଲେ ହଳଦିଆ ଦିଶେ। ଫଳକୁ ଫଟେଇ ଦେଲେ ତା' ଭିତରୁ ପଣସ କୋଳା ପରି ଛୋଟଛୋଟ କୋଳା ବାହାରେ। ଏ ଗଛର ନାଁ ଉଦ୍ଭିଦ ବିଜ୍ଞାନରେ 'ଆର୍ଟୋକାର୍ପସ୍ ଲକୁଚ', ସଂସ୍କୃତରେ 'ଲକୁଚ', ଇଂରାଜୀରେ 'ମଙ୍କି ଜାକ୍‌ସ'। ଫଳ ଅମ୍ଳରସଯୁକ୍ତ ହୋଇ ଥିବାରୁ ସେଥିରୁ ଏକପ୍ରକାର ଖଟା ତରକାରୀ ପ୍ରସ୍ତୁତ କରାଯାଏ। ଗର୍ଭବତୀମାନେ ଖଟା ଖାଇବାକୁ ଭଲ ପାଉ ପାଉଥିବାରୁ ଏ ତରକାରୀ ସେମାନଙ୍କର ପ୍ରିୟ। ଏ ଫଳ ଗର୍ଭବତୀମାନେ ଖାଇଲେ ସେମାନଙ୍କର ସୁଖ ପ୍ରସବ ହୁଏ ଏବଂ ନବଜାତ ଶିଶୁପାଇଁ ମାଆ ସ୍ତନରେ ପ୍ରଚୁର କ୍ଷୀର ପ୍ରସ୍ତୁତ ହୁଏ ବୋଲି ବିଶ୍ୱାସ କରାଯାଏ। ତେଣୁ ରାମ ଓ କୃଷ୍ଣ ଜନ୍ମ ହେବା ପୂର୍ବ ଦିନ ସନ୍ଧ୍ୟାରେ ଜଗନ୍ନାଥଙ୍କୁ ଜେଉଠ ଭୋଗ ସମର୍ପଣ ହୁଏ। ତା' ପରେ କେବଳ ଜଗନ୍ନାଥଙ୍କ ବାଡ଼ରେ ଏକ ସ୍ୱତନ୍ତ୍ର ବନ୍ଦାପନା କରାଯାଏ, ଯାହାର ନାମ 'ଗର୍ଭୋଦକ ବନ୍ଦାପନା'। ଜଣେ ଗର୍ଭବତୀ ମାତା ବିନା ଗର୍ଭ ଶୂଳରେ ପିଲା ଜନ୍ମ କରିବା ସମ୍ଭବ ନୁହେଁ। ତେଣୁ ରାମ ଓ କୃଷ୍ଣଙ୍କ ମାତାଙ୍କର ଗର୍ଭଶୂଳ ଆସିବା ପାଇଁ ପ୍ରାର୍ଥନା କରି ଏ ବନ୍ଦାପନା କରାଯାଏ।

ପ୍ରଥମେ ଜଗନ୍ନାଥ ରାମ ଜନ୍ମଦିନ ପୂର୍ବରୁ ରାମଙ୍କ ମାତା ଓ କୃଷ୍ଣ ଜନ୍ମଦିନ ପୂର୍ବରୁ କୃଷ୍ଣଙ୍କ ମାତାରୂପେ ଜେଉଠ ଭୋଗ ଏବଂ 'ଗର୍ଭୋଦକ ବନ୍ଦାପନା' ଗ୍ରହଣ କରନ୍ତି। ରାମ ଜନ୍ମ ଦିନ ରାମଙ୍କ ବିଜେ ପ୍ରତିମାଙ୍କୁ ରାମ ରୂପେ ଜନ୍ମ ଗ୍ରହଣ କରିବା ପାଇଁ ଆଜ୍ଞାମାଳ ପ୍ରଦାନ କରନ୍ତି। ଜନ୍ମାଷ୍ଟମୀ ଦିନ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ କୃଷ୍ଣ ରୂପେ ଜନ୍ମନେବାକୁ ସେହିରୂପେ ଆଦେଶ ଦିଅନ୍ତି। ସେତେବେଳେ ଗୋପାଳକୃଷ୍ଣଙ୍କୁ ଆଜ୍ଞା ପ୍ରଦାନ କରିବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରାଯାଏ। - 'ଇଦାନୀଂ କୃଷ୍ଣଚନ୍ଦ୍ରସ୍ୟ ଜନ୍ମନେ ପଦ୍ମଲୋଚନେ, ଆଜ୍ଞା କୁରୁ ମହାବାହୋ ଦାରୁବ୍ରହ୍ମଃ ନମସ୍ତୁତେ।'(ନୀଳାଦ୍ରି ମହୋଦୟ)। ତା' ପରେ ଜଗନ୍ନାଥ ନିଜର ବିଜେ ପ୍ରତିମା ରୂପେ ନିଜେ ରାମ ବା କୃଷ୍ଣ ରୂପେ ଜନ୍ମ ଗ୍ରହଣ କରନ୍ତି।

ଏହି ଉତ୍ସବ (ରାମ ଜନ୍ମ ଓ କୃଷ୍ଣ ଜନ୍ମ) ପାଳନ ଅବସରରେ ଶ୍ରୀଜଗନ୍ନାଥ ଚାରୋଟି ଦେବସ୍ୱରୂପରେ ଅବତୀର୍ଣ୍ଣ ହୋଇ ଲୀଳା ପ୍ରଦର୍ଶନ କରନ୍ତି। ୧. ଜଗନ୍ନାଥ ଲିଙ୍ଗାତୀତ ହୋଇଥିବାରୁ ପ୍ରଥମେ ମାତୃସ୍ୱରୂପ ଯୋଗମାୟା ରୂପେ ଜେଉଠ ଭୋଗ ଗ୍ରହଣ କରନ୍ତି। ୨. ସାର୍ବଭୌମ ପରମାତ୍ମା ରୂପେ ଯୋଗମାୟାଙ୍କର ଗର୍ଭଶୂଳ ଆରମ୍ଭ କରିବା ପାଇଁ ଗର୍ଭୋଦକ ବନ୍ଦାପନା ଗ୍ରହଣ କରନ୍ତି। ୩. ଅବତାରୀ ମହାବିଷ୍ଣୁ ରୂପେ ରାମ ଓ କୃଷ୍ଣଙ୍କୁ ଅବତାର ରୂପେ ଲୀଳା ପ୍ରଦର୍ଶନ କରିବାକୁ ଆଜ୍ଞାମାଳ ପ୍ରଦାନ ପୂର୍ବକ ଆଦେଶ ଦିଅନ୍ତି। ୪.ରାମ ଓ କୃଷ୍ଣରୂପେ ନିଜର ବିଜେ ପ୍ରତିମା ମାଧ୍ୟମରେ ଜନ୍ମ ଗ୍ରହଣ କରନ୍ତି। ଜେଉଠ ଏକ ଜଂଗଲ ଗଛ। କାଳକ୍ରମେ ଜଙ୍ଗଲ ଅପସରି ଯିବାରୁ ପୁରୀରେ ଏ ଫଳ ଅମିଳଣ ହୋଇଗଲା। ତା'ବଦଳରେ ଜେଉଠ ଶବ୍ଦର ଅପଭ୍ରଂଶ ହୋଇ ଏହା ଜେଉଡ ବା ଜେଉଟ ଭୋଗ ନାମରେ ଜଣାଯାଉଛି। ଏହି ଭୋଗରେ ଝିଲି, ଆରିସା ଓ ତାଟ ତୁଣ ନାମକ ଏକ ଖଟା ତରକାରୀ ମହାପ୍ରଭୁଙ୍କୁ ସମର୍ପଣ କରାଯାଉଛି।

ଷୋଡ଼ଶ ଶତାବ୍ଦୀରେ ଜଗନ୍ନାଥଙ୍କୁ କେବଳ ଗୋପାଳକୃଷ୍ଣ ରୂପେ ପ୍ରତିପାଦିତ କରିବା ପାଇଁ ଉଦ୍ୟମ ହୋଇଥିଲା। ଆଡ଼ମ୍ବର ସହ କୃଷ୍ଣ ଜନ୍ମ ପାଳନ ତା'ର ଏକ ଅଂଶବିଶେଷ ଥିଲା। ପଞ୍ଚସଖା ଓ ତାଙ୍କର ଅନୁଗାମୀମାନେ ଜଗନ୍ନାଥଙ୍କ ପୂର୍ଣ୍ଣବ୍ରହ୍ମ ସାର୍ବଭୌମ ଅବତାରୀ ଦେବତ୍ୱକୁ ଅକ୍ଷୁଣ୍ଣ ରଖିବା ପାଇଁ କୃଷ୍ଣ ଜନ୍ମ ପାଳନକୁ ପ୍ରତ୍ୟକ୍ଷଭାବେ ବିରୋଧ ନ କରି ବୁଦ୍ଧି ଓ କୌଶଳ ପ୍ରୟୋଗ କରି ଜେଉଠ ଭୋଗ ଓ ଗର୍ଭୋଦକ ବନ୍ଦାପନା ପରି ନୀତିର ପ୍ରଚଳନ କରିଥିଲେ। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଜ୍ୟୋତି, ଶୁଭ୍ରଙ୍କୁ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

# ଆତ୍ମଦାହ ପୂର୍ବରୁ ସୌମ୍ୟାଶ୍ରୀଙ୍କ ସହ ୧୯ ଥର କଥା ହୋଇଥିଲେ

**ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା**
**ଜେଲରେ ପଚରାଉଚରା**

ବାଲେଶ୍ୱର, ୧୨।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଗିରଫ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଅଧ୍ୟକ୍ଷ ଶୁଭ୍ରସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ତିନିଦିନିଆ ରିମାଣ୍ଡରେ ନେଇଛି। ଉଭୟ ଏବିଭିପିର ସକ୍ରିୟ ସଦସ୍ୟ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ସେମାନଙ୍କୁ ଜେଲରୁ ବାହାରକୁ ନଆଣି ସେଠିରେ ହିଁ ଜେରା କରିଛି। ଆଜି କ୍ରାଇମବ୍ରାଞ୍ଚ ଡିଏସପି ଇମାମ କଲ୍ୟାଣ ନାୟକଙ୍କ ସମେତ ଇନ୍ସପେକ୍ଟର ପାଞ୍ଚାଳି ରାଉତଙ୍କ ସହ ୬ଜଣିଆ ଟିମ୍ ଜେଲ ପରିସରକୁ ଯାଇଥିଲେ। ସେଠାରେ ଗିରଫ ଦୁଇଛାତ୍ରଙ୍କ ଓକିଲଙ୍କ ସମ୍ମୁଖରେ ପଚରାଉଚରା କରାଯାଇଥିଲା। ସୌମ୍ୟାଶ୍ରୀ ଆତ୍ମଦାହ କରିବା ପୂର୍ବରୁ ଏହି ଦୁଇ ଛାତ୍ର ତାଙ୍କ ସହ ପାଖାପାଖି ୧୯ଥର କଥା ହୋଇଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। କ୍ରାଇମବ୍ରାଞ୍ଚ ଏହାର ଭଏସ୍ ରେକର୍ଡ ସଂଗ୍ରହ କରିଛି। ଏହି ରେକର୍ଡକୁ ଷ୍ଟେଟ୍ ଫୋରେନସିକ ଲ୍ୟାବକୁ ଯାଞ୍ଚ ପାଇଁ ପଠାଯିବ। କ୍ରାଇମବ୍ରାଞ୍ଚ ଟିମ୍ ଜେଲ ମଧ୍ୟରେ ପାଖାପାଖି ୨ଘଣ୍ଟାରୁ ଅଧିକ ସମୟ ଧରି ଦୁଇ ଛାତ୍ର ନେତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲା। ସୂଚନାଯୋଗ୍ୟ, ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପଛରେ ଏହି ଦୁଇ ଛାତ୍ରଙ୍କ ହାତ ରହିଥିବାର ପ୍ରମାଣ ପାଇବା ପରେ କ୍ରାଇମବ୍ରାଞ୍ଚ ଗତ ୩ ତାରିଖରେ ସେମାନଙ୍କୁ ଗିରଫ କରିଥିଲା। ତେବେ କ୍ରାଇମବ୍ରାଞ୍ଚ ଅଧିକ ତଥ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଗିରଫ ଦୁଇ ଛାତ୍ରଙ୍କୁ ତିନିଦିନ ପାଇଁ ରିମାଣ୍ଡରେ ନେଇଛି।

# ପୂଜା ଛୁଟି ପରେ ଆରଆଇ, ଅମିନ ପ୍ରିଲିମିନାରୀ ପରୀକ୍ଷା

ଭୁବନେଶ୍ୱର,୧୨।୮ (ସମିସ): ବିବାଦୀୟ ଆରଆଇ, ଏଆରଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ପୁଣିଥରେ ପ୍ରିଲିମିନାରୀ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂଜା ଛୁଟି ପରେ ଆସନ୍ତା ଅକ୍ଟୋବର ଓ ନଭେମ୍ବର ମାସରେ ପରୀକ୍ଷା ହେବ। କମ୍ପ୍ୟୁଟର ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆରଇ) ମାଧ୍ୟମରେ ପରୀକ୍ଷା କରିବାକୁ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ଆଜି ବିଜ୍ଞପ୍ତି ପ୍ରକାଶ କରିଛି। ପୂର୍ବରୁ ହୋଇଥିବା ସମସ୍ତ ପ୍ରକ୍ରିୟାକୁ ବାତିଲ୍ କରି ପୁଣିଥରେ ମୂଳରୁ ପ୍ରକ୍ରିୟା ଆରମ୍ଭ କରାଯିବ। ପୂର୍ବରୁ ଆବେଦନ କରିଥିବା ସମସ୍ତ ଆଶାୟୀ ପରୀକ୍ଷା ଦେଇପାରିବେ। ଫଳରେ ୫ଲକ୍ଷ ୫୮ହଜାର ୧୨୮ ଆବେଦନକାରୀ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଛି। ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବା ନେଇ ନିୟମ ଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷା ଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ। ଦୁଇ ସପ୍ତାହ ମଧ୍ୟରେ ପ୍ରିଲିମିନାରୀ ପରୀକ୍ଷା ତାରିଖ ସ୍ଥିର କରିବାକୁ କୋର୍ଟ ଗତ ଜୁଲାଇ ୩୦ ତାରିଖରେ ନିର୍ଦ୍ଦେଶ ଦେଇଥିବାବେଳେ ପ୍ରାୟ ୧୨ ଦିନ ପରେ ନୂତନ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଟ୍ରକ-ବାଇକ ମୁହାଁମୁହିଁ ଧକ୍କା; ୨ ମୃତ

ବାରିପଦା / କୁଳିଅଣା,୧୨।୮ (ସମିସ): ମଙ୍ଗଳବାର ୧୮ନଂ ଜାତୀୟ ରାଜପଥର କୁଳିଅଣା ଥାନା ଅନ୍ତର୍ଗତ ତିରିଙ୍ଗି ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଖାଣ୍ଡପୋଷରିଆ ଥାନା ଅଞ୍ଚଳ ଦିଗି ଗ୍ରାମର ନାରାୟଣ ଦାସ(୪୫) ଓ ଦାନାଦର ଗ୍ରାମର ରଞ୍ଜିତ ଦେହୁରୀ(୩୫)। ଉଭୟ ବାରିପଦାରୁ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସେମାନେ ଏକ ବାଇକ୍‌ରେ ଟ୍ରାଫିକ୍‌ର ବିପରୀତ ଦିଗ (ରଙ୍ଗ ରୁଟ୍)ରେ ଦ୍ରୁତ ଗତିରେ ଏକ ଟ୍ରକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲେ। ଏଥିରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। କୁଳିଅଣା ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଭୟ ଟ୍ରକ୍ ଓ ବାଇକ୍‌କୁ ଜବତ କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

[illegible]

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 12-08-2025 I, Raju Luhar, Address AT- Dabak, PO- Nuagaon, PS- Khunta, Dist- Mayurbhanj, PIN-757104 declare that I have changed the name of my daughter from Priyanka Lohar to Saradha Luhar. Henceforth, she shall be known as Saradha Luhar for all purposes.

Raju Luhar

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 12-08-2025 I, Ramachandra Tudu, Address At- Astia, PO-Srinathpur, PS- Udala, Dist- Mayurbhanj, Pin-757085 declare that I have changed the name of my daughter from Duni Tudu to Sunita Tudu. Henceforth, she shall be known as Sunita Tudu for all purposes.

Ramachandra Tudu

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଆଧାର' ନାଗରିକତ୍ୱର...

ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କ ଖଣ୍ଡପୀଠ କହିଲେ ଯେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଭାରତର ନାଗରିକ କିଏ? ଏହାର ଯାଞ୍ଚ କରିବାର କ୍ଷମତା ନିର୍ବାଚନ କମିସନ (ଇସି) ପାଖରେ ଅଛି କି ନାହିଁ। ଯଦି ସେମାନଙ୍କର ଏଭଳି କ୍ଷମତା ନାହିଁ, ତାହା ହେଲେ ଏସ୍‌ଆଇଆରର କିଛି ଅର୍ଥ ନାହିଁ। ଯଦି ଇସିର କ୍ଷମତା ରହିଛି, ତାହାହେଲେ ଏସ୍‌ଆଇଆରକୁ ନେଇ ଆଉ କିଛି ସମସ୍ୟା ରହିବ ନାହିଁ। ଆବେଦନକାରୀଙ୍କ ପକ୍ଷରୁ ଅନ୍ୟତମ ଓକିଲ ଅଭିଷେକ ସିଂଘଭୀ କହିଥିଲେ ଯେ ଦେଶର ନାଗରିକ କିଏ ତାହାର ଯାଞ୍ଚ କେବଳ ଭାରତ ସରକାରଙ୍କର ସ୍ୱରାଷ୍ଟ୍ର ବିଭାଗ କରିପାରିବ। ଏହି କ୍ଷମତା ନିର୍ବାଚନ କମିସନଙ୍କୁ ଦିଆଯାଇନାହିଁ।

ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି ବରିଷ୍ଠ ଓକିଲ କପିଲ ଶିବଲ କହିଲେ ଯେ ବିହାରରେ ବହୁ ସଂଖ୍ୟକ ଲୋକମାନଙ୍କ ପାଖରେ ଆବଶ୍ୟକ ପ୍ରମାଣପତ୍ର ନଥିବାରୁ ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଉଛି। ସେ ଆହୁରି କହିଲେ ଯେ ଏସ୍‌ଆଇଆର୍ ବେଳେ ନିର୍ବାଚନ କମିସନ ଯାହାକୁ ମୃତ ବୋଲି ଘୋଷଣା କରିଛନ୍ତି, ସେମାନେ ଜୀବୀତ ଥିବାର ପ୍ରମାଣ ରହିଛି। ଜୀବୀତ ଲୋକଙ୍କୁ ଜାଣିଶୁଣି ମୃତ ଘୋଷଣା କରି ସେମାନଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଉଛି। ଏହାର ଉତ୍ତର ଦେବାକୁ ଯାଇ କମିସନଙ୍କ ଓକିଲ ରାକେଶ ଦ୍ୱିବେଦୀ ସ୍ୱୀକାର କରିଥିଲେ ଯେ ଏସ୍‌ଆଇଆର୍ ବେଳେ ଏମିତି ତ୍ରୁଟି ହୋଇଛି। ଏହା କେବଳ ଚିଠା ତାଲିକା ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ବେଳେ ଏହାର ସଂଶୋଧନ କରାଯିବ। ଏହି ସମୟରେ ମାନ୍ୟବର ବେଞ୍ଚ କହିଲେ ଯେ ଶୁଣାଣି ବେଳେ କମିସନଙ୍କ ପାଖରେ ସବୁ ତଥ୍ୟ ରହିବା ଉଚିତ। ଏସ୍‌ଆଇଆର୍ ପୂର୍ବରୁ ଭୋଟର ସଂଖ୍ୟା କେତେ ଥିଲା ଏବଂ କେତେ ଭୋଟରଙ୍କ ମୃତ୍ୟୁ ଘଟିଛି। ଏବେ ଏହି ସଂଖ୍ୟା କେତେ। ଏସଂକ୍ରାନ୍ତ ତଥ୍ୟ ଧରି ଆସିବାକୁ କୋର୍ଟ କହିଥିଲେ।

ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ ଭୋଟର ତାଲିକାରୁ ବ୍ୟାପକ ସଂଖ୍ୟାରେ ନାମ କଟାଯାଇଥିଲେ କୋର୍ଟ ହସ୍ତାକ୍ଷେପ କରିପାରିବେ ଏବଂ ଏହା ଉପରେ ବିଚାର କରାଯିବ। ଏସ୍‌ଆଇଆର୍ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା ହୋଇଥିବା ଧରାପଡ଼ିଲେ କୋର୍ଟ ଏହାକୁ ରଦ୍ଦ ମଧ୍ୟ କରିଦେଇପାରିବେ। ଚଳିତ ବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନ ହୋବକୁ ଯାଉଥିବା ବେଳେ ୩୦ ସେପଟେମ୍ବର ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବ ନିର୍ବାଚନ କମିସନ।

### ଚାଲିପାରୁନି ସଂସଦ...

ବାଚନିକ ଭୋଟରେ ପାସ୍ ହୋଇଯାଇଥିଲା। ହଟ୍ଟଗୋଳ ମଧ୍ୟରେ ଏହାପୂର୍ବରୁ ଗୃହରେ ଆୟକର ବିଲ୍ ବିନା ଆଲୋଚନାରେ ପାସ୍ ହୋଇଥିଲା।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ବିରୋଧୀ ଦଳର ସଭ୍ୟମାନେ ଉତ୍ତେଜିତ ହୋଇ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ମଧ୍ୟରେ ସରକାର ବାଚନିକ ଭୋଟରେ ଦୁଇଟି ବିଲ ପାସ କରାଇନେଇଥିଲେ। ବିରୋଧୀ ସଭ୍ୟମାନେ ସ୍ଲୋଗାନ ଦେଉଥିବା ବେଳେ ଉପାଧ୍ୟକ୍ଷ ହରିବଂଶ କହିଥିଲେ ଯେ ଜିରୋ ଆୱାର ବେଳେ ସାଂସଦ ସେମାନଙ୍କର ପ୍ରଶ୍ନ ଉଠାଇପାରିବେ। ମୁଲତବୀ ଆଲୋଚନା ପାଇଁ ସେ ବିରୋଧୀଙ୍କ ପକ୍ଷରୁ ଦିଆଯାଇଥିବା ୨୯ଟି ନୋଟିସ୍‌କୁ ଖାରଜ କରିଦେଇଥିଲେ। ଏହାର ପ୍ରତିବାଦ କରି ବିରୋଧୀ ଦଳ ୱାକ୍ ଆଉଟ୍ କରିଥିଲେ।

ସଂସଦ ବାହାର ମଧ୍ୟ ବିରୋଧୀ ଦଳର ସାଂସଦମାନେ ଧାରଣା ଦେବା ସହିତ ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ଧାରଣାରେ ସବୁ ଦଳର ସାଂସଦ ସାମିଲ ହୋଇଥିଲେ।

### ବରଗଡ଼ ଛାତ୍ରୀ ଆତ୍ମାହୁତି...

ଗାଇସିଲଟରେ ଜଣେ ନାବାଳିକା ନିଆଁରେ ଜଳି ପ୍ରାଣ ହରାଇବା ଖବର ମୋତେ ଗଭୀର ଭାବେ ବ୍ୟଥିତ, ଚକିତ ଓ ମର୍ମାହତ କରିଛି। ନାବାଳିକାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏପରି ଦୁଃଖଦ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାରର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ନିଆଁ ଲଗାଇ ଆମ ଝିଅମାନେ ଜୀବନ ହାରିବାର ଏହି ଧାରା ଅତ୍ୟନ୍ତ ବିଚଳିତ କରିଦେବା ପରି। ଏଇ ଗୋଟେ ମାସ ଭିତରେ ଚାରି ଚାରି ଜଣ ଯୁବତୀ ସମାନ ଭାବରେ ନିଜ ଜୀବନ ହାରି ଦେଇଛନ୍ତି। ଏପରି ନିରୀହ ଜୀବନ ଚାଲିଯିବା ସମଗ୍ର ଓଡ଼ିଶାବାସୀଙ୍କୁ ବ୍ୟଥିତ କରୁଛି। ଏହା ଆହୁରି ହୃଦୟବିଦାରକ ଯେ, ସେମାନେ ଆଉ କୌଣସି ରାସ୍ତା ନ ପାଇ ଶେଷରେ ନିଜ ଜୀବନ ହାରିବାକୁ ବାଛି ନେଉଛନ୍ତି ବୋଲି ନବୀନ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ କେବଳ ଏଇ ଚାରି ନିରୀହ ଜୀବନ ନୁହେଁ, ଏବେ ପ୍ରତିଦିନ ଅପରାଧର ଶିକାର ହୋଇ ଓଡ଼ିଶାର ଅନେକ ଝିଅ ଏପରି ପରିସ୍ଥିତିର ସାମ୍ନା କରୁଛନ୍ତି। ସେମାନଙ୍କ ନିରାଶା କେବଳ ଏକ ବ୍ୟକ୍ତିଗତ ଘଟଣା ନୁହେଁ। ପ୍ରତିଦିନ ଘଟୁଥିବା ଏପରି ଘଟଣା, ବ୍ୟବସ୍ଥାର ବିଫଳତା ପରି ଏକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ବିଜେପିର ଶାସନ, ବ୍ୟବସ୍ଥା ଉପରେ ଭରସା ବଜାୟ ରଖିବାରେ ବିଫଳ ହୋଇଛି। ଆମେ ଆମ ଝିଅମାନଙ୍କ ପାଇଁ ଏପରି ଏକ ପରିବେଶ ସୁନିଶ୍ଚିତ କରି ପାରୁନାହାନ୍ତି; ଯେଉଁଠି ସେମାନେ ସୁରକ୍ଷିତ ଥିବେ, ସେମାନଙ୍କ କଥା ଶୁଣା ଯାଉଥିବ ଏବଂ ସେମାନଙ୍କ ଗୁରୁତ୍ୱ ଥିବ ବୋଲି ନବୀନ କ୍ଷୋଭ ପ୍ରକାଶ କରି କହିଛନ୍ତି।

### ଦଶମ ଛାତ୍ରୀଙ୍କୁ...

ଓଉପଦା ନେବା ପରିବର୍ତ୍ତେ କୁନ୍ଦୁପୁର ମଶାଣି ଆଡ଼କୁ ଥିବା ମାଟି ରାସ୍ତାରେ ନେଇଥିଲେ। ଏପଟେ କୁଆଡ଼େ ଯାଉଛ ବୋଲି ପୀଡ଼ିତାଜଣଙ୍କ ପଚାରିଥିଲେ ମଧ୍ୟ ପିଇସା ମଶାଣି ନିକଟରେ ଥିବା ନିଛାଟିଆ ଜଙ୍ଗଲ ଭଳି ହୋଇଥିବା ସ୍ଥାନକୁ ନେଇଯାଇଥିଲେ। ପୀଡ଼ିତାଙ୍କ ବିରୋଧ ସତ୍ତ୍ୱେ ପିଇସା ତାକୁ ଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ଅନ୍ୟ ୪ଜଣ ଅଜଣା ଲୋକ ଆସି ତାଙ୍କୁ ମାଡ଼ ମାରି ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ନିଜେ ଏତଲାରେ ଦର୍ଶାଇଛନ୍ତି। ଗଣଦୁଷ୍କର୍ମ ପରେ ପିଇସା ପୀଡ଼ିତା ଝିଅାରୀକୁ ଗାଁ ମୁଣ୍ଡରେ ଏକା ଛାଡ଼ିଦେଇଥିଲା। ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣା ପରେ ପୀଡ଼ିତା ନାବାଳିକା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ମାଇଁ ତାଙ୍କୁ ସାହସ ଦେବା ସହ ତାଙ୍କୁ ଆଣି ଥାନାରେ ପହଞ୍ଚାଇଥିବା ପୀଡ଼ିତା ଏତଲାରେ ଦର୍ଶାଇଛନ୍ତି।

ଘଟଣାଟି ଗତ ୯ ତାରିଖରୁ ଘଟିଥିଲେ ହେଁ ୧୧ ତାରିଖ ବିଳମ୍ବିତ ରାତିରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ରାତାରାତି ପିଇସା ହାପି ମଳିକ ଓ ଏହି ଘଟଣାରେ ସମ୍ପୃକ୍ତ ଥିବା ଗାଁର ଅନ୍ୟ ୪ ଜଣ ଯୁବକଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରୁଛି। ୪ ଯୁବକଙ୍କ ମୋବାଇଲ୍ ଜବତ କରି ଯାଞ୍ଚ କରାଯାଉଛି। ଘଟଣା ସମୟର ଫଟୋ ଓ ଭିଡିଓ ଦୁଷ୍କର୍ମକାରୀମାନେ ଉତ୍ତୋଳନ କରି ତାହାକୁ ଭାଇରାଲ କରିବା ସହ ପୀଡ଼ିତଙ୍କ ଭାଇଙ୍କ ପାଖକୁ ପଠାଇଥିଲେ। ଭାଇ ମୋବାଇଲ୍‌ରେ ଆସିଥିବା ଫଟୋ ଦେଖି ସେ ତାଙ୍କ ଭଉଣୀ ସହ ଦୁଷ୍କର୍ମ ହୋଇଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମକାରୀମାନେ ଦୁଷ୍କର୍ମ ଓ ଅସଦାଚରଣ କରି ଫଟୋ ଉଠାଇ ତାଙ୍କ ଭାଇଙ୍କୁ ପଠାଇବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତାକୁ ପଟ୍ଟାମୁଣ୍ଡାଇ ମେଡିକାଲରେ ଓ ମୁଖ୍ୟ ଅଭିଯୁକ୍ତ ପିଇସାକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଛି ବୋଲି ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ରାଜନଗରରେ ବିକ୍ଷୋଭ ଓ ରାସ୍ତାରୋକ କରାଯାଇଛି। କଂଗ୍ରେସ ଓ ବିଜେଡି ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି।

### ସ୍ତ୍ରୀକୁ ପିଟିପିଟି...

ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

ସଳିତା ଉଦୟର ତୃତୀୟ ସ୍ତ୍ରୀ। ପ୍ରଥମ ସ୍ତ୍ରୀର ମୃତ୍ୟୁ ପରେ ତୁଳସୀଙ୍କୁ ୨ୟ ବିବାହ କରିଥିଲା। ତୁଳସୀଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଅଭିଯୋଗରେ ପୂର୍ବରୁ ଉଦୟ ୬ ବର୍ଷ ଜେଲ୍‌ଦେଣ୍ଡ ଭୋଗି ଘରକୁ ଫେରିଥିଲା। ପରେ ସଳିତାଙ୍କୁ ତୃତୀୟ ବିବାହ କରିଥିଲା। ଏବେ ତା'ର ଚତୁର୍ଥ ସ୍ତ୍ରୀ ଗର୍ଭବତୀ ଥିବା ଗ୍ରାମବାସୀ କହିଛନ୍ତି। ସାନଭାଇ ରତନଲାଲଙ୍କ ଅଭିଯୋଗ ଆଧାରରେ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ, ଏଏସ୍‌ଆଇ ସଞ୍ଜୟ କୁମାର ନାଏକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅଭିଯୁକ୍ତ ଉଦୟକୁ ଅଟକ ରଖି ପଚରାଉଚରା କରୁଛନ୍ତି। ବାରିପଦାରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ ଜାରି ରଖିଛନ୍ତି। ମହୁଲଡିହା ଥାନାରେ ପୁଲିସ ଏକ ମାମଲା ରୁଜୁ କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରହିଛି।

# ୨୨ରେ ବାଲେଶ୍ୱରରେ କଂଗ୍ରେସର ନାରୀ ନ୍ୟାୟ ଯାତ୍ରା

ଭୁବନେଶ୍ୱର, ୧୨।୮ (ସମିସ): ଦିବଂଗତା ସୌମ୍ୟାଶ୍ରୀଙ୍କ ସମେତ ନାରୀ ନିର୍ଯାତନାର ଶିକାର ହୋଇଥିବା ମହିଳାମାନଙ୍କ ପାଇଁ ଆସନ୍ତା ୧୪ତାରିଖରେ ବାଲେଶ୍ୱରରେ ପିସିସି ପକ୍ଷରୁ ନାରୀ ନ୍ୟାୟ ପଦଯାତ୍ରା ହେବାର ଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆସନ୍ତା ୨୨ ତାରିଖ ଶୁକ୍ରବାରକୁ ଘୁଞ୍ଚାଇ ଦିଆଯାଇଛି। ସେଦିନ ପୂର୍ବାହ୍ନ ୧୦ଟାରୁ ବାଲେଶ୍ୱର ସିନେମାହଲ୍ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରୁ ପିସିସି ସଭାପତି ଭକ୍ତ ଚରଣ ଦାସ, ଅନ୍ୟାନ୍ୟ କଂଗ୍ରେସ ନେତୃବୃନ୍ଦ ଓ ଶତାଧିକ ଦଳୀୟ ତଥା ସାମାଜିକ କର୍ମୀ ଏକ ପଦଯାତ୍ରାରେ ବାହାରିବେ ବୋଲି ଆଜି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଶୋଭାଯାତ୍ରା ଫକୀରମୋହନ କଲେଜ, ଆଜିମାବାଦ, ସଦର ଥାନା ଛକ ଦେଇ ଗାନ୍ଧୀ ସ୍ମୃତି ଭବନ ପ୍ରାଙ୍ଗଣରେ ପହଞ୍ଚିବ। ସେଠାରେ ଏକ ସାଧାରଣ ସଭାରେ ସଭାପତି ଶ୍ରୀ ଦାସ ଓ ଦଳର ନେତୃବୃନ୍ଦ ଉଦ୍‌ବୋଧନ ଦେବେ ବୋଲି ନିଷ୍ପତ୍ତି ହୋଇଛି।

# ଆଜି ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ

ଭୁବନେଶ୍ୱର,୧୨।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ବୁଧବାର ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ବିଶେଷ କରି ଲଘୁଚାପର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସହ କେନ୍ଦ୍ରୀୟ ଓଡ଼ିଶାରେ ବର୍ଷା ନେଇ ଆଶଙ୍କା ରହିଛି। ଅନ୍ୟପଟେ ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସନ୍ଧ୍ୟା ସାଢ଼େ ୫ ଟା ସୁଦ୍ଧା ଅନୁଗୁଳରେ ୧୨ ମିମି, ଦାରିଙ୍ଗବାଡ଼ିରେ ୧୧ ମିମି, ପାରଳାଖେମୁଣ୍ଡିରେ ୮ ମିମି ବର୍ଷା ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ବୁଧବାର କୋରାପୁଟ ଓ ମାଲକାନଗିରିରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବାକୁ ଥିବା ବେଳେ ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ବଲାଙ୍ଗିର ଓ ନୂଆପଡ଼ାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି। ଏହି ଲଘୁଚାପ ଯୋଗୁଁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

**GOVERNMENT OF ODISHA** A-492
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA**
(E-mail ID: eemirgd@ymail.com)
**NOTICE INVITING TENDER**
e-Procurement Notice
e-Procurement Notice No. **SEMIDRGD - 01/2025-26**
**Letter No. 2714 Dated. 11.08.2025**

The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | : Improvement to 11 nos. of MIPs in different Block of Rayagada District under Critical Grant for the year 2025-26. |
| 2. | Total Number of works | : 11 (Eleven) Nos. |
| 3. | Estimated cost | : Approximately varies from Rs. 16.95 lakh to Rs. 29.66 lakh. |
| 4. | Period of completion | : Varies from 90 (Ninety) to 120(One Hundred Twenty) Days |
| 5. | Class of Contractor | : "D", "C" & "B" Class Contractor |
| 6. | Date and time of availability of bid documents in the portal | : From 10.00 A.M of 16.08.25 to 5.00 PM of 26.08.2025 |
| 7. | Last date /time for receipt of bids in the portal | : 5.00 PM on 26.08.2025 |
| 8. | Date of opening of bid | : At 11.00 AM on 29.08.2025 in website (www.tendersorissa.gov.in) |
| 9. | Submission of Bids | : Online mode |
| 10. | Name of the Officer inviting Bid | : Superintending Engineer, Minor Irrigation Division, Rayagada |

11. Further details can be seen from the Government of Odisha Website: www.tendersorissa.gov.in

OIPR-32524/11/0024/2526

Superintending Engineer
M.I. Division, Rayagada

**AFFIDAVIT**

I, Sajvel Chichkhede s/o Siddthartha Chichkhede resides Udaigiri, Room no.406, Darlipali, NTPC Darlipalli township, Sundargarh, Odisha (770072) have wronged father's name in class 10 and 12th marksheet declared by this affidavit no. 603 dated 28/07/2025 that my father's name shall be known as **SIDDHARTH CHICHKHEDE** for all future purposes.

**AFFIDAVIT**

I Firza Khatun, aged about 60 years, W/o- Golam Mohammad Of Vill - Jayanagar (Munusipatana), Po/Ps- Dhamnagar, Dist.: Bhadrak, Pin-756117, affidavit No 3258-dated 22-05-2025 That I swear this affidavit to place before concerned authority to prove of my name as Firza Khatun & Firoza Khatun, W/o- Golam Mohammad is one & Same person. that I concerned authority for correction of my adhar card mentioning my recorded name.

**NOTICE**

By virtue of an affidavit sworn before The Notary Public, Sunabeda dated 12/08/2025 I, Smt. Manima Majhi, W/o- Jayaram Majhi, Vill.- Mangrel, Po.- Raising, Ps.- Padwa, District- Koraput declare that I have changed my name from **Mani Majhi** to **Manima Majhi**. Henceforth, I shall be known as **Manima Majhi** for all purposes.

**AFFIDAVIT**

By virtue of an affidavit executed before the Executive Magistrate, Athgarh on 22.7.2025 declare the following facts that I Sanjukta Nayak W/o-Ramakant Nayak of Village-Bailo Po- Mahakalbasta Ps- Athgarh Dist. Cuttack . But in my Adhar Card it was recorded as Sanjukta Parida instead of Sanjukta Nayak. Henceforth I will known as Sanjukta Nayak for all purposes.

**AFFIDAVIT**

By virtue of an affidavit sworn before Executive Magistrate, Nandapur, Dist.- Koraput, I Guntha Narayano, S/o- Late Guntha Dhana, resident of Vill.- Daleiput, Po.- Kularsing, Ps.- Padwa, Dist.- Koraput, Odisha, Pin- 764038 state that, I have changed my name from **Narayan Guntha** to **Guntha Narayano**. Henceforth I shall be known as **Guntha Narayano** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Padampur, on dated- 11/08/2025. I, **Bhabani Patel,** S/o- Soukilal Patel, permanent & current resident of At- Purena, Po- Purena, Dist- Bargarh, PIN- 768036, Odisha declare that I have changed my minor Daughter name from **Sunam Patel** (old name) To **Sonam Patel** (new name). Henceforth, she shall be known as **Sonam Patel** (new name) for all future purposes.

**Bhabani Patel**

**AFFIDAVIT**

I, Kedar Chandra Pattanaik, aged about 65 years, S/o- Bhagirathi Pattnaik resident of At- Flat No-3/1, Block No- C2, Hitech Residency, Madhipur, Kuha, Bhubaneswar, Pin- 751002, Odisha declare by this affidavit No. 1588, dtd. 12/08/2025, that now onwards I shall be known as **KEDAR CHANDRA PATTNAIK** for all future purposes.

**AFFIDAVIT**

By virtue of an affidavit sworn before The Notary Public, Tentulikhunti, Nabarangpur, dated- 11/08/2025. I **Gilgan Samantray,** S/o Late Chitaranjan Samantray, resident of Vill/Po/Ps- Tentulikhunti, Dist- Nabarangpur, Pin- 764070, Odisha declare that I have changed my minor son's name from **Gifson Samantaray** (old name) to **Amlan Bibhav Samantray** (new name). Henceforth, he shall be known as **Amlan Bibhav Samantray** (new name) for all purposes.

**Gilgan Samantray**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 12/08/2025. I, **Ketak Tandi** (Applicant name), S/O- Kirti Tandi, Permanent resident of At- Satighat, P.O. Bhatipada, P.S. Titilagarh, Dist- Balangir, (Odisha), PIN- 767042, now residing at the same place affirm that I have changed my minor son's name from **Rehan Tndi** (old name) to **Rehan Tandi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Rehan Tandi** (new name).

**Ketak Tandi**

**AFFIDAVIT**

I, Purusottam Swain, aged about 59 years, S/o- Sanyasi Swain resident of At- Kurulai, Po- Patulisahi, Dist- Ganjam, Pin-761140, Odisha declare by this affidavit No. 1589, dtd. 12/08/2025, that now onwards I shall be known as **PURUSHOTTAM SWAIN** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Padampur, on dated- 08/08/2025. I, **Niroj Kumar Patel,** S/o- Dala Patel, permanent & current resident of At- Satibhata, Po- Purena, Dist- Bargarh, PIN- 768036, Odisha declare that I have changed my minor son's name from **Joshapal Patel** (old name) To **Jashapal Patel** (new name). Henceforth, he shall be known as **Jashapal Patel** (new name) for all future purposes.

**Niroj Kumar Patel**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଚନ୍ଦକା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ପ୍ରଶାନ୍ତ କୁମାର ପାତ୍ର, ପିତା: ଲକ୍ଷ୍ମୀଧର ପାତ୍ର, ଠିକଣା-୧: ସା: ପଣସପୁରପାଟଣା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୨୩, ଠିକଣା-୨: ସା: ଗୋପବନ୍ଧୁ ନଗର, ଚାନ୍ଦପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ପିନ୍-୭୫୨୦୨୪ | ଟ.୨୧,୦୬,୧୫୫.୦୦ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୭.୦୫.୨୦୨୫ / ୧୧.୦୮.୨୦୨୫ | ପ୍ରଶାନ୍ତ କୁମାର ପାତ୍ର, ପିତା: ଲକ୍ଷ୍ମୀଧର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୦୫/୬୫୪, ପ୍ଲଟ୍ ନଂ.: ୩୮୭/୩୦୪୪, ସମୁଦାୟ କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି, ମୌଜା: ଚାନ୍ଦପୁର, ଥାନା: ଚାନ୍ଦପୁର, ତହସିଲ: ରଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ଏହାର ଚଉପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ନରସିଂହ ପାତ୍ର, ପୂର୍ବ: ବିକ୍ରେତା (ସମିତା ମହାପାତ୍ର), ପଶ୍ଚିମ: ଇତିଶ୍ରୀ ପ୍ରଧାନ |
| ଚନ୍ଦକା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଶାଖା / ଋଣଗ୍ରହୀତା: ଶ୍ରୀ ରହିତ ବେହେରା, ପିତା: ରଘୁନାଥ ବେହେରା / ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ରଘୁନାଥ ବେହେରା, ପିତା: ୰ ଫକୀର ବେହେରା, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୨୧୦୯, ମାନସିଂହପୁର, ନାରାୟଣୀ ମନ୍ଦିର ନିକଟ, କୁହୁଡ଼ି-ଚିଲିକା ରୋଡ଼, ପୋ: ସୋରେନ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୨୭ | ଟ.୮,୭୮,୮୮୭.୫୯ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୭.୦୫.୨୦୨୫ / ୧୧.୦୮.୨୦୨୫ | ଶ୍ରୀ ରଘୁନାଥ ବେହେରା, ପିତା: ୰ ଫକୀର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୦୨/୧୯୪, ପ୍ଲଟ୍ ନଂ.: ୨୧୦୯, ସମୁଦାୟ କ୍ଷେତ୍ର: ଏକର୦.୦୩୦ଡିସିମିଲି, କିସମ: ଘରବାରି, ମୌଜା: ମାନସିଂହପୁର, ଥାନା: ଟାଙ୍ଗୀ, ଏସ୍‌ଆରଓ: ଟାଙ୍ଗୀ, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୨୭, ଓଡ଼ିଶା, ଏହାର ଚଉପାର୍ଶ୍ୱରେ- ଉତ୍ତର: ହାକୁ ପଲାଇ, ଦକ୍ଷିଣ: ସନାତନ ବେହେରା, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା। |
| ଜଗତସିଂହପୁର ଶାଖା / (୧) ଋଣଗ୍ରହୀତାମାନେ: ୧) ଶ୍ରୀ ଶ୍ରୀକାନ୍ତ ପାତ୍ର, ପିତା: ୰ ବିପିନ ବିହାରୀ ପାତ୍ର, ୨) ଶ୍ରୀ ଶ୍ରୀଧର କୁମାର ପାତ୍ର, ପିତା: ୰ ବିପିନ ବିହାରୀ ପାତ୍ର, ଉଭୟଙ୍କ ବର୍ତ୍ତମାନ ଠିକଣା- ସା: ଦେଉଳିଗ୍ରାମେଶ୍ୱର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩, ସ୍ଥାୟୀ ଠିକଣା- ସା/ପୋ: ଢ଼େରିକି, ଥାନା: ନାଉଗାଁ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୩ / ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବିନତୀ ପାତ୍ର, ସ୍ୱାମୀ: ଶ୍ରୀ ଶ୍ରୀକାନ୍ତ ପାତ୍ର, ୨) ଶ୍ରୀମତୀ ସନ୍ଧ୍ୟାରାଣୀ ପାତ୍ର, ସ୍ୱାମୀ: ଶ୍ରୀଧର କୁମାର ପାତ୍ର, ଉଭୟଙ୍କ ଠିକଣା- ସା: ଦେଉଳିଗ୍ରାମେଶ୍ୱର, ପୋ/ଥାନା/ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩ (ଗୃହ ଋଣ ଆକାଉଣ୍ଟ ନିମନ୍ତେ), (୨) ଋଣଗ୍ରହୀତାମାନେ: ୧) ମେସର୍ସ ମା ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ରୀକାନ୍ତ ପାତ୍ର, ୨) ଶ୍ରୀ ଶ୍ରୀକାନ୍ତ ପାତ୍ର, ଉଭୟଙ୍କ ଠିକଣା- ସା: ଦେଉଳିଗ୍ରାମେଶ୍ୱର, ପୋ/ଥାନା/ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩ / ଜାମିନ୍‌ଦାର: ଶ୍ରୀ ଶ୍ରୀଧର କୁମାର ପାତ୍ର, ପିତା: ୰ ବିପିନ ବିହାରୀ ପାତ୍ର, ସା/ପୋ: ଢ଼େରିକି, ଥାନା: ନାଉଗାଁ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୩ (ବିଜିନେସ କ୍ରେଡିଟ୍ ଫ୍ୟାସିଲିଟିଜ୍-ଡବ୍ଲ୍ୟୁସିଏଫ୍‌ବିଏଲ୍-ସିସି ନିମନ୍ତେ) | ଟ.୨୬,୨୯,୩୪୮.୦୦ (ଗୃହ ଋଣ ଆକାଉଣ୍ଟ ନିମନ୍ତେ) ଏବଂ ଟ.୩୩,୯୨,୮୦୮.୦୦ (ବିଜିନେସ କ୍ରେଡିଟ୍ ଫ୍ୟାସିଲିଟିଜ୍-ଡବ୍ଲ୍ୟୁସିଏଫ୍‌ବିଏଲ୍-ସିସି ନିମନ୍ତେ) + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୫.୦୫.୨୦୨୫ / ୦୮.୦୮.୨୦୨୫ | ଶ୍ରୀ ଶ୍ରୀକାନ୍ତ ପାତ୍ର, ପିତା: ୰ ବିପିନ ବିହାରୀ ପାତ୍ର ଏବଂ ଶ୍ରୀ ଶ୍ରୀଧର କୁମାର ପାତ୍ର, ପିତା: ୰ ବିପିନ ବିହାରୀ ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପଟ୍ଟାଦାରୀ ଖାତା ନଂ.: ୫୨୫/୭୩୭, ପ୍ଲଟ୍ ନଂ.: ୭୪୦, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ପ୍ଲଟ୍ ନଂ.: ୭୩୯/୨୧୨୦, କ୍ଷେତ୍ର: ଏକର୦.୦୧ଡିସିମିଲି (ସମୁଦାୟ କ୍ଷେତ୍ର: ଏକର୦.୦୬ଡିସିମିଲି), କିସମ: ଘରବାରି (ଘରବାରି), ମୌଜା: ଦେଉଳିଗ୍ରାମେଶ୍ୱର, ଥାନା: ଜଗତସିଂହପୁର (ଥାନା ନଂ. ୨୪୧), ଡ଼ିଏସ୍‌ଆରଓ/ତହସିଲ: ଜଗତସିଂହପୁର (ତହସିଲ ନଂ. ୨୪୧), ଓଡ଼ିଶା, ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଏସ୍‌ଆରଓ: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର ଅଧିକାର ଅଧୀନ, ଏହାର ଚଉପାର୍ଶ୍ୱରେ- ଉତ୍ତର: ଅଜୟ କୁମାର ମହାରଣା, ଦକ୍ଷିଣ: ଶ୍ରୀ ପ୍ରତାପ କେଶରୀ ମହାନ୍ତି, ପୂର୍ବ: ରାସ୍ତା ଏବଂ ପଶ୍ଚିମ: ଶ୍ରୀ ବୈକୁଣ୍ଠ ମହାପାତ୍ର |

ତାରିଖ: ୧୨.୦୮.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଟ୍ରକ୍ ପଛରେ ପିଟିଲା ବାଇକ୍ ଜଣେ ମୃତ, ଜଣେ ଗୁରୁତର

କେନ୍ଦୁଝର/ବଡ଼ବିଲ,୧୨।୮ (ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଜାତୀୟ ରାଜପଥ ୫୨୦ର ଗନ୍ଧଲପଦା ଛକ ନିକଟରେ ଆଉ ଏକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ କୋଇଡ଼ା ଥାନା ସାଗାସାହି ଅଞ୍ଚଳର ଜୟରାମ ସାଇ। ସେ ଗୁଆଲି ସ୍ଥିତ ତ୍ରିବେଣୀ ଅର୍ଥ ମୁଭର୍ସ କମ୍ପାନୀର କର୍ମଚାରୀ ବୋଲି ଜଣାପଡିଛି। ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗନ୍ଧଲପଦା ଛକ ନିକଟରେ ଏକ ଟ୍ରକ୍ ପଛରେ ପିଟିହେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ଜବତ୍ କରି ରୁଗୁଡ଼ି ପୁଲିସ ତଦନ୍ତ ଆରମ୍ଭ କରିଛି।

# ଭତ୍ତା ଓ ରାସନରୁ ବଞ୍ଚିତ ଦୁଇ ବୃଦ୍ଧା





ତେଲକୋଇ,୧୨।୮ (ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟ ଝୁମୁକା ପଶିମୁଣ୍ଡା ସାହିର ଦୁଇ ଅସହାୟବୃଦ୍ଧା ଭତ୍ତା ଓ ରାସନରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଦୁଇ ଅସହାୟ ବୃଦ୍ଧା ନିରାଶ ମୁଣ୍ଡା (୮୨) ଓ ସୁବୃନି ମୁଣ୍ଡା (୭୦) ଦୀର୍ଘ ବର୍ଷ ହେବ ଭତା ଓ ରାସନରୁ ବଞ୍ଚିତ ଅଛନ୍ତି। ତେବେ ଉଭୟଙ୍କୁ କିଛି ବର୍ଷ ବିଧବା ଭତ୍ତା ମିଳିଥିଲା ମାତ୍ର ମାତ୍ର କୌଣସି କାରଣ ବଶତଃ ଏଇ ୪ରୁ ୫ ବର୍ଷ ହେବ ପୁଣି ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ତେଲକୋଇ ବ୍ଲକ ପ୍ରଶାସନ ସମ୍ପୃକ୍ତ ଅସହାୟ ବୃଦ୍ଧାଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଦାବି ହୋଇଛ।

# ହଜିଗଲା ଗୁରୁତ୍ୱପୂର୍ଣ୍ଣ ଫାଇଲ୍

ବେଲବାହାଲି,୧୨।୮ (ସମିସ): ଘସିପୁରା ବ୍ଲକ୍ କେଶଦୁରାପାଳ ଗ୍ରାମର ଶୁଭଦର୍ଶନ ମିଶ୍ରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଫାଇଲ୍‌ଟି ବସ୍‌ରେ ହଜିଯାଇଛି। ଶୁଭଦର୍ଶନ ଭୁବନେଶ୍ୱରରେ ପାଠ ପଢୁଛନ୍ତି। ବସ୍‌ରେ ଘରକୁ ଫେରୁଥିବା ବେଳେ ବିଟେକ୍‌ର ସାର୍ଟିଫିକେଟ ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ବିଭିନ୍ନ ପ୍ରମାଣପତ୍ର ଥିବା ଫାଇଲ୍‌ଟି ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ପାଇଥିଲେ ୭୦୦୮୧୯୭୩୪୨ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଖବର ପାଇ ନିଖୋଜ ପୁଅ ଘରକୁ ଫେରିଲା


● ମାସେ ହେଲା ପୁଅ ନିଖୋଜ
ଖୋଜିଖୋଜି ନୟାନ୍ତ ହେଲେଣି ବାପା

ରାମଚନ୍ଦ୍ରପୁର,୧୨।୮ (ସମିସ): ଗଣମାଧ୍ୟମରୁ ଖବର ପାଇ ନିଖୋଜ ଥିବା ଭେଣ୍ଡିଆ ପୁଅ ଦୀର୍ଘ ମାସେ ପରେ ଘରକୁ ଫେରିଛି। ଏନେଇ ପରିବାରରେ ଖୁସି କହିଲେ ନସରେ। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଗଡବାନ୍ଧଗୋଡା ମୁସଲମାନ ବସ୍ତିର ଏସକେ ଖୈରୁଦ୍ଦିନଙ୍କ ପୁଅ ଏସକେ ରିୟାଜୁଦ୍ଦିନ ଓଫଫ-ରମଜାନ୍ (୩୨) ଯାଜପୁର ଜିଲ୍ଲା କୁଆଖିଆ ବଜାର ଏକ ହୋଟେଲରେ ବର୍ଷେ ହେଲା କାମ କରୁଥିଲେ। ଗତ ଜୁଲାଇ ୧୪ ତାରିଖରୁ ଘରକୁ ଯିବା ପାଇଁ କହି କେଉଁଆଡେ ନିଖୋଜ ହୋଇଯାଇଥିଲା। ପୁଅକୁ ବହୁତ ଖୋଜାଖୋଜି ପରେ ବି ସନ୍ଧାନ ନମିଳିବାରୁ ପରିବାର ପକ୍ଷରୁ ରାମଚନ୍ଦ୍ରପୁର ଥାନା ସମେତ କୁଆଖିଆ ଥାନାରେ ପୁଅ ନିଖୋଜ ସମ୍ପର୍କରେ ଏତଲା ଦାଏର କରାଯାଇଥିଲା। ଗତ ୫ ତାରିଖରେ "ସକାଳ'ରେ "ମାସେ ହେଲା ନିଖୋଜ ପୁଅ, ଖୋଜିଖୋଜି ନୟାନ୍ତ ହେଲେଣୀ ବାପା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରେ ଯାଜପୁର ଜିଲ୍ଲା ଚଣ୍ଡିଖୋଲ ବଜାରରେ ବୁଲୁଥିବା ସମୟରେ ଖବରକାଗଜରୁ ନିଜେ ନିଖୋଜ ଥିବା ସମ୍ପର୍କରେ ଖବର ଦେଖି ପୁଅ ରମଜାନ୍ ଗତକାଲି ଘରକୁ ଆସିଥିଲେ। ପୁଅକୁ ଫେରି ପାଇ ଗଣମାଧ୍ୟମ ସହ ଆମ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି ପରିବାର ସଦସ୍ୟ।

# କୁଶେଇ ନଦୀରୁ ମହାଭାର ଯାତ୍ରା



ବେଲବାହାଲି,୧୨।୮ (ସମିସ): ଶ୍ରାବଣ ମାସର ଶେଷ ସୋମବାରରେ ଘସିପୁରା ବ୍ଲକ୍ ଖାଲିଆମେଣ୍ଟାର ମାନସିକଧାରୀଙ୍କ ଦ୍ୱାରା ମହାଭାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଦେଓଗାଁ କୁଶେଇ ନଦୀ କୂଳରେ ପୂଜାର୍ଚ୍ଚନା କରିବା ପରେ ବିଶାଳ ଶୋଭାଯାତ୍ରାରେ ଆସି ଖାଲିଆମେଣ୍ଟା ବାରମାସୀ ମନ୍ଦିରରେ ଜଳଲାଗି କରିଥିଲେ। ଏଥିରେ କମିଟି ସଦସ୍ୟ ଆଲୋକ କୁମାର ଜେନା, ଦିଲକ ଜେନା, ବବୁଲ ଜେନା, ଧର୍ମାନନ୍ଦ ଜେନା, ସତ୍ୟବ୍ରତ ଜେନା, ଚଗୁଲୁ ଜେନା, ସ୍ନେହିଓ ଚକ୍ର, ଶକ୍ତି ସାଇ ଜେନା, ବୂଟା ଜେନା ସନ୍ତୋଷ ଜେନା, ଚିନ୍ମୟ ଜେନା, ସରୋଜ ଭୂୟାଁ, ସୌମ୍ୟ ରଞ୍ଜନ ଜେନା, ପବିତ୍ର ଜେନା, ଗୁଲିଆ ଚକ୍ର, ଜଗମୋହନ ଜେନା, ଆଶିଷ ଜେନା, ରାକେଶ ଚକ୍ର, ଦେବବ୍ରତ ଜେନା, ନକୁଳ ଜେନା, ଗାନ୍ଧୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ଅବହେଳିତ ନଟିଆ ଗାଁ / ସନ୍ଧ୍ୟା ହେଲେ ଡିବିରି ଆଲୁଅ ଭରସା





## ଏବେ ବି ଗାଁରେ ନାହିଁ ବିଜୁଳି

## ଗ୍ରାମବାସୀଙ୍କ ଗୁହାରୀ ଶୁଣୁନି ପ୍ରଶାସନ

ଆନନ୍ଦପୁର,୧୨।୮ (ସମିସ): ସ୍ୱାଧିନତାର ୭୯ ବର୍ଷ ପରେ ବି ଏଭଳି ଏକ ଗାଁ ଅଛି; ଯେଉଁ ଗାଁର ଲୋକଙ୍କ ପାଇଁ ଆଜି ମଧ୍ୟ ବିଜୁଳୀ ଆଲୁଅ ସାତ ସପନ ପାଲଟିଛି। ଗାଁକୁ ଆଜି ପର୍ଯ୍ୟନ୍ତ ସଂଯୋଗ ହୋଇପାରିନି ବିଦ୍ୟୁତ୍। ବିଭାଗ ଠାରୁ ଆରମ୍ଭ କରି ଉପଖଣ୍ଡ ପ୍ରଶାସନ, ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭକରି ରାଜ୍ୟ ପଦାଧିକାରୀ ସମସ୍ତଙ୍କୁ ଗୁହାରୀ କଲେଣି। ଏଥିପାଇଁ ଧାରଣା ଏପରିକି ହରତାଳ ମଧ୍ୟ କରିଛନ୍ତି ଗ୍ରାମବାସୀ; ହେଲେ ଫଳଶୁନ। ବିନା ବିଜୁଳୀରେ କଲବଲ ହେଉଛନ୍ତି ଗ୍ରାମବାସୀ। ଅନ୍ୟପଟେ ୨୦୦୮ରୁ ଚାଲିଛି ଗାଁର ଅଙ୍ଗନବାଡ଼ି ଗୃହନିର୍ମାଣ କାମ; ଯାହା ଆଜିସୁଦ୍ଧା ସରିନାହିଁ। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ସାମୁକାନାଣ୍ଡି ପଞ୍ଚାୟତ ନଟିଆ ଗାଁରେ କେବେ ହେବ ବିକାଶ ସେନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଘଷିପୁରା ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ସାମୁକାନାଣ୍ଡି ପଞ୍ଚାୟତର ଇଏ ହେଉଛି ନଟିଆ ଗାଁ। ଦେଢ଼ଶହ ଘରକୁ ନେଇ ଏହି ଗାଁ ଲୋକଙ୍କ ସଂଖ୍ୟା ପାଖାପାଖି ପାଞ୍ଚଶହ ହେବ। ଏହି ଆଦିବାସୀ ଗାଁକୁ ନୂଆକରି ହେଉଥିବା ସଡ଼କକୁ ଛାଡ଼ିଦେଲେ ଦୂର ଦୂର ପର୍ଯ୍ୟନ୍ତ ବିକାଶର ଚିହ୍ନବର୍ଣ୍ଣ ନାହିଁ। ଗାଁକୁ ଆଜିଯାଏ ପହଁଞ୍ଚିପାରିନି ବିଜୁଳି ଆଲୁଅ। ଫଳରେ ଲୋକଙ୍କ ପାଇଁ ଦିନତ ଯେମିତି ହେଲେ କଟିଯାଉଛି, କିନ୍ତୁ ରାତି ହେଲେ ଭୟରେ ରହୁଛନ୍ତି ଗାଁ ଲୋକେ। ଜଙ୍ଗଲିଆ ଅଞ୍ଚଳ ଯୋଗୁଁ ସରୀସୃପ ମାନଙ୍କର ଭୟ ସବୁବେଳେ ଘାରିଥାଏ ଗାଁ ଲୋକଙ୍କୁ। ବିଜୁଳି ନ ଥିବାରୁ ପିଲାଙ୍କର ପାଠପଢା ଠାରୁ ଆରମ୍ଭକରି ସବୁକ୍ଷେତ୍ରରେ ସମସ୍ୟା ଭୋଗୁଛନ୍ତି ଗାଁ ଲୋକେ। ଗାଁକୁ ବିଜୁଳୀ ଆଲୁଅ ପାଇଁ ପୂର୍ବରୁ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭକରି ଜିଲ୍ଲାପାଳ, ରାଜ୍ୟ ଶକ୍ତି ବିଭାଗ ପର୍ଯ୍ୟନ୍ତ ବାରମ୍ବାର ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ କେହି ଏମାନଙ୍କ କଥା ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। କେବଳ ବିଦ୍ୟୁତ୍ ଆଲୁଅ ନୁହେଁ ଅନ୍ୟ କେତେକ କ୍ଷେତ୍ରରେ ମଧ୍ୟ ଗାଁକୁ ପ୍ରଶାସନିକ ସ୍ତରରେ କରାଯାଇଛି ଅବହେଳା ବୋଲି ଅଭିଯୋଗ ହେଉଛି। ଗାଁରେ ଗୋଟିଏ ଅଙ୍ଗନବାଡି ଅଛି ଏବଂ ପିଲା ସେଠାରେ ପାଠ ପଢୁଛନ୍ତି। ହେଲେ ପାଠପଢା ଚାଲିଛି ସ୍କୁଲ ବାରଣ୍ଡାରେ। ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣପାଇଁ ଅର୍ଥ ଆସିଛି ହେଲେ ଠିକାଦାର ଗୃହନିର୍ମାଣ କାମ ୨୦୦୮ ମସିହାର ଆରମ୍ଭ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ସରିନାହିଁ। ଆଦିବାସୀ ଲୋକ ବୋଲି ସମସ୍ତେ ଠକି ଦେଉଥିବା ଅନୁଭବ କରୁଛନ୍ତି ଗ୍ରାମବାସୀ। ନଟିଆ ଗାଁକୁ ବିଦ୍ୟୁତ୍ ସଂଯୋଗ ନଥିବା ନେଇ ବାରମ୍ବାର ଅଭିଯୋଗ ହେବାରୁ ୨୦୧୯ ମସିହାରେ ସୌଭାଗ୍ୟ ଯୋଜନାରେ ସୌରଶକ୍ତି ମାଧ୍ୟମରେ ଗାଁ ଲେକଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଇଥିଲା। ଗାଁରେ ମୋଟ ୧୫୦ ପରିବାର ରହିଥିବା ବେଳେ ମାତ୍ର ୮୦ ପରିବାରକୁ ସୌରଶକ୍ତି ବିଜୁଳି ଯୋଗାଣ କରାଯାଇଥିଲା। ଏକ କମ୍ପାନୀ ଏହି କାମର ଠିକା ନେଇଥିବା ବେଳେ ଲଗାଇବାର ମାତ୍ର କିଛିଦିନ ପରେ ଧିରେ ଧିରେ ଏହା ଖରାପ ହେବାରେ ଲାଗିଲା। ଏବେ ଘରମାନଙ୍କରେ କେବଳ ସୋଲାର ପ୍ୟାନେଲ ଝୁଲୁଛି। ମୋବାଇଲ ଚାର୍ଜ କରିବାକୁ ହେଲେ ଲୋକଙ୍କୁ ଅନ୍ୟ ଗାଁକୁ ଯିବାକୁ ପଡୁଛି। ତେବେ ନଟିଆ ଗାଁକୁ କେବେ ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଦ୍ୟୁତ୍ ବିଭାଗ ସହ ଏନେଇ ଆଲୋଚନା ହୋଇ ଆକଳନ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଛି। କୌଣସି ସରକାରୀ ଅନୁଦାନ ଦିଆଯାଇ ନଟିଆ ଗାଁକୁ ବିଦ୍ୟୁତ୍ କରଣ କରାଯିବ।

# ନାରୀ ସୁରକ୍ଷା ପାଇଁ ପୁଲିସ ବନ୍ଧୁ ସଚେତନତା କାର୍ଯ୍ୟକ୍ରମ



ଚମ୍ପୁଆ,୧୨।୮ (ସମିସ): ବଢୁଥିବା ମହିଳା ହିଂସା ଓ ରାଜ୍ୟରେ ଆତ୍ମହତ୍ୟା ଜନିତ ମୃତ୍ୟୁକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ବର୍ଗ ତଥା ସରକାରୀସ୍ତରରେ ପଦକ୍ଷେପ ସରୂପ ଆଜି ଚମ୍ପୁଆ ପୁଲିସ ପକ୍ଷରୁ ମହିଳା ସୁରକ୍ଷା ପାଇଁ ପୁଲିସ ବନ୍ଧୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନାଧିକାରୀ ରମାକାନ୍ତ ମୁଦୁଲି, ଏସଆଇ ହିମାଂଶୁ ଶେଖର ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କର, ପ୍ରଧ୍ୟାପକ ଶୁନିଲ କୁମାର ସାହୁ, ଅଧ୍ୟାପକ ଚମ୍ପେଶ୍ୱର ମିଶ୍ର, ରାଜକିଶୋର ମହାନ୍ତ ପ୍ରମୁଖଙ୍କ ସହ ଶତାଧିକ ଛାତ୍ରୀ ଯୋଗଦେଇଥିଲେ। ମହିଳାମାନେ କାର୍ଯ୍ୟକ୍ଷେତ୍ର, ରାସ୍ତାଘାଟ, ଘରେ, ଗାଁ ଓ ସାଧାରଣ ସ୍ଥାନଗୁଡିକରେ ସମ୍ମାନହାନୀ ଭଳି ସମସ୍ୟା ଉପୁଜିଲେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଏପରିକି ଭାରତୀୟ ନ୍ୟାୟସଂହିତା ମହିଳା ନିର୍ଯ୍ୟାତନା ଦଫା ବିଷୟରେ ଆଲୋକପାତ କରାଯାଇଥିଲା। ଛାତ୍ରୀମାନେ ସଚେତନ ହେଲେ ନିଜେ ନିଜର ସୁରକ୍ଷା ବିଷୟରେ ଅବଗତ ହୋଇ ନିଜନିଜ ଅଞ୍ଚଳରେ ସଚେତନତାର ବାର୍ତ୍ତା ବାଣ୍ଟିବାକୁ ପରାମର୍ଶ ଦିଆଯାଇ ୨୪ଘଣ୍ଟିଆ ପୁଲିସ ସହାୟତା ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା।

# କେନ୍ଦୁଝରରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



କେନ୍ଦୁଝର,୧୨।୮ (ସମିସ): ଦେଶପ୍ରେମର ଏକ ଚମତ୍କାର ପ୍ରଦର୍ଶନ କରି କେନ୍ଦୁଝର ଜିଲ୍ଲା ପ୍ରଶାସନ ଆଜି ହର୍‌ଘର୍ ତିରଙ୍ଗା ଅଭିଯାନର ଅଂଶ ଭାବରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରିଛି। ହଜାର ହଜାର ଛାତ୍ର, ଅଧିକାରୀ ଏବଂ ଜନସାଧାରଣ ଉତ୍ସାହ ଓ ଗର୍ବର ସହିତ ଜାତୀୟ ପତାକା ଧରି ଏବଂ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାଟି କେନ୍ଦୁଝର ଷ୍ଟାଡିୟମରୁ ଆରମ୍ଭ ହୋଇ ସହରର ମୁଖ୍ୟ ରାସ୍ତାଦେଇ ଆଗେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପର୍ଯ୍ୟନ୍ତ ଆସିଥିଲା। ୧୦୦ ମିଟର ଲମ୍ବା ପତାକା ଜାତୀୟ ଏକତା ଏବଂ ଉତ୍ସବର ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ଜିଲ୍ଲାପାଳ ବିଶାଲ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଦେଶପ୍ରେମକୁ ପ୍ରୋତ୍ସାହିତ କରିବା ଏବଂ ଦେଶର ସ୍ୱାଧୀନତା ପାଇଁ ଦିଆଯାଇଥିବା ବଳିଦାନକୁ ନାଗରିକମାନଙ୍କୁ ମନେ ପକାଇବାରେ ହର ଘର ତିରଙ୍ଗା ପଦକ୍ଷେପର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ।

# କୈରାଳି +୩ ବିଜ୍ଞାନ କଲେଜରେ ବନମହୋତ୍ସବ



ଚମ୍ପୁଆ,୧୨।୮ (ସମିସ): ଚମ୍ପୁଆ ସ୍ଥିତ କୈରାଳି +୩ ବିଜ୍ଞାନ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସଭାଧ୍ୟକ୍ଷ ଡଃ ରାଜମୋହନ ପି.ଏସ, ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧରନ କେ.ଏସ, କଲେଜର ଅଧ୍ୟକ୍ଷ ଡଃ. ବି.ରାମାରାଜୁ ଏବଂ ପ୍ରାଧ୍ୟାପକ ଗିରିଜା ଶଙ୍କର କରଙ୍କ ମିଳିତ ତତ୍ୱାବଧାନରେ ବନମହୋତ୍ସବ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ଅତିଥି ବୃନ୍ଦ, ଅଧ୍ୟାପକ/ଅଧ୍ୟାପିକା ତଥା ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଏତଦବ୍ୟତୀତ ଛାତ୍ରଛାତ୍ରୀଙ୍କୁ ଚାରାରୋପଣର ଆବଶ୍ୟକତା, ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଜଳବାୟୁ ପରିବର୍ତ୍ତନର କୁପରିଣାମ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା।

# ଅମଲାଙ୍କ କଲମ ଛାଡ଼ ଆନ୍ଦୋଳନ

ହାଟଡ଼ିହୀ,୧୨।୮ (ସମିସ): ବିଭିନ୍ନ ଦାବି ନେଇ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ଅଗଷ୍ଟ ୧୧ ତାରିଖ (ସୋମବାର) ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ହାଟଡ଼ିହୀ ବ୍ଲକର ବ୍ଲକ, ତହସିଲ, ଆଇସିଡିଏସ୍, କୋଷାଗାର ସହ ଅନ୍ୟାନ୍ୟ କାର୍ଯ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଅମଲାମାନେ ସମୂହ ଭାବେ ନିଜ ନିଜ କାର୍ଯ୍ୟାଳୟର ଅଧିକାରୀଙ୍କୁ ନିଜର ଛୁଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆବେଦନ କରିଛନ୍ତି। ରାଜସ୍ୱ ଅମଲାମାନେ ଏକତ୍ରିତ ହୋଇ ସେମାନଙ୍କ ଦାବି ଗୁଡ଼ିକ ପୂରଣ କରିବା ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅମଲାମାନଙ୍କ କଲମ ଛାଡ଼ ଆନ୍ଦୋଳନ ଯୋଗୁଁ ଗତ ୨ଦିନ ଧରି ଜନସାଧାରଣ ସେମାନଙ୍କର ଜରୁରୀକାଳୀନ ସେବାରୁ ବଞ୍ଚିତ ହୋଇଛନ୍ତି। ଅମଲା ମାନଙ୍କ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ସାଧାରଣ ଲୋକଙ୍କୁ ପ୍ରଭାବିତ କରିବା ନେଇ ଆଶଙ୍କା ବୃଦ୍ଧି ପାଇଛି।

# ପଣ୍ଡୁଆ ହାଇସ୍କୁଲ୍‌ରେ ପରିବେଶ ସଚେତନତା କାର୍ଯ୍ୟକ୍ରମ




ବେଲବାହାଲି,୧୨।୮ (ସମିସ): ଘସିପୁରା ବ୍ଲକ ଅଧୀନ ପଣ୍ଡୁଆ ଉଚ୍ଚବିଦ୍ୟାଳୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଦ୍ୱାରା ପରିବେଶ ପ୍ରଦୁ୍ୟଷଣ ଓ ଏହାର ନିରାକରଣ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିଳମଣୀ କରଙ୍କ ସଭାପତିତ୍ୱରେ ଓ ଶକ୍ତି କ୍ଲବର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଅଭିଲିପ୍ସା ଦାସଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ଏକକ ପ୍ଲାଷ୍ଟିକର ବିକଳ୍ପ ସମ୍ବନ୍ଧରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଆଲୋକପାତ କରିଥିଲେ। ଆଗାମୀ ଦିନରେ ପିଲାମାନଙ୍କ ମଧ୍ୟରେ ଏହି ସମ୍ବନ୍ଧରେ ଏବଂ ଓଡ଼ିଆ ରଚନା ପ୍ରତିଯୋଗିତା ହେବାପାଇଁ ଘୋଷଣା କରାଯାଇଥିଲା। ସର୍ବଶେଷରେ ବିଦ୍ୟାଳୟ ପରିସରକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରଖିବା ତଥା ନିଜ ନିଜ ପରିବାରରେ ଏହାର ବିକଳ୍ପ ବ୍ୟବହାର ଉପରେ ଗୁରୁତ୍ୱ ଦେବା ପାଇଁ ଛାତ୍ରଛାତ୍ରୀ ବଦ୍ଧ ପରିକର ହୋଇଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ତୁରୁମୁଙ୍ଗା,୧୨।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀନ ୨୨୦ ନମ୍ବର ଜାତୀୟରାଜପଥର ଧାନବେଣି ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ବାରୁଆରୁଆ ଥାନା ଅବରାଟୋଲା ଗ୍ରାମର ଇମାମ୍ ସେକ୍। ସେ ରାଜମିସ୍ତ୍ରୀ ଭାବରେ କାର୍ଯ୍ୟ କରୁଥିବା ବେଳେ କୌଣସି କାମରେ ବାଇକ୍ ଯୋଗେ ଆସୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତାକଡ଼ର ସୁରକ୍ଷା ବାଡ଼କୁ ଧକ୍କାଦେବାରୁ ଏଭଳି ଅଘଟଣ ଘଟିଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କଇନିପୁରା ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ



ଆନନ୍ଦପୁର/ବେଲବାହାଲି,୧୨।୮ (ସମିସ): ଘସିପୁରା ବ୍ଲକ ଅଧୀନ ବଳରାମପୁର ପଞ୍ଚାୟତର କଇନିପୁରା ଗ୍ରାମରେ ହରଘର ତ୍ରିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଯୁବଗୋଷ୍ଠୀଙ୍କ ସହଯୋଗରେ ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ସ୍ୱଚ୍ଛ ଭାରତ ଅଭିଯାନରେ ଦେବବ୍ରତ ବେହେରା, ଲିଙ୍କୁନ ସାହୁ, ପ୍ରତୋଷ ସାହୁ, ଖଗେଶ୍ୱର ବେହେରା, ରାଜେଶ ସାହୁ, ଚିନ୍ମୟ କୁମାର ସାହୁ, ଦୀପକ ବେହେରା, ବିକ୍ରମ ସାହୁ, ସୁନୀଲ କୁମାର ସାହୁ, ସୃତ୍ରୁଘନ ସାହୁ, ରାହୁଲ ବେହେରା, ଯୁଧିଷ୍ଠିର ବେହେରା, ଅଲେଖ ପୃଷ୍ଟି, ଭରତଚନ୍ଦ୍ର ସାହୁ, ଦିଲୀପ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ହଦଗଡ଼ ଅଭୟାରଣ୍ୟ / ବର୍ଷକରେ ମରିଛନ୍ତି ୨ଛୁଆ, ୨ଦନ୍ତା ହାତୀ

ହାଟଡ଼ିହୀ,୧୨।୮ (ସମିସ): ହଦଗଡ଼ ବନାଞ୍ଚଳରେ ଏକ ବର୍ଷ ମଧ୍ୟରେ ୨ଟି ଛୁଆହାତୀ ଓ ୨ଟି ଦନ୍ତାର ମୃତ୍ୟୁକୁ ମିଶାଇ ମୋଟ ୪ଟି ହାତୀର ଜୀବନ ଯାଇଛି। ୧୯୭୮ରେ ହଦଗଡ଼ ଜଙ୍ଗଲକୁ ଅଭୟାରଣ୍ୟ ମାନ୍ୟତା ମିଳିଥିଲା। ୧୯୧ କି.ମି ପରିସୀମା ଭିତରେ ଥିବା ଏହି ଅଭୟାରଣ୍ୟ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟକୁ ସଂଯୋଗ କରୁଛି। ୨୦୨୪ ଗଣନା ଅନୁସାରେ ହଦଗଡ଼ ଅଭୟାରଣ୍ୟରେ ୨୪ରୁ ଊର୍ଦ୍ଧ୍ୱ ହାତୀ ରହିଛନ୍ତି। ଗତ ମାର୍ଚ୍ଚ ୯ ତାରିଖରେ କାଠକଟା ସେକ୍ସନର ବାହିଆ ଡ୍ୟାମ୍ ନିକଟରେ ୪ମାସର ଛୁଆହାତୀର ମୃତ୍ୟୁ ହୋଇଥିଲା। ୬ତାରିଖରେ ହାତୀକୁ ତା'ର ମା' ଛାଡ଼ି ଯିବାପରେ ଏହା ଜଙ୍ଗଲରେ ଏକୁଟିଆ ହୋଇଯାଇଥିଲା। ଛୁଆହାତୀ ଅସୁସ୍ଥ ଅବସ୍ଥାରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା। ବାରିପଦାରୁ ଆସିଥିବା ସ୍ୱତନ୍ତ୍ର ଚିକିତ୍ସକ ଦଳ ଚିକିତ୍ସା କରିଥିଲେ ମଧ୍ୟ ହାତୀ ଛୁଆଟି ବଞ୍ଚି ନଥିଲା। ସେହିପରି ୨୦୨୪ ମାର୍ଚ୍ଚ ୮ରେ କାଠକଟା ସେକ୍ସନ ମଶାଘାଟି ନିକଟରେ ବଡ଼ ଦନ୍ତାହାତୀ ଓ ଛୁଆ ଦନ୍ତାହାତୀ ମଧ୍ୟରେ ବହୁ ସମୟ ଧରି ଲଢ଼େଇ ହୋଇଥିଲା। ଏଥିରେ ଛୁଆଦନ୍ତାର ମୃତ୍ୟୁ ହୋଇଥିଲା। ଏହାଛଡ଼ା ସୋସୋ ନିକଟ ନିଉଦାନୀରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ମାମଲାରେ ଜଣେ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିଲା ବନବିଭାଗ। ସେହିପରି ପିତାନାଉ ଜଙ୍ଗଲରେ ଆଉ ଏକ ହାତୀର ମୃତ୍ୟୁ ହୋଇଥିଲା। ବନବିଭାଗ ବିଶ୍ୱ ହାତୀ ଦିବସ ପାଳନ କରୁଥିବା ବେଳେ ହଦଗଡ଼ ଜଙ୍ଗଲରେ ହାତୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ସହିତ ଅଧିକ କର୍ମଚାରୀ ମୁତୟନ କରାଯିବା ଜରୁରୀ ହୋଇପଡ଼ିଛି। ଏବେ ହଦଗଡ଼ ବନାଞ୍ଚଳରେ ୨୪ଟି ହାତୀ ରହିଥିବା ବେଳେ ଏହି ଐତିହ୍ୟ ପ୍ରାଣୀର ସୁରକ୍ଷା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଚମ୍ପୁଆରେ ବିଶ୍ୱ ହସ୍ତୀ ଦିବସ ପାଳିତ



ଚମ୍ପୁଆ,୧୨।୮ (ସମିସ): ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ଗୌରବର ପରିଚୟ ଭାବରେ ପରିଚିତ ହେଉଛି ହାତୀ। ଜୈବବିବିଧତାର ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ବିରାଟକାୟ ପ୍ରାଣୀର ସୁରକ୍ଷାପାଇଁ ସବୁବର୍ଗରେ ଚିନ୍ତାପ୍ରକଟ କରାଗଲାଣି। ଏହି ଅବକ୍ଷୟମୁଖୀ ପ୍ରାଣୀର ସୁରକ୍ଷା ପାଇଁ ଅଗଷ୍ଟ ୧୨ତାରିଖକୁ ବିଶ୍ୱ ହସ୍ତୀ ଦିବସ ଭାବରେ ପାଳନ କରାଯାଉଥିବା ବେଳେ ଏମାନଙ୍କ ନିରାପଦ ଭବିଷ୍ୟତ ପାଇଁ ସରକାରୀସ୍ତରରେ ବହୁବିଧି ଯୋଜନା ଗ୍ରହଣ କରାଗଲାଣି। ତଥାପି ହାତୀ-ମଣିଷ ଲଢେଇ ଜାରିରହିଛି। କେତେବେଳେ ହାତୀପାଦ ତଳେ ଚାଲିଯାଉଛି ମଣିଷର ଜୀବନ ତ କେତେବେଳେ ହାତୀ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ବର୍ତ୍ତୀ ପାରୁନାହାନ୍ତି। ଆଜି ଚମ୍ପୁଆ ବନାଞ୍ଚଳ ପକ୍ଷରୁ ହାତୀ ସୁରକ୍ଷା ପାଇଁ ଆହ୍ୱାନ ଦିଆଯିବା ସହିତ ପାଳିତ ହୋଇଯାଇଛି ବିଶ୍ୱ ହସ୍ତୀ ଦିବସ। ଚମ୍ପୁଆ ବନାଚଂଳ ଅଧିକାରୀ ଅକ୍ଷୟ ଛତ୍ରୀୟାଙ୍କ ତତ୍ୱାବଧାନରେ ସ୍ଥାନିୟ ଯୁକ୍ତ ୨ ମହିଳା ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ହାତୀ ସୁରକ୍ଷା ସ୍ଲୋଗାନ ସହିତ ମହିଳା କଲେଜ ଠାରୁ ନିକଲସନ ବନବିଦ୍ୟାଳୟ ପର୍ଯ୍ୟନ୍ତ୍ୟ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟ ପରିବେଶରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦିବସ ଉପଲକ୍ଷେ ହାତୀର ସୁରକ୍ଷା ପରିବେଶ ରକ୍ଷା ଉପରେ ଏକ କାର୍ଯ୍ୟକ୍ରମରେ ଚମ୍ପୁଆ,ଉଖୁଣ୍ଡା,ବାଲିବନ୍ଧ,ଯୋଡା ଓ ବାମେବାରୀ ଆଦିସେକ୍ସନର ବନକର୍ମଚାରୀ ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ ଓ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



ମହୁଲଡିହା,୧୨।୮ (ସମିସ): ଠାକୁରମୁଣ୍ଡା ଥାନା ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସମ୍ପାଦକ ବିମଳ ସେନାପତିଙ୍କ ଉପସ୍ଥିତିରେ ପ୍ରଥମ ପର୍ଯ୍ୟାୟରେ ୫୨ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଠାକୁରମୁଣ୍ଡା ଥାନା ଏସଆଇ ଅନିତା ସ୍ୱାଇଁ ଅତିଥି ପରିଚୟ ଓ ଏଏସଆଇ ରତ୍ନାକର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବରିଷ୍ଠ ନାଗରିକ ସଙ୍ଘର ସଭାପତି ପଦ୍ମଲୋଚନ ନନ୍ଦ, ସହ ସମ୍ପାଦକ ମନମୋହନ ମାଝୀ, ଉପସଭାପତି ଶିବଶଙ୍କର କାଲୁଣ୍ଡିଆ ଅବସରପ୍ରାପ୍ତ କର୍ମଚାରୀ ସଭାପତି ଗିରୀଶ ମହାନ୍ତ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଦାସ୍, ମକରଧ୍ୱଜ ବାରିକ, ଭୋଳେଶ୍ୱର ସେଠୀ, ଅବସରପ୍ରାପ୍ତ କର୍ମଚାରୀ ବୁଧୁରାମ ସୟ,ଅଭିରାମ ଗିରି, ମାଧବାନନ୍ଦ ପାତ୍ର, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଅବ୍ୟବସ୍ଥାରେ ଲୋଧାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ

# ୨ଟି ବିପଜ୍ଜନକ ଶ୍ରେଣୀ ଗୃହରେ ୫ ଶ୍ରେଣୀର ପିଲା

ମୋରଡ଼ା,୧୨।୮ (ସମିସ):

**ପାନୀୟଜଳ, ରୋଷେଇ ଘର ଓ ବିଜୁଳି ସଂଯୋଗ ନାହିଁ**



ମୋରଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ହଳଦୀପାଳ ପଞ୍ଚାୟତ ସମାଇଡିହି ଲୋଧାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ତଥା ଅସୁରକ୍ଷିତ ଭାବେ ବିପଦସଂକୁଳ ଶ୍ରେଣୀଗୃହ ତଳେ ଲୋଧା ସମ୍ପ୍ରଦାୟର ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ଉକ୍ତ ବିଦ୍ୟାଳୟଟି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୧୬ଜଣ ଲୋଧା ଛାତ୍ରଛାତ୍ରୀ ପଢୁଛନ୍ତି। ତେବେ ସେମାନଙ୍କ ପାଇଁ ମାତ୍ର ୨ଟି ଶ୍ରେଣୀ ଗୃହ ରହିଛି। ସେହି ଦୁଇଟି ଶ୍ରେଣୀ ଗୃହ ସହ ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠ ମଧ୍ୟ ବିପଦ ସଂକୁଳ ଅବସ୍ଥାରେ ରହିଛି। ତେଣୁ କେତେବେଳେ ଅଘଟଣ ଘଟିବ କହିହେବନାହିଁ। ଏଭଳି ପରିସ୍ଥିତି ଯୋଗୁଁ ପ୍ରଧାନ ଶିକ୍ଷକ ଶିବପ୍ରସାଦ ହେମ୍ବ୍ରମ ଏବଂ ସହକାରୀ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସି ବାଧହୋଇ ସ୍କୁଲ ପରିସରରେ ଥିବା ଅଙ୍ଗନବାଡି ନିକଟରେ ପ୍ରତ୍ୟାଶା କେନ୍ଦ୍ରର ଏକ ଗୃହରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଛନ୍ତି। ପ୍ରଧାନ ଶିକ୍ଷକ ଶିବପ୍ରସାଦଙ୍କ କହିବା ମୁତାବକ ସ୍କୁଲ ବିଲ୍ଡିଂ ବ୍ୟତୀତ ପାନୀୟ ଜଳର ବ୍ୟବସ୍ଥା, ରୋଷେଇ ଘର କି ବିଜୁଳି ସଂଯୋଗ ହୋଇନାହିଁ। ତେଣୁ ପିଲାମାନଙ୍କ ସୁରକ୍ଷା ଏବଂ ଶିକ୍ଷାକୁ ଦୃଷ୍ଟିରେ ରଖି ଲୋଧା ଉନ୍ନୟନ ସଂସ୍ଥା ଓ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଲୋଧା ଉନ୍ନୟନ ସଂସ୍ଥା ର ସ୍ୱତନ୍ତ୍ର ଅଧିକାରୀ ଭବାନୀ ଶଙ୍କର ପାଢ଼ୀଙ୍କୁ ପଚାରିବାରୁ ସେ ବିଦ୍ୟାଳୟକୁ ଯାଇ ସ୍ଥିତି ପରଖିବା ସହ ବିଇଓ ଏବଂ ବିଡ଼ିଓଙ୍କୁ ଅବଗତ କରାଇ ଯଥାଶୀଘ୍ର କିପରି ସମସ୍ତ ସମସ୍ୟା ଦୂର କରାଯାଇପାରିବ ସେ ସମ୍ପର୍କରେ ମତ ପ୍ରକାଶ କରିଛନ୍ତି। ତେବେ ବିଇଓ ବିଜୟ ପାଣିଗ୍ରାହୀ କହିଛନ୍ତି ଉକ୍ତ ସ୍କୁଲ ସମ୍ପର୍କରେ ବିଡ଼ିଓ ଏବଂ କଲେକ୍ଟରଙ୍କୁ ଚିଠି ପ୍ରଦାନ କରାଯାଇଛି। ତେବେ ବର୍ତ୍ତମାନ ପିଲାମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇ ଶିକ୍ଷାଦାନ କରାଯିବା ସହ ତୁରନ୍ତ ସ୍କୁଲ ବିଲ୍ଡିଂ ନିର୍ମାଣ କରାଯିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

## ଜନପ୍ରତିନିଧିଙ୍କ ସହଯୋଗରେ ଶିକାରୀଙ୍କ ବନ୍ଧୁକ ସମର୍ପଣ

ବାରିପଦା,୧୨।୮ (ସମିସ): ଶିମିଳିପାଳ ଅଭୟାରଣ୍ୟରେ ଶିକାର ରୋକିବା ପାଇଁ ବନ ବିଭାଗର ପ୍ରୟାସ ଫଳପ୍ରଦ ହେଉଛି। ସ୍ଥାନୀୟ ଲୋକପ୍ରତିନିଧିଙ୍କ ଉଦ୍ୟମ ଯୋଗୁ ଶିକାରୀମାନେ ଅସ୍ତ୍ରଶସ୍ତ୍ରକୁ ଛାଡି ଏକ ନୂଆ ଦିଗରେ ଆଗେଇ ଚାଲିଛନ୍ତି। ମଙ୍ଗଳବାର ଉଦଳା ଥାନା ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଫୁଲବାଡ଼ିଆ ଗାଁର ଶିକାରୀ ଚାରୁଚନ୍ଦ୍ର ସିଂହ ଓରଫ ଚାରୁ (୨୫) ନିଜର ଦେଶୀ ବନ୍ଧୁକକୁ ଡୁକୁରା ବନ୍ୟପ୍ରାଣୀ ରେଞ୍ଜ ଅଫିସରେ ୱାର୍ଡସଭ୍ୟ ସୁକୁରା ସିଂଙ୍କ ଉପସ୍ଥିତିରେ ସ୍ୱେଚ୍ଛାକୃତ ଭାବେ ସମର୍ପଣ କରିଛନ୍ତି। 'ମିଶନ ଜିରୋ ପୋଚିଂ ଇନ ଶିମିଳିପାଳ' ଅଭିଯାନର ପ୍ରଭାବରେ ୨୦୨୪ ମାର୍ଚ୍ଚରୁ ଏଯାଏଁ ୫୦ରୁ ଅଧିକ ବନ୍ଧୁକ ଶିକାରୀମାନେ ସ୍ୱେଚ୍ଛାକୃତ ଭାବେ ସମର୍ପଣ କରିଥିବା ବେଳେ ୧୦୦ରୁ ଅଧିକ ବେଆଇନ ବନ୍ଧୁକ ଜବତ କରାଯାଇଛି। ଏହି ଅଭିଯାନରେ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସପଞ୍ଚୁଆର ସରପଞ୍ଚ ଲୁଡ଼ିଆ ମାଝୀ, ଚମ୍ପାଝରର ସରପଞ୍ଚ ବିକ୍ରମ ପିଙ୍ଗୁଆ ଏବଂ କେନ୍ଦୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଶିକାରୀଙ୍କୁ ବନ୍ଧୁକ ସମର୍ପଣ ପାଇଁ ପ୍ରେରଣା ଦେଇଥିଲେ। ବନ ବିଭାଗ ସ୍ୱେଚ୍ଛାକୃତ ସମର୍ପଣ କରୁଥିବା ଶିକାରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ କରି ସାଧାରଣ କ୍ଷମା ପ୍ରଦାନ କରୁଛନ୍ତି। ଏହି ସ୍ୱେଚ୍ଛାସେବୀଙ୍କୁ ବନବିଭାଗ ଦୁଇ ମାସିଆ ମାଗଣା ବୃତ୍ତିଗତ ପ୍ରଶିକ୍ଷଣ ପାଇଁ ପଠାଇ ସେମାନଙ୍କର ଦକ୍ଷତା ବୃଦ୍ଧି କରୁଛି; ଯାହା ଭବିଷ୍ୟତରେ ଉତ୍ତମ ରୋଜଗାର ସୁଯୋଗ ସୃଷ୍ଟି କରିବ। ଏହି ପଦକ୍ଷେପ ଶିମିଳିପାଳକୁ ଶିକାର ମୁକ୍ତ କରିବା ସହ ପୂର୍ବତନ ଶିକାରୀଙ୍କୁ ପ୍ରକୃତିର ସଂରକ୍ଷକ ଭାବେ ରୂପାନ୍ତର କରୁଛି।

## ଫକୀରପୁରରେ ସ୍ମୃତିକମିଟିର ପ୍ରସ୍ତୁତି ବୈଠକ

ଆନନ୍ଦପୁର,୧୨।୮ (ସମିସ): ସ୍ଥାନୀୟ ଫକୀରପୁର ଉଚ୍ଚ ବିଦ୍ୟାଳୟରେ 'ନାରାୟଣ ନନ୍ଦ ସ୍ମୃତି କମିଟି' ଆନୁକୁଲ୍ୟରେ ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସମ୍ପାଦକ ମନୀନ୍ଦ୍ର କୁମାର ପଣ୍ଡା ପୌରହିତ୍ୟ କରିଥିଲେ। ଅନ୍ୟ ମାନ୍ୟଗଣ୍ୟ ସଭ୍ୟ ରାମଚନ୍ଦ୍ର ସୁର, ନୃସିଂହ ଚରଣ ଦତ୍ତ, ଭିକାରୀ ଚରଣ ଦଳେଇ, ଶିଶିର କୁମାର କର, ବିଜୟ କୁମାର ପଣ୍ଡା, ଅନୀଲ କୁମାର ସାହୁ, ନୀଳମଣି ବାରିକ, ନରୋତ୍ତମ ଦାସ, ରଙ୍ଗନାଥ ଦାସ, କୃପାସିନ୍ଧୁ ଓଝା, ବସନ୍ତ ସାହୁ, ପ୍ରାଣବନ୍ଧୁ ରଣାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଗୁରୁ ଦିବସ ଦିନ କମିଟିର ବାର୍ଷିକୋତ୍ସବ ଫକୀରପୁର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳନ କରିବାକୁ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି।

## ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ମୋରଡ଼ା,୧୨।୮ (ସମିସ): ବେତନଟୀ ଥାନା ଅନ୍ତର୍ଗତ ଭାଲିଆଡିହା ପଞ୍ଚାୟତ ସୁନାହଜା ଗ୍ରାମରେ ମଙ୍ଗଳବାର ଗ୍ରାମର ଝାନ ହେମ୍ବ୍ରମ (୫୮)ଙ୍କ ମୃତଦେହ ଏକ ପୋଖରୀରୁ ଉଦ୍ଧାର ହୋଇଛି। ସେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ କୌଣସି କାରଣରୁ ପାଣିରେ ଗୋଡ ଖସିଯାଇ ବୁଡିଯାଇଥିଲେ। ତେବେ ତାଙ୍କ ଶରୀର ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ବଡଜାମବଣି ଫାଣ୍ଡିକୁ ଖବର ଦେଇଥିଲେ। ପରେ ଫାଣ୍ଡି ଅଧିକାରୀ ଅଶେଷ କୁମାର ଦାସ ପହଞ୍ଚି ଚିତ୍ରଡା ଦମକଳ ବାହୀନି ସହାୟତାରେ ପାଣି ଭିତରୁ ସଜ୍ଞାହୀନ ଅବସ୍ଥାରେ ଝାନଙ୍କୁ ଉଦ୍ଧାର କରି ନିକଟସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ଝାନଙ୍କୁ ମୃତ ଘୋଷଣା କରିଛନ୍ତି।

**■ କାର୍ଯ୍ୟରେ ଅବହେଳା**

## ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କଲେ ଜିଲ୍ଲାପାଳ

ତୁରୁମୁଙ୍ଗା,୧୨।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ଖୁଣ୍ଟାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷକ ମୌଜିରାମ ପାତ୍ରଙ୍କୁ ଜିଲ୍ଲାପାଳ ନିଲମ୍ବିତ କରିଛନ୍ତି। ମଙ୍ଗଳବାର ଜିଲ୍ଲାପାଳ ବିଶାଳ ସିଂ କୌଣସି କାର୍ଯ୍ୟରେ ପାଟଣା ଯାଉଥିବା ସମୟ ରେ ଅଚାନକ ବିଦ୍ୟାଳୟକୁ ପରିଦର୍ଶନ ପାଇଁ ପହଁଞ୍ଚିଥିଲେ। ବିଦ୍ୟାଳୟ ପରିସର ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ଥିବା ଦେଖିବାକୁ ପାଇଁ କ୍ଷୋଭ ପ୍ରକାଶ କରିଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଥିବା ଶୌଚାଳୟରେ ଚାବି ପଡିଥିବା ଦେଖିବାକୁ ପାଇଥିଲେ। ଏଥିସହ ଶିକ୍ଷକ ଜଣଙ୍କ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଠାରୁ ଅଧିକ ମଧ୍ୟାହ୍ନ ଭୋଜନ ପକାଇଥିବା ଜିଲ୍ଲାପାଳ ଦେଖିବାକୁ ପାଇଥିଲେ। ପରେ କାର୍ଯ୍ୟରେ ଅବହେଳା ଯୋଗୁଁ ପ୍ରଧାନଶିକ୍ଷକ ପାତ୍ରଙ୍କୁ ନିଲମ୍ବନ କରିଛନ୍ତି। ଏନେଇ ଚିଠିରେ ଜିଲ୍ଲାପାଳ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିଥିବା ପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସୂଚନା ଦେଇଛନ୍ତି। ପୁଷ୍ଟିକର ଖାଦ୍ୟ ଖାଇବା ସହ ବିଦ୍ୟାଳୟକୁ ଆସିବା ପାଇଁ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ସରକାର ମଧ୍ୟାହ୍ନ ଭୋଜନ ଯୋଜନା କରିଛନ୍ତି। ହେଲେ କିଛି ଛାତ୍ରଛାତ୍ରୀ ଅନୁପସ୍ଥିତ ଥାଇ ତାଙ୍କ ନାମରେ ମଧ୍ୟାହ୍ନ ଭୋଜନ ଚାଉଳ ଅଧିକ ପକାଇ ଶିକ୍ଷକମାନେ ସରକାରଙ୍କୁ ଠକୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେବା ସହ ଶିକ୍ଷକଙ୍କ ଏଭଳି ମନଭାବକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ ଓ ଶିକ୍ଷାବିତ୍।

## କଲେଜ ଅଧ୍ୟକ୍ଷ ଓ ସେବା ଯୋଜନା ଅଧିକାରୀଙ୍କ ସମ୍ମିଳନୀ




ବାରିପଦା, ୧୨।୮ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ କଲେଜ ଅଧ୍ୟକ୍ଷ ଓ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ସେବା ଯୋଜନାର ସଫଳ ରୂପାୟନ କିପରି ତ୍ୱରାନ୍ୱିତ ହୋଇପାରିବ ସେ ସଂପର୍କରେ ସୂଚନା ଦେବା ସହ ଉପସ୍ଥିତ ଅଧିକାରୀଙ୍କୁ ସମର୍ପିତ ମନ ନେଇ କାର୍ଯ୍ୟ କରିବା ଲାଗି ଆହ୍ୱାନ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନାର ରାଜ୍ୟ ନୋଡାଲ ଅଧିକାରୀ ତଥା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡକ୍ଟର ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଜାତୀୟ ସେବା ଯୋଜନାର ବିଭିନ୍ନ କାର୍ଯ୍ୟସୂଚୀ, ସରକାରଙ୍କ ଏଥିପ୍ରତି ପ୍ରଦାନ କରୁଥିବା ଅନୁଦାନ ଏବଂ ଛାତ୍ରଛାତ୍ରୀଙ୍କୁ ଏଥିରେ ଉଚିତ ମାର୍ଗଦର୍ଶନ କରି ବୃକ୍ଷରୋପଣଠାରୁ ଆରମ୍ଭ କରି ରକ୍ତଦାନ, ସ୍ୱତନ୍ତ୍ର କ୍ୟାମ୍ପ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମକୁ ଯଥାରୀତି ସମ୍ପାଦନ କରିବାଲାଗି କାର୍ଯ୍ୟକ୍ରମ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ସୁମିତ୍ରା ସିଂ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସମ୍ବୋଧିତ କରି ଜାତୀୟ ସେବା ଯୋଜନାରେ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ତାଲିମ ଦେଇ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବାପାଇଁ ଅଭିମତ ରଖିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ସେବା ଯୋଜନାର ଗୁରୁତ୍ୱ ଏବଂ ଦାୟିତ୍ୱ ସଂପର୍କରେ ଅଭିମତ ରଖିଥିଲେ। ପୂର୍ବତନ ସଂଯୋଜକ ପ୍ରଫେସର ପ୍ରମୋଦ କୁମାର ଶତପଥୀ ତାଙ୍କ ବକ୍ତବ୍ୟରେ ସେବା ଯୋଜନାର ସଫଳ ରୂପାୟନ ଲାଗି ସମସ୍ତଙ୍କୁ ସମର୍ପିତ ହୋଇ କାମ କରିବା ଲାଗି କହିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତ ସେବା ଯୋଜନାର ସଠିକ୍ ପରିଚାଳନା, ନିୟମିତ କାର୍ଯ୍ୟକ୍ରମ ଓ ସମୟାନୁସାରୀ ପଦକ୍ଷେପ ନେବା ପାଇଁ ସମସ୍ତଙ୍କୁ ସଚେତନ କରାଇଥିଲେ। ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ବିଷ୍ଣୁପ୍ରିୟା ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ସେବା ଯୋଜନାର ଅଧିକାରୀ ଓ ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ସେମାନଙ୍କର ବିଭିନ୍ନ ପରାମର୍ଶ, ସମସ୍ୟା ଓ ପ୍ରସ୍ତାବ ସଂପର୍କରେ ଆଲୋଚନା କରିଥିଲେ। ସେବା ଯୋଜନା ବ୍ୟୁରୋର ବରିଷ୍ଠ ସହାୟକ ଅଜୟ କୁମାର ବଳ, ସୁସ୍ମିତା ପାତ୍ରଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ଜନତା ନୋଡାଲ ଉଚ୍ଚବିଦ୍ୟାଳୟରେ ସଂସ୍କୃତ ସପ୍ତାହ

କେନ୍ଦୁଝର,୧୨।୮ (ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ଶିକ୍ଷୟିତ୍ରୀ ମୀନୁ ମୁଦିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂସ୍କୃତ ଶିକ୍ଷକ ବିଜୟ କୁମାର ମହାନ୍ତ ସଂସ୍କୃତ ଭାଷାରେ ମନୋଜ୍ଞ ଶୈଳୀରେ ମଞ୍ଚ ପରିଚାଳନା କରିଥିଲେ। ସଭାର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସୁଲଳିତ ସ୍ୱରରେ ସଂସ୍କୃତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବସନ୍ତ କୁମାର ବାରିକ ମୁଖ୍ୟଅତିଥି ଏବଂ ଶିକ୍ଷକ ହରିହର ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ସଂସ୍କୃତ ଭାଷା 'ବିଜ୍ଞାନ ସମ୍ମତ ଓ ସମସ୍ତ ଭାଷାର ଜନନୀ' ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତ ସଂସ୍କୃତ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ବ୍ୟାଖ୍ୟା କରିଥିଲେ। ସଂସ୍କୃତ ଭାଷାର ଉପାଦେୟତା ବିଷୟରେ ସଭାପତି ଶ୍ରୀମତୀ ମୁଦି ବଖାଣିଥିଲେ। ସଂସ୍କୃତ ବକ୍ତୃତା, ସଂସ୍କୃତ କୁଇଜ ଓ ଶ୍ଳୋକାବୃତ୍ତି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀ ପୁରସ୍କୃତ କରାଯାଇଥିଲା। ଶେଷରେ ହିନ୍ଦୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସାଗରାମ କିସ୍କୁ, ସତ୍ୟଜିତ କୁମାର ଦେହୁରୀ, ବ୍ରଜବନ୍ଧୁ ମାଝୀ ଓ ରବିନାରାୟଣ ନାଥ ଶର୍ମା ତଥା ଶିକ୍ଷୟିତ୍ରୀ ପଙ୍କଜିନୀ ଖଟୁଆ, ସତ୍ୟଭାମା ଦେହୁରୀ ଓ ଇନ୍ଦୁମତୀ ଓରାମ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଗାଡି ସାଇଡ୍‌ମରାକୁ ନେଇ ଚାଳକଙ୍କୁ ନିସ୍ତୁକ ମାଡ଼

ରାମଚନ୍ଦ୍ରପୁର,୧୨।୮ (ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବ୍ୟାଙ୍କ ଛକରେ ଯାଜପୁରରୁ କୋଇଲା ବୋଝେଇ କରି କେନ୍ଦୁଝର ଆସୁଥିବା ଓଡି୧୬ ଏଫ୍ ୫୮୭୮ ନମ୍ବର ଥିବା ଏକ ୧୪ ଚକିଆ ଟ୍ରକ ସହ ବିପରୀତ ଦିଗରୁ ଓଡି୦୨ସିଏସ ୨୭୧୪ ନମ୍ବର ଥିବା ଏକ କାର ଭାରସାମ୍ୟ ହରାଇ ଲାଗିଯିବାରୁ ତୁମୁଳକାଣ୍ଡ ଘଟିଛି। କାର ଭିତରେ ବସିଥିବା ୩ରୁ ୪ ଜଣ ଯୁବକ ଟ୍ରକଟିକୁ ରାସ୍ତାରେ ଅଟକାଇ ଗାଡ଼ି ଚାଳକଙ୍କୁ ନିସ୍ତୁକ ମାଡ ମାରିଥିଲେ। ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିବାରୁ ଉକ୍ତ ଯୁବକ ମାନେ ମଧ୍ୟ ଲୋକଙ୍କୁ ଧମକ ଚମକ ଦେଇଥିଲେ। ଚାଳକଙ୍କୁ ମାଡ ମାରିବା ସମୟର ଭିଡିଓ ସ୍ଥାନୀୟ କେତେକ ଯୁବକ ମୋବାଇଲରେ କଏଦ କରି ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ। ରାମଚନ୍ଦ୍ରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଚାଳକଙ୍କ ସମେତ ମାରପିଟରେ ସାମିଲ ଥିବା ଯୁବକଙ୍କୁ ଥାନାରେ ଅଟକ ରଖି ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ପରେ ଛାଡି ଦେଇଛି। ସେପଟେ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବାରୁ ଗୋଟିଏ ପାଶ୍ୱର୍ ରାସ୍ତା ବନ୍ଦ ରହି କେବଳ ଗୋଟିଏ ପାଶ୍ୱର୍ରେ ଗାଡି ଯିବା ଆସିବା କରୁଛି। ତେଣୁ ଲୋକଙ୍କ ଧନ ଜୀବନ ତଥା ଦୁର୍ଘଟଣା ଏଡାଇବାକୁ ଗାଡିର ବେଗ କମ୍ କରିବାକୁ ସ୍ଥାନୀୟ ପୁଲିସ ଗାଡି ଚାଳକଙ୍କୁ ଅପିଲ କରିଛି।

## ମଛାଲୋ ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ସଂସ୍କୃତ ସପ୍ତାହ

ରାମଚନ୍ଦ୍ରପୁର,୧୨।୮ (ସମିସ): ରାଜ୍ୟ ସରକାର ସଂସ୍କୃତ ଭାଷାକୁ ଅଧିକ ଲୋକାଭିମୁଖି କରିବାକୁ ଅଗଷ୍ଟ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ସଂସ୍କୃତ ସପ୍ତାହ ପାଳନ କରିବାକୁ ସରକାରୀସ୍ତରରେ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସେହି କ୍ରମରେ ଆଜି ଘସିପୁରା ବ୍ଲକ ଗ୍ରାମ ମଛାଲୋ ପଞ୍ଚାୟତ ହାଇସ୍କୁଲ ପରିସରରେ ସଂସ୍କୃତ ସପ୍ତାହ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ଧନଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ସଂସ୍କୃତ ଶିକ୍ଷକ ପୁଷ୍ପିତା ମିଶ୍ର, କଳା ଶିକ୍ଷକ ବିଷ୍ଣୁନାରାୟଣ ସାମଲଙ୍କ ସଂଯୋଜନାରେ ସଂସ୍କୃତ ସପ୍ତାହର ମହତ୍ୱ ଏବଂ ଏହାର ଆବଶ୍ୟକତା ବିଷୟରେ ଉପାଦେୟ ଟିପ୍ପଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରଚନ୍ଦ୍ର ମିଶ୍ର, ଲକ୍ଷ୍ମଣ ପାତ୍ର, ପ୍ରକାଶ ମହାପାତ୍ର, ପ୍ରତାପ କିଶୋର ସାହୁ, ଉମାଶଙ୍କର ରାଉତରାଏ, ଧର୍ମାଧି ସାହୁ ଏବଂ ଲିପୁରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସଂସ୍କୃତ ଉପରେ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ଶ୍ଳୋକ, ବକ୍ତୃତା ସହ ସଂସ୍କୃତରେ ସମ୍ବାଦ ପରିବେଷଣ କରାଯାଇଥିଲା।

## ସମୂହ ଛୁଟିରେ ଗଲେ ଅମଲା; ଉନ୍ନୟନ କାମ ବାଧାପ୍ରାପ୍ତ

ବୈଶିଙ୍ଗା,୧୨।୮ (ସମିସ): ରାଜ୍ୟ ଅମଲା ସଙ୍ଘର ଆହ୍ୱାନ କ୍ରମେ ବିଭିନ୍ନ ଦାବି ପୂରଣ ଏବଂ ସମସ୍ୟା ସମାଧାନ ପାଇଁ ସୋମବ ସାମବାରଠାରୁ ରାଜ୍ୟବ୍ୟାପୀ ସମୂହ ଛୁଟିରେ ରହିଛନ୍ତି ରାଜସ୍ୱ ଅମଲା। କ୍ୟାଡର ପୁନର୍ଗଠନ, ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଅଧିକ ନୂତନ ପଦବି ବୃଦ୍ଧି, ବର୍ଦ୍ଧିତ ହାରରେ ଦରମା ଭଳି ବିଭିନ୍ନ ଦାବି ନେଇ ପୂର୍ବରୁ ଅମଲାସଂଘ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କ ସମ୍ମୁଖରେ ଦାବି ଉପସ୍ଥାପନା ସାଙ୍ଗକୁ ଆଲୋଚନା କରିଆସୁଥିଲେ ସୁଦ୍ଧା ପୂରଣ ନେଇ କୌଣସି ପଦକ୍ଷେପ ନିଆଯାଉନଥିଲା। ଶେଷରେ ବାଧହୋଇ ରାଜ୍ୟ ଅମଲାସଂଘର ଆହ୍ୱାନକ୍ରମେ ସୋମବାରଠାରୁ ସମୂହ ଛୁଟିରେ ରେ ଯାଇଛନ୍ତି ଅମଲା କର୍ମଚାରୀ। ଫଳରେ ସୋମବାର ବେତନଟୀ ବ୍ଲକ ଏବଂ ତହସିଲ ସମେତ ବିଭିନ୍ନ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର କାର୍ଯ୍ୟ ଠପ ହୋଇଯାଇଛି। ଫଳରେ ସାଧାରଣ ଜନତା ଦୂରଦୂରାନ୍ତରୁ ବେତନଟୀ ବ୍ଲକ ଏବଂ ତହସିଲକୁ ଆସି ନିରାଶ ହୋଇ ଫେରୁଛନ୍ତି।

## ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ



ବଡସାହି,୧୨।୮ (ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତାବିତ 'ସଂସ୍କୃତ ସପ୍ତାହ' ଗତ ୬ ଅଗଷ୍ଟରୁ ୧୨ ଅଗଷ୍ଟ ପର୍ଯ୍ୟନ୍ତ ବଡସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଶିକ୍ଷକ ଦେବାଶିଷ ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଶୋଭାଯାତ୍ରା ସହିତ ପ୍ଲାକାର୍ଡ ପ୍ରଦର୍ଶନ, ସଂସ୍କୃତରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ଶବ୍ଦର ପ୍ରତୁର୍ଯ୍ୟ ସଂସ୍କୃତ ଭାଷାରେ କିପରି ସନ୍ନିବେଶିତ ହୋଇଛି ସେ ସମ୍ପର୍କରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ମତବ୍ୟକ୍ତ କରିଥିଲେ। ସଂସ୍କୃତ ଶିକ୍ଷକ କମଳାକାନ୍ତ ରଥ ପ୍ରାଚୀନ କାଳରୁ ଏହି ଭାଷାର ଆବଶ୍ୟକତା ଉପରେ ବହୁ ଶିକ୍ଷଣୀୟ ଓ ମୂଲ୍ୟବାନ କଥା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂସ୍କୃତରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜାତୀୟ ଲାଇବ୍ରେରୀ ଦିବସ ପାଳିତ



ବାରିପଦା, ୧୨।୮ (ସମିସ): ସ୍ଥାନୀୟ ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବୁଲି ଲାଇବ୍ରେରୀ) ପରିଚାଳନା କମିଟି ଆନୁକୂଲ୍ୟରେ ମଙ୍ଗଳବାର ଜାତୀୟ ଲାଇବ୍ରେରୀ ଦିବସ ପାଳିତ ହୋଇଛି। କମିଟି ସଭାପତି ଜୟନ୍ତ କୁମାର ପାଲଙ୍କ ସଭାତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ବୃନ୍ଦ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ ଲାଇବ୍ରେରୀ ବିଜ୍ଞାନର ଜନକ ପ୍ରଫେସର ଏସ ଆର ରଙ୍ଗନାଥନଙ୍କ ୧୩୩ତମ ଜୟନ୍ତୀ ଉପଲକ୍ଷେ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଶତାୟୁ ପାଠାଗାରର ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ବିଶେଷ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ନବୀନ କୁମାର ସାହୁ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହିତ ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ଡ ବିଜୟ କୁମାର ଅଗ୍ରଓ୍ୱାଲା ଯୋଗଦେଇ ପିଲାଙ୍କୁ ପାଠାଗାର ମନସ୍କ କରାଇବାକୁ ମତ ରଖିଥିଲେ। ମୟୂରଭଞ୍ଜର ଅତୀତରେ ପାଠାଗାର ଗୁଡିକ ସମ୍ବନ୍ଧରେ ବହୁ ଅନାଲୋଚିତ ତଥ୍ୟ ଉପସ୍ଥାପନ କରିଥିଲେ। ଶତାୟୁ ଅନୁଷ୍ଠାନର ପୁନରୁଦ୍ଧାର ଓ ସୁପରିଚାଳନା ନେଇ କବି ବିଷ୍ଣୁ ଶତପଥି, ବନଜା ମହାନ୍ତି, ଡ.ସତ୍ୟବ୍ରତ ମିଶ୍ର ବିଭିନ୍ନ ସୁମନ୍ତବ୍ୟ ରଖିଥିଲେ। ଏହି ଅବସରରେ ପାଠାଗାରରେ ଇଣ୍ଟର୍ଣ୍ଣସିପ୍ ପାଠ୍ୟକ୍ରମ ସମାପ୍ତ କରିଥିବା ୪ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଲାଇବ୍ରେରୀର ଉନ୍ନତି ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସମର୍ପିତ ରହିଥିବା ସ୍ୱର୍ଗତ ରତନମୟ ବେହେରାଙ୍କ ବିଶେଷ ଅବଦାନ ପାଇଁ ସ୍ମୃତିଚାରଣ କରାଯାଇଥିଲା। ଏହି ସମାରୋହରେ ଡ଼ଃ ଅବନୀ କୁଣ୍ଡୁ, ଆଶିଷ ବସା, ଇଂ ଅଶୋକ ବସା, ଅଧ୍ୟାପିକା ସସ୍ମିତା ନାୟକ, ଶିକ୍ଷାବିତ୍ ଉଷା ଶତପଥି, ଡ଼ଃ ପୁଷ୍ପା ପାତ୍ର, ସୁମନ ସିଂ, ଇଂ ମନୋଜ କୁଁଅରଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଲାଇବ୍ରେରୀ ପ୍ରେମୀ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ଅଶୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଅମଲାଙ୍କ ଆନ୍ଦୋଳନ; ଜାମିନ ପାଇ ବି ୨ ଦିନ ଜେଲ୍‌ରେ ରହିଲେ ଅଭିଯୁକ୍ତ

ଆନନ୍ଦପୁର,୧୨।୮ (ସମିସ):

ଗାଡି ଋଣ ପାଇଁ ଗ୍ୟାରେଣ୍ଟର ହୋଇଥିବା ବ୍ୟକ୍ତିଙ୍କୁ ଜେଲ୍ ଯିବାକୁ ପଡିଛି। ଏପରିକି ଜେଲ୍‌ରେ ୫ଦିନ ରହିବା ପରେ ଜାମିନ ମିଳିଥିବା ବେଳେ ଅମଲାଙ୍କ ଆନ୍ଦୋଳନ ପାଇଁ ଅଧିକ ୨ଦିନ ଜେଲ୍‌ରେ ରହିବାକୁ ପଡିଛି। ଜାମିନ ଆଦେଶ ଥାଇବି ଅଭିଯୁକ୍ତ ଜଣକ ଜାମିନଦାର୍ ଦାଖଲ ଦେଇଥିବା ବେଳେ ଅମଲାଙ୍କ ଆନ୍ଦୋଳନ ଓ କାର୍ଯ୍ୟରେ ଅସହଯୋଗ ପାଇଁ ଅଭିଯୁକ୍ତଙ୍କୁ ଅଧିକ ଦୁଇ ଦିନ ବେଆଇନ୍ ଅଟକ ରଖିବାରେ ଆଇନଜୀବୀ ସୁବାଷ ଚନ୍ଦ୍ର ବିଶ୍ୱାଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଜାମିନଦାରଙ୍କ ତରଫରୁ ଜିଲ୍ଲାପାଳ କେନ୍ଦୁଝର ଓ ମାନବାଧିକାର ଆୟୁକ୍ତଙ୍କୁ ମେଲ୍ ଜରିଆରେ ଅଭିଯୋଗ ଦାଖଲ କରିଛନ୍ତି। ତେବେ ଅଭିଯୁକ୍ତଙ୍କୁ ଜାମିନ ଆଦେଶର ଦୁଇ ଦିନପରେ ଜେଲ୍‌ରୁ ମୁକ୍ତି ମିଳିଛି। ଆଇନଜୀବୀ ବିଶ୍ୱାଳଙ୍କ ସୂଚନା ମୁତାବକ ଅଭିଯୁକ୍ତ ଜଣକ ଏକ ବନ୍ଧୁଙ୍କ ଟ୍ରକ୍‌କୁ ଚୋରମଣ୍ଡଳମ୍ ଫାଇନାନ୍ସରୁ ଫାଇନାନ୍ସରେ ଆଣିବା ପାଇଁ ଗ୍ୟାରେଣ୍ଟର ହୋଇଥିଲେ। ଏପରିକି ଫାଇନାନ୍ସ ସଂସ୍ଥା ଗାଡିମାଲିକଙ୍କ ଠାରୁ ଋଣ ପରିଶୋଧ ନହୋଇପାରିବାରୁ ଗାଡିଟିକୁ ନେଇଯାଇଥିଲେ। ଋଣକାରୀ ଋଣ ସୁଝିନପାରିବାରୁ ଫାଇନାନ୍ସ ତରଫରୁ କଲିକତା ୧୫ନଂ ଜୁଡିସିଆଲ୍ ମାଜିଷ୍ଟ୍ରେଟ କୋର୍ଟରେ ମକଦ୍ଦମା ଦାଖଲ କରିଥିଲେ। ଫଳରେ ଗ୍ୟାରେଣ୍ଟରଙ୍କୁ ସମନ ଓ ପରେ ୱାରେଣ୍ଟ ଜାରି ହୋଇଥିଲା। ରାମଚନ୍ଦ୍ରପୁର ଥାନା ତରଫରୁ ମାମଲାରେ ୱାରେଣ୍ଟ ପାଇ ଅଭିଯୁକ୍ତଙ୍କୁ ଗତ ଅଗଷ୍ଟ ୭ ତାରିଖରେ ଗିରଫ କରି ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିଥିଲେ। ଜାମିନ ରଦ୍ଦ୍ ହେବାରୁ ଅଭିଯୁକ୍ତ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆନନ୍ଦପୁରଙ୍କ ଅଦାଲତରେ ଜାମିନ ଆବେଦନ କରିଥିଲେ। ଗତ ୧୧ତାରିଖରେ ଜାମିନ ଆଦେଶ ହୋଇଥିବା ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟଙ୍କୁ ଚିଠି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଥିଲା। ଓକିଲଙ୍କ ତରଫରୁ ଜାମିନଦାର ଓ କାଗଜପତ୍ର ଦାଖଲ କରାଯାଇଥିଲା। ତେବେ ଅମଲାଙ୍କ ଆନ୍ଦୋଳନ ପାଇଁ ଅଭିଯୁକ୍ତଙ୍କ ଜାମିନ ଆଦେଶ ଉପଖଣ୍ଡ ଜେଲ୍ ଅଧିକାରୀ ଙ୍କ ନିକଟରେ ପହଞ୍ଚି ପାରିନଥିଲା। ଫଳରେ ଅଭିଯୁକ୍ତ ପରଦିନ ଅର୍ଥାତ ୧୨ତାରିଖରେ ମଧ୍ୟାହ୍ନ ପରେ ଅଭିଯୁକ୍ତ ଜେଲ୍‌ରୁ ମୁକୁଳିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଆନନ୍ଦପୁର,୧୨।୮ (ସମିସ):ଆନନ୍ଦପୁର ବଳଭଦ୍ରପୁର ଶାସନ ନିବାସୀ ଭାସ୍କର ଚନ୍ଦ୍ର ମିଶ୍ରଙ୍କ ପୁଅ ପ୍ରାଣବଲ୍ଲଭ ମିଶ୍ରଙ୍କ ଧର୍ମପତ୍ନୀ ମଞ୍ଜୁଲତା ମିଶ୍ର (୫୯)ଙ୍କ ପରଲୋକ ଘଟିଛି। ସେ ଆଜକୁ କିଛିଦିନ ହେବ ଯକୃତ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ବେଳେ ହଠାତ ଗୁରୁତର ହୋଇପଡ଼ିଥିଲେ। ସେଠାରେ ତାଙ୍କର ବିୟୋଗ ଘଟିଛି। ଖବର ପାଇ ଆନନ୍ଦପୁର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଆନନ୍ଦପୁରସ୍ଥିତ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବନ୍ଧୁତା ବଦଳରେ ବିବାଦ ବଢ଼ାଉଛି ଚୀନ

## ଏଲ୍ଏସି ନିକଟରେ ନିର୍ମାଣ କରିବ ରେଳ ଲାଇନ୍

ବେଜିଂ, ୧୨।୮ (ଏଜେନ୍ସି): ଭାରତ ବନ୍ଧୁତାର ହାତ ବଢ଼ାଉଥିବାବେଳେ ଚୀନ୍ ଏହାକୁ ବିଗାଡିବାକୁ ଚାହୁଁଛି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ପୁଣି ବିବାଦୀୟ ପଦକ୍ଷେପ ନେଇଛି। ସୀମାରେ ଥିବା ଲାଇନ୍ ଅଫ୍ ଆକଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ନିକଟରେ ଚୀନ୍ ଦେଶର ଦୀର୍ଘତମ ରେଳ ଲାଇନ୍ ବିଛାଇବାକୁ ଯୋଜନା କରୁଛି ବୋଲି ଏକ ରିପୋର୍ଟରୁ ଜଣା ପଡ଼ିଛି। ଏହି ରେଳ ଲାଇନ୍ ଦ୍ୱାରା ସିନଜିଆଙ୍ଗ୍ ରାଜ୍ୟର ହୋତାନ ସହ ତିବ୍ବତର ଲାସାକୁ ଯୋଡା ଯିବ। ଚଳିତ ବର୍ଷ ଚୀନ୍ ତା'ର ଏହି ମହତ୍ତ୍ୱାକାଂକ୍ଷୀ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ। ଲାସାକୁ କେନ୍ଦ୍ର କରି ନିର୍ମାଣ କରାଯିବାକୁ ଥିବା ଏହି ୫ ହଜାର କିମିର ରେଳ ପ୍ରକଳ୍ପ ୨୦୩୫ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଏଥିପାଇଁ ୧୩.୨ ବିଲିୟନ ଡଲାରର ବ୍ୟୟ ବରାଦ କରାଯାଇଛି। ଜିନଜିଆଙ୍ଗ-ତିବ୍ବତ ରେଲୱେ କମ୍ପାନୀ ଏହାର ଠିକା ନେଇଛି।

ପ୍ରସ୍ତାବିତ ଏହି ରେଳ ଲାଇନ୍ର ଏକ ଅଂଶ ଅକ୍ସାଇ ଚୀନ୍ ଦେଇଯିବ। ଫଳରେ ଭାରତ ସହିତ ଚୀନ୍ର ସମ୍ପର୍କରେ ପୁଣି ତିକ୍ତତା ଦେଖା ଦେବ ବୋଲି ଆଶଙ୍କା କରାଯାଉଛି। ଏହି ପ୍ରକଳ୍ପ ବେଶ୍ ଆହ୍ୱାନପୂର୍ଣ୍ଣ ହେବ। କାରଣ ରଣନୈତିକ ଦୃଷ୍ଟିରୁ ଦୁଇ ଦେଶ ଏଲଏସିକୁ ପ୍ରାଧାନ୍ୟ ଦେଉଛନ୍ତି। ୨୦୦୮ରେ ଏହି ରେଳ ଲାଇନ୍ ବିଛାଇବାକୁ ପ୍ରଥମେ ଯୋଜନା କରାଯାଇଥିଲା। ଅକ୍ସାଇ ଚୀନ୍କୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ବିବାଦ ରହିଆସିଛି। ତେଣୁ ଏହି ପ୍ରକଳ୍ପ ଭାରତ ପାଇଁ ଡବଲ୍ ଝଟ୍କା ସାବ୍ୟସ୍ତ ହୋଇଛି। କାରଣ ଏହି ରେଳ ଅକ୍ସାଇ ଚୀନ୍ ମଧ୍ୟ ଦେଇଯିବ ଏବଂ ଏଲଏସି ନିକଟରେ ରେଳଧାରଣା ବିଛାଯିବ। ଚୀନ୍ ଏହା ମାଧ୍ୟମରେ ସୀମାକୁ ଦ୍ରୁତବେଗରେ ପ୍ରତିରକ୍ଷା ଉପକରଣଠାରୁ ଆରମ୍ଭ କରି ସେନା ପଠାଇ ପାରିବ। ଏହା ପୂର୍ବରୁ ଅକ୍ସାଇ ଚୀନ ଦେଇ ଚୀନ୍ର ମେଗା ଭିତ୍ତିଭୂମି ପ୍ରକଳ୍ପ ଜିନଜିଆଙ୍ଗ-ତିବ୍ବତ ହାଇୱେ ଯାଇଥିଲା। ଏହା ଜି୨୧୯ ରାଜପଥ ଭାବେ ପରିଚିତ। ୧୯୬୨ ଯୁଦ୍ଧର ଏହା ପ୍ରମୁଖ କେନ୍ଦ୍ର ଥିଲା।

ଭାରତ ଅକ୍ସାଇ ଚୀନକୁ ନିଜର ଅବିଚ୍ଛେଦ୍ୟ ଅଙ୍ଗ କହୁଛି। ଏ ନେଇ ଐତିହାସିକ ତଥ୍ୟ ଏବଂ ଅତୀତରେ ହୋଇଥିବା ଚୁକ୍ତି ମଧ୍ୟ ପ୍ରମାଣ ରହିଛି। ମାତ୍ର ୧୯୫୦ରୁ ଏହି ଅଞ୍ଚଳ ଚୀନ୍ କବ୍ଜାରେ ରହିଛି। ସେହିପରି ଚୀନ୍ ମଧ୍ୟ ଏହି ଅଞ୍ଚଳକୁ ନିଜର ବୋଲି ଦାବି କରିଆସୁଛି। ଗଲୱାନ ସଂଘର୍ଷ ପରଠାରୁ ବିଗିଡ଼ି ଯାଇଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ପାଇଁ ଦିଲ୍ଲୀ-ବେଜିଂ ପଦକ୍ଷେପ ନେଉଥିବାବେଳେ ଏହି ରେଳ ପ୍ରକଳ୍ପ ରିପୋର୍ଟ ସାମ୍ନାକୁ ଆସିଛି। ଗତ ବର୍ଷ ରୁଷ୍ରେ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ଦ୍ୱିପାକ୍ଷିକ ସମ୍ବନ୍ଧକୁ ନେଇ ଆଲୋଚନା ଆରମ୍ଭ କରିଥିଲେ। ଏହା ପରଠାରୁ ଦ୍ୱିପାକ୍ଷିକ ସମ୍ବନ୍ଧରେ ଅଗ୍ରଗତି ଆସିଥିଲା। ଆସନ୍ତା ୩୧ରେ ଏସ୍ସିଓ ସମ୍ମିଳନୀରେ ସାମିଲ ହେବାକୁ ମୋଦୀ ବେଜିଂ ଯିବେ। ଅରୁଣାଚଳ ପ୍ରଦେଶ ସୀମାକୁ ଲାଗି ବ୍ରହ୍ମପୁତ୍ର ନଦୀରେ ଚୀନ୍ ବିଶ୍ୱର ବୃହତ୍ତମ ବନ୍ଧ ନିର୍ମାଣ କରୁଥିବାବେଳେ ଅକ୍ସାଇ ଚୀନ୍ ଦେଇ ରେଳ ପ୍ରକଳ୍ପ ଯିବା ପ୍ରସଙ୍ଗ ଦୁଇ ଦେଶର ସମ୍ପର୍କକୁ କି ଦିଗ ଦେଉଛି ତାହା ଦେଖିବା ବାକି ରହିଲା।






ବିହାର ଏସ୍ଆଇଆରକୁ ବିରୋଧ କରି ମିନ୍ଟା ଦେବୀଙ୍କ ଫଟୋ ଥିବା ଟିସାର୍ଟ ପିନ୍ଧି ସଂସଦ ବାହାରେ ବିରୋଧୀ ସାଂସଦଙ୍କ ବିକ୍ଷୋଭ

# ମୁନୀରଙ୍କ ପରେ ବିଲାୱଲଙ୍କ ଧମକ



### ସିନ୍ଧୁରେ ବନ୍ଧ ବାନ୍ଧିଲେ ଯୁଦ୍ଧ

### ଫେରାଇ ଆଣିବୁ ୬ ନଦୀ

ଇସଲାମାବାଦ, ୧୨।୮ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ଆମେରିକାରେ ରହି ଭାରତକୁ ପରମାଣୁ ଯୁଦ୍ଧ ଧମକ ଦେଇଛନ୍ତି। ଏପରି କରି ସେ ଆମେରିକାର ପରମାଣୁ ଅସ୍ତ୍ର ଅପସାରଣ ନିୟମକୁ ଭଙ୍ଗ କରିଥିଲେ ହେଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ମୁହଁ ଖୋଲୁ ନାହାନ୍ତି। ଭାରତକୁ ଚିଡ଼ାଇବା ପାଇଁ ଆମେରିକା ଏପରି କରୁଥିବା କୁହାଯାଉଥିବାବେଳେ ଏବେ ପାକିସ୍ତାନର ପୂର୍ବତନମନ୍ତ୍ରୀ ତଥା ପିପୁଲ୍ସ ପାର୍ଟି ନେତା ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଭାରତକୁ ଯୁଦ୍ଧ ଧମକ ଦେଇଛନ୍ତି। 'ଅପରେସନ ସିନ୍ଦୂର'କୁ ନେଇ ଛାନିଆ ହୋଇ ଯାଇଥିବା ପାକିସ୍ତାନ ସିନ୍ଧୁ ନଦୀ ଜଳ ଛାଡିବା ପାଇଁ ଭାରତକୁ ଅନୁରୋଧ କରିଥିବାବେଳେ ବିଲାୱଲ ବନ୍ଧ ନିର୍ମାଣ ନ କରିବା ପାଇଁ କହିଛନ୍ତି। ଯଦି ଭାରତ ସିନ୍ଧୁ ନଦୀରେ ବନ୍ଧ କରେ ତେବେ ସ୍ଥିତି ଯୁଦ୍ଧ ପର୍ଯ୍ୟନ୍ତ ପହଞ୍ଚି ଯିବ ବୋଲି ସେ ଧମକ ଦେଇଛନ୍ତି। କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତ ସରକାର ପାକିସ୍ତାନର ଅଶେଷ କ୍ଷତି ଘଟାଇଛନ୍ତି। ତେଣୁ ଭାରତ ବିରୋଧରେ ଏକାଠି ହେବାକୁ ବିଲାୱଲ ପାକିସ୍ତାନୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରି ଦେଇଥିଲା। ବନ୍ଧ ନିର୍ମାଣ ପାଇଁ ମଧ୍ୟ ଘୋଷଣା କରାଯାଇଛି। ପାଣି ବନ୍ଦ ହୋଇଯିବା ଯୋଗୁଁ ପାକିସ୍ତାନରେ ଏହି ନଦୀର ଜଳସ୍ତର ୮୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ଜଳ ଯୋଗାଣ ଏବଂ କୃଷି କ୍ଷେତ୍ରରୁ ଜଳସେଚନ ପ୍ରଭାବିତ ହୋଇଛି। ଏହାକୁ ନେଇ ପାକିସ୍ତାନ ବିଚଳିତ ହୋଇଯାଇଛି। ତେଣୁ ପାକିସ୍ତାନ ନେତା କ୍ରମାଗତ ଭାବେ ଭାରତକୁ ଏଭଳି ବୃଥା ଧମକ ଦେଇ ଚାଲିଛନ୍ତି। ସିନ୍ଧ ସରକାରଙ୍କ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଲାୱଲ କହିଛନ୍ତି ଯେ ଯଦି ସିନ୍ଧୁ ଚୁକ୍ତିକୁ ଭାରତ ସ୍ଥଗିତ ରଖେ ତେବେ ପାକିସ୍ତାନ ପାଖରେ ଯୁଦ୍ଧ ବ୍ୟତୀତ, କୌଣସି ବିକଳ୍ପ ରହିବ ନାହିଁ। ଭାରତ ବିରୋଧରେ ସ୍ୱର ଉଠାଇ ଅତ୍ୟାଚାରକୁ ବନ୍ଦ କରିବାକୁ ସେ ପାକିସ୍ତାନୀଙ୍କୁ ନିବେଦନ କରିଛନ୍ତି। ଏକାଠି ହୋଇ ଭାରତ ବିରୋଧରେ ଯୁଦ୍ଧ ଲଢିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ ହେଲେ ଲଢ଼ି ଭାରତ ଠାରୁ ଛଅଟି ନଦୀକୁ ଫେରାଇ ଆଣିବା ବୋଲି ବିଲାୱଲ କହିଛନ୍ତି। ଅନ୍ୟପକ୍ଷରେ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀ ବିଲାୱଲଙ୍କୁ ଜବାବ ଦେଇଛନ୍ତି। ଯଦି ବାରମ୍ବାର ଏପରି ବୟାନ ଆସେ ତେବେ ଆମ ମୁଣ୍ଡ ଖରାପ ହୋଇଯିବ ଏବଂ ପାକିସ୍ତାନ ଉପରେ ଗୋଟିଏ ପରେ ଗୋଟିଏ ବ୍ରହ୍ମୋସ ଛଡ଼ାଯିବ। ଏହା ବ୍ୟତୀତ ଏପରି ଏକ ବନ୍ଧ ନିର୍ମାଣ କରାଯିବ ଯେଉଁଥିରେ ୧୪୦ କୋଟି ଲୋକ ପରିସ୍ରା କରିବେ। ପରେ ଏହି ବନ୍ଧକୁ ଖୋଲିବୁ ଏବଂ ସୁନାମି ଆସିବ। ଏ ସବୁ କେବଳ ବିଲାୱଲଙ୍କ ପାଇଁ କହିଥିବା ମିଥୁନ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ପାକିସ୍ତାନ ସେନାମୁଖ୍ୟ ଅସିମ ମୁନୀର କ୍ରମାଗତ ଭାବେ ଆମେରିକାରୁ ଭାରତ ବିରୋଧରେ ବିଷ ଓଗାଳିବା ଜାରି ରଖିଛନ୍ତି। ସେ ପୁଣି ଭାରତକୁ ଧମକ ଦେଇଛନ୍ତି। ଏବେ ଦେଶର ତୈଳ ଭିତ୍ତିଭୂମିକୁ ନିଶାଣ କରିଛନ୍ତି। ଯଦି ଭବିଷ୍ୟତରେ କୌଣସି ସଂଘର୍ଷ ହୁଏ ତେବେ ଗୁଜରାଟ ଜାମନଗର ସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ରିଫାଇନାରୀକୁ ଆକ୍ରମଣ କରାଯିବ ବୋଲି କହିଛନ୍ତି। ପ୍ରଥମ ଥର ପାଇଁ ପାକିସ୍ତାନର କୌଣସି ସେନା ଅଧିକାରୀ ଭାରତର ତୈଳ ଭିତ୍ତିଭୂମିକୁ ନିଶାଣ କରିବାକୁ ଧମକ ଦେଇଛନ୍ତି। ଫ୍ଲୋରିଡ଼ାର ଟାମ୍ପାରେ ଅନୁଷ୍ଠିତ ଏକ ଘରୋଇ କାର୍ଯ୍ୟକ୍ରମରେ ସେ ଏହି ଟିପ୍ପଣୀ ଦେଇଥିଲେ ବୋଲି ସୂଚନା ମିଳିଛି। ଏଠାରେ ସେ ଭବିଷ୍ୟତର ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି ସେ ବ୍ରୁସେଲ୍ସରେ କହିଛନ୍ତି ଯେ ତାଙ୍କ ପୁଅ ଯଦି ଭାରତ ବିରୋଧରେ ଲଢି ପ୍ରାଣ ହରାଏ ତେବେ ତାଙ୍କ ନାତି ମଧ୍ୟ ଲଢିବ। ସେ ପୁଣିଥରେ କଶ୍ମୀରକୁ ଅନ୍ତର୍ଜାତୀୟ ପ୍ରସଙ୍ଗ କହିଛନ୍ତି। ଏହାକୁ ନେଇ ବ୍ରୁସେଲ୍ସରେ ମୁନୀରଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି।

ରାଜ୍ୟଗୁଡିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଦଣ୍ଡ ଭୋଗି ସାରିଥିବା କଏଦୀଙ୍କୁ ତୁରନ୍ତ ମୁକ୍ତ କର



ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଅନେକ କଏଦୀ ଦଣ୍ଡ ଭୋଗି ସାରିବା ପରେ ବି ଜେଲ୍ରେ ଅଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ରାଜ୍ୟ ସରକାରମାନଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡ ଭୋଗି ସାରି ଅନ୍ୟ କୌଣସି ମାମଲାରେ ଦୋଷୀ ନ ହୋଇ ଜେଲ୍ରେ ଥିବା କଏଦୀଙ୍କୁ ତୁରନ୍ତ ମୁକ୍ତ କରିବା ନିମନ୍ତେ ରାଜ୍ୟ ସରକାରମାନଙ୍କୁ କହିଛନ୍ତି। ୨୦୦୨ର ନୀତୀଶ କଟାରା ହତ୍ୟାକାଣ୍ଡର ଦୋଷୀ ସୁଖଦେବ ଯାଦବ ଓରଫ ପହଲୱାନଙ୍କୁ ମୁକ୍ତି ନିର୍ଦ୍ଦେଶ ଦେଇ କୋର୍ଟ ଏହି ରାୟ ଶୁଣାଇଛନ୍ତି। ବିଚାରପତି ବିଭି ନାଗାରତ୍ନା ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଯେ ୨୦୨୪ ମାର୍ଚ୍ଚରେ ଯାଦବ ୨୦ ବର୍ଷର ଜେଲ୍ ଦଣ୍ଡ ଭୋଗି ସାରିଥିଲେ। ତେଣୁ ତାଙ୍କୁ ସେହି ସମୟରେ ମୁକ୍ତ କରାଯିବା ଉଚିତ ଥିଲା। ଏହି ନିର୍ଦ୍ଦେଶର ନକଲ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବମାନଙ୍କୁ ପଠାଇବାକୁ କୋର୍ଟ କହିଛନ୍ତି। ଯାଞ୍ଚ କରି ଏଭଳି କୌଣସି କଏଦୀ ଜେଲ୍ରେ ଅଛନ୍ତି କି ନାହିଁ ଦେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କେହି ଥିଲେ ତୁରନ୍ତ ମୁକ୍ତ କରିବାକୁ କହିଛନ୍ତି। ଦଣ୍ଡ ଭୋଗି ସାରିବା ପରେ କଏଦୀଙ୍କୁ ଜେଲ୍ରେ ରଖିବା ଅନୁଚିତ। ତେଣୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ରାଷ୍ଟ୍ରୀୟ ଏବଂ ଜିଲ୍ଲାର ଆଇନ ସେବା କର୍ତ୍ତୃପକ୍ଷ ନିକଟକୁ ପଠାଇବାକୁ କହିଛନ୍ତି।

କୋର୍ଟ ଜୁଲାଇ ୨୯ ତାରିଖରେ ସୁଖଦେବ ପହଲୱାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଚରଣ ଆଳରେ ଦଣ୍ଡ ସମୀକ୍ଷା ବୋର୍ଡ ତାଙ୍କ ମୁକ୍ତି ଉପରେ ରୋକ ଲଗାଇଥିଲା। ସୁପ୍ରିମକୋର୍ଟ ଏଥିରେ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଥିଲେ ଯେ ଏସ୍ଆରବି କୋର୍ଟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ କିପରି ଅଣଦେଖା କରିପାରିବେ? ୨୦ ବର୍ଷ ଜେଲଦଣ୍ଡ ପୂରଣ କରିବା ପରେ ଯାଦବଙ୍କୁ ମୁକ୍ତ କରାଯିବା ଉଚିତ ଥିଲା। ଏହାପରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ ଅର୍ଚ୍ଚନା ପାଠକ ଡେଭ ଯୁକ୍ତି ଦେଇଥିଲେ ଯେ ୨୦ ବର୍ଷ ଜେଲ୍ଦଣ୍ଡ ପରେ ଆପେ ମୁକ୍ତି ହୋଇପାରିବ ନାହିଁ ଏବଂ ଆଜୀବନ କାରାଦଣ୍ଡ ଅର୍ଥ ସ୍ୱାଭାବିକ ଜୀବନ ପାଇଁ ଜେଲ୍ରେ ରହିବା।

# ଲାଡେନର ନୂଆ ଚେହେରା ମୁନୀର

ୱାଶିଂଟନ, ୧୨।୮ (ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀରଙ୍କୁ ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟର ପୂର୍ବତନ ଅଧିକାରୀ ମାଇକେଲ ରବିନ ଆତଙ୍କବାଦୀଙ୍କ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଅସିମ ମୁନୀର ହେଉଛନ୍ତି ସୁଟ୍ ପିନ୍ଧା ଓସାମା ବିନ୍ ଲାଡେନ। ସେ ନିକଟରେ ଦେଇଥିବା ପରମାଣୁ ଧମକରୁ ପାକିସ୍ତାନ ଗୁଣ୍ଡା ରାଷ୍ଟ୍ର ବୋଲି ଜଣାପଡୁଛି। ଏହା ପୂର୍ବରୁ ଗତ ସପ୍ତାହରେ ଆମେରିକାର ସେନା ଅଧିକାରୀଙ୍କୁ ଭେଟିବା ଅବସରରେ ମୁନୀର କହିଥିଲେ ଯେ ପାକିସ୍ତାନ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ଯଦି ପାକିସ୍ତାନ ବୁଡ଼ିବ ତେବେ ନିଜ ସାଥିରେ ଅଧା ଦୁନିଆକୁ ନେଇ ବୁଡ଼ିବ। ରୁବିଓ ଏହି ଟିପ୍ପଣୀକୁ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ଏବଂ ଲାଡେନର ବିପଜ୍ଜନକ ବୟାନ ସହ ତୁଳନା କରିଛନ୍ତି। ପାକିସ୍ତାନଠାରୁ ତୁରନ୍ତ ଅଣ-ନାଟୋ ସହଯୋଗୀ ରାଷ୍ଟ୍ର ମାନ୍ୟତା ପ୍ରତ୍ୟାହାର କରିବାକୁ ଆମେରିକା ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହା ସହିତ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ ଘୋଷଣା, ମୁନୀରଙ୍କ ଭିସା ରଦ୍ଦ ପାଇଁ ବିଚାର କରିବା ଉଚିତ। ଆମେରିକାରେ ରହି ଏଭଳି ମନ୍ତବ୍ୟ ଦେଉଥିବା ମୁନୀରଙ୍କୁ ତୁରନ୍ତ ଦେଶରୁ ବାହାର କରିବାର ଥିଲା ବୋଲି ରୁବିଓ କହିଛନ୍ତି।

# ପୁନଃ ପ୍ରତିଷ୍ଠା ହେବନି ଧରାଳି ଗାଁ

### ସମ୍ବେଦନଶୀଳ ଅଞ୍ଚଳରେ ହେବନି ନୂଆ ନିର୍ମାଣ

### ୪୩ ଜଣ ଏବେ ବି ନିଖୋଜ: ସରକାର

ଡେରାଡୁନ, ୧୨।୮ (ଏଜେନ୍ସି): ବାଦଲ ଫଟା ବର୍ଷା ପରେ ଅଚାନକ ଆସିଥିବା ବନ୍ୟାରେ ଧ୍ୱଂସ ଉତ୍ତରକାଶୀ ଧରାଳି ଗାଁର ପୁନଃ ପ୍ରତିଷ୍ଠା ହେବ ନାହିଁ। ଏହି ଗାଁକୁ ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନଦୀ କୂଳରେ ଏବଂ ଭୂସ୍ଖଳନ ସମ୍ବେଦନଶୀଳ ଅଞ୍ଚଳରେ କୌଣସି ନୂଆ ନିର୍ମାଣ କାର୍ଯ୍ୟ ମଧ୍ୟ କରାଯିବ ନାହିଁ। ଏଭଳି ବିପଜ୍ଜନକ କ୍ଷେତ୍ରରେ ଥିବା ଗାଁକୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ସୂଚନା ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ଧରାଳି ତିନି ଥର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲାଣି। ପ୍ରତି ଥର ଗାଁ ଧ୍ୱଂସ ହୋଇଯାଇଛି। କିନ୍ତୁ ଗ୍ରାମବାସୀ ପୁଣିଥରେ ନୂତନ ଗାଁ ନିର୍ମାଣ କରି ରହିଛନ୍ତି।

ଗତ ୫ ତାରିଖରେ ଦ୍ୱିପହରେ ଧରାଳି ନିକଟସ୍ଥ ପାହାଡ଼ରେ ବାଦଲ ଫଟା ବର୍ଷା ପରେ ଗଙ୍ଗା ନଦୀରେ ବନ୍ୟା ଆସିବା ଯୋଗୁଁ ୩୪ ସେକେଣ୍ଡ ମଧ୍ୟରେ ଧରାଳି ମାଟିରେ ମିଶି ଯାଇଥିଲା। ୭ ଦିନ ବିତି ଯାଇଥିଲେ ମଧ୍ୟ ଗାଁରେ ଏବେ ବି ଲକ୍ଷ ଲକ୍ଷ ଟନ ଅବଶେଷ ଗଦା ହୋଇ ରହିଛି। ସ୍ଥିତି ଏଭଳି ହୋଇଛି ଯେ ପୂର୍ବରୁ ଏଠାରେ କୌଣସି ଜନବସତି ନ ଥିଲା ପରି ଲାଗୁଛି। ଆହୁରି ୪୩ ଲୋକ ନିଖୋଜ ଅଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ତେବେ ୬୦ରୁ ଅଧିକ ଏବେ ବି ନିଖୋଜ ଅଛନ୍ତି ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି। ଏହା ମଧ୍ୟରେ ବିସ୍ଥାପନ ପାଇଁ ଲୋକଙ୍କ ସହ ଆଲୋଚନା ଆରମ୍ଭ କରାଯାଇଛି ବୋଲି ଅନୁ ସଚିବ ବଂଶୀଧର ତିୱାରୀ କହିଛନ୍ତି। ୮ରୁ ୧୨ କିମି ଦୂର ଲଙ୍କା, କୋପାଙ୍ଗ କିମ୍ବା ଜାଙ୍ଗଲାରେ ଗାଁ ନିର୍ମାଣ କରାଯାଉ ବୋଲି ଲୋକେ ଚାହୁଁଛନ୍ତି। ସେହିପରି ହର୍ଷିଲରେ ଆସିଥିବା ବିପର୍ଯ୍ୟୟରେ ସେନା କ୍ୟାମ୍ପ ଭାସି ଯାଇଛି। ତେଣୁ ନୂଆ କ୍ୟାମ୍ପ ପ୍ରତିଷ୍ଠା ଲାଗି ସେନା ଶ୍ରୀଖଣ୍ଡ ପର୍ବତ ଏବଂ ଏହାର ଆଖପାଖରେ ଥିବା ଗ୍ଲାସିୟର, ହ୍ରଦର ରେକି କରିବ।



ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା

# ମହାଭିଯୋଗ ପାଇଁ ୩ ଜଣିଆ କମିଟି ଗଠିତ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ମଞ୍ଜୁରି ଦେଇଛନ୍ତି। ରବିଶଙ୍କର ପ୍ରସାଦ ଏବଂ ବିରୋଧୀ ନେତାଙ୍କ ସମେତ ମୋଟ ୧୪୬ ସଦସ୍ୟଙ୍କ ପ୍ରସ୍ତାବ ମିଳିଛି ବୋଲି ସେ କହିଛନ୍ତି। ଏଥିରେ ଜଷ୍ଟିସ ବର୍ମାଙ୍କୁ ପଦରୁ ହଟାଇବାକୁ ଦାବି କରାଯାଇଛି। ଏହି ମାମଲାର ଯାଞ୍ଚ ପାଇଁ ବାଚସ୍ପତି ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଏହି କମିଟିରେ ସୁପ୍ରିମକୋର୍ଟ ବିଚାରପତି ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ମନିନ୍ଦର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଓକିଲ ବିଭି ଆଚାର୍ଯ୍ୟ ସାମିଲ ଅଛନ୍ତି। ଯାଞ୍ଚ କମିଟିର ରିପୋର୍ଟ ଆସିବା ପର୍ଯ୍ୟନ୍ତ ଏହି ମହାଭିଯୋଗ ପ୍ରସ୍ତାବକୁ ସ୍ଥଗିତ ରହିବ।

# ସ୍ୱାଧୀନତା ଦିବସ ପୂର୍ବରୁ ବଡ଼ ଧରଣର ବିସ୍ଫୋରଣ ଯୋଜନା ପଣ୍ଡ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ନୂଆଦିଲ୍ଲୀ ଏବଂ ମଧ୍ୟପ୍ରଦେଶ ଗ୍ୱାଲିୟରରେ ବୋମା ବିସ୍ଫୋରଣ ଯୋଜନାକୁ ରାଜସ୍ଥାନ ପୁଲିସ ପଣ୍ଡ କରିଦେଇଛି। ମୁମ୍ବାଇର ବାବା ସିଦ୍ଦିକି ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ଜୀଶାନ ଅଖତରର ନିର୍ଦ୍ଦେଶରେ ଏହି ଷଡ଼ଯନ୍ତ୍ର କରାଯାଇଥିଲା। ସେ କାନାଡ଼ାରୁ ଏହି ନିର୍ଦ୍ଦେଶ ଦେଇଥିଲା। ଏହି ଷଡ଼ଯନ୍ତ୍ର କରିଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଛଅ ଜଣ ସଦସ୍ୟଙ୍କୁ ପୁଲିସ ଗିରଫ କରିଛି। ଏମାଙ୍କ ମଧ୍ୟରେ ତିନି ଜଣ ନାବାଳକ ସାମିଲ ଅଛନ୍ତି। ଏହି ଅଭିଯୁକ୍ତମାନେ ଜୁଲାଇ ୬ରେ ପଞ୍ଜାବରେ ଗ୍ରେନେଡ୍ ବିସ୍ଫୋରଣ କରି ରାଜସ୍ଥାନରେ ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ଏହି ଅପରାଧୀ ଅଗଷ୍ଟ ୧୫ରେ ନୂଆଦିଲ୍ଲୀ ଏବଂ ଗ୍ୱାଲିୟରରେ ବୋମା ବିସ୍ଫୋରଣ ଷଡ଼ଯନ୍ତ୍ର କରିଥିଲେ।

# ଆସନ୍ତା ମାସରୁ ଭାରତ-ଚୀନ୍ ମଧ୍ୟରେ ପ୍ରତ୍ୟକ୍ଷ ବିମାନ ସେବା

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଆସନ୍ତା ମାସ ପ୍ରାରମ୍ଭରୁ ଭାରତ ଏବଂ ଚୀନ୍ ପ୍ରତ୍ୟକ୍ଷ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ବ୍ଲୁମବର୍ଗ ରିପୋର୍ଟରେ ଏହି ଦାବି କରାଯାଇଛି। ଏହି ପଦକ୍ଷେପକୁ ଦୁଇ ଦେଶ ମଧ୍ୟରେ ସମ୍ବନ୍ଧର ସୁଧାରର ସଙ୍କେତ ଭାବେ ଦେଖାଯାଉଛି। ରିପୋର୍ଟ ଅନୁଯାୟୀ ଚୀନ୍କୁ ତୁରନ୍ତ ଉଡ଼ାଣ ସେବା ଆରମ୍ଭ ପାଇଁ ପ୍ରସ୍ତୁତି କରିବାକୁ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଭଳି ଏୟାରଲାଇନ୍ସଙ୍କୁ ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। କରୋନା ସମୟରୁ ଏହି ସେବା ବନ୍ଦ ରହିଥିଲା।

# ବଲୋଚ ବିଦ୍ରୋହୀଙ୍କୁ ଆତଙ୍କବାଦୀ ଘୋଷଣା କଲା ଆମେରିକା

ୱାଶିଂଟନ, ୧୨।୮ (ଏଜେନ୍ସି): ପାକିସ୍ତାନ ସହ ଆମେରିକା ସମ୍ବନ୍ଧ ବଢ଼ାଇ ଚାଲିଛି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଏକ ନିଷ୍ପତ୍ତିରୁ ଏହାର ଆଭାସ ମିଳିଛି। ଆମେରିକା ଗୃହ ବିଭାଗ ସୋମବାର ପାକିସ୍ତାନର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ବଲୋଚ ଲିବରେସନ ଆର୍ମୀ (ବିଏଲଏ) ତଥା ମାଜିଦ ବ୍ରିଗେଡକୁ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ଏହା ୱାଶିଂଟନର ଆତଙ୍କବାଦୀ ବିରୋଧୀ ଲଢେଇକୁ ଦର୍ଶାଉଛି ବୋଲି କୁହାଯାଇଛି। ବିଏଲଏ ପାକିସ୍ତାନ ସରକାର ଏବଂ ସେନାର ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଏହି ସଂଗଠନ ବଲୋଚିସ୍ତାନର ସ୍ୱାଧୀନତା ପାଇଁ ଲଢେଇ କରୁଛି।

# ଝିଅ ଜନ୍ମ ହେବାରୁ ୨୧ ଗାଁକୁ ଭୋଜିଦେଲେ ବାପା

ଜିନ୍ଦ, ୧୨।୮ (ଏଜେନ୍ସି): ଘରେ ଝିଅ ଜନ୍ମ ହେବାରୁ ହରିୟାଣା ଜିନ୍ଦର ଥୁଆ ଗ୍ରାମର ଏକ ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ଘରକୁ ଲକ୍ଷ୍ମୀ ଆସିଥିବା ଖୁସିରେ ବାପାମାଆ ଭବ୍ୟ ଆୟୋଜନ କରିଛନ୍ତି। ଏହା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ଗାଁ ନୁହେଁ, ଆଖପାଖର ୨୧ ଖଣ୍ଡ ଗାଁକୁ ଦମ୍ପତି ଭୋଜି ଦେଇଛନ୍ତି। ୨୪ ଗାଁର ମୁଖ୍ୟଙ୍କ ସହିତ ୮ ହଜାରରୁ ଅଧିକ ଲୋକ ଭୋଜି ଖାଇ ଶିଶୁକନ୍ୟାକୁ ଆଶୀର୍ବାଦ କରିଛନ୍ତି। ଶିଶୁକନ୍ୟାର ବାପା ସୁରେନ୍ଦ୍ର କାଲିରମଣ ସମାଜକୁ ବଡ଼ ବାର୍ତ୍ତା ଦେଇଛନ୍ତି। ପୁଅ ଏବଂ ଝିଅ ଉଭୟେ ସମାନ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ଦୀର୍ଘ ୧୯ ବର୍ଷ ପରେ କାଲିରମଣ ବାପା ହୋଇଛନ୍ତି।

# ସୁପ୍ରିମକୋର୍ଟଙ୍କ 'ବୁଲା କୁକୁର' ନିର୍ଦ୍ଦେଶକୁ ତୀବ୍ର ବିରୋଧ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଦିଲ୍ଲୀ-ଏନ୍ସିଆରରୁ ସବୁ ବୁଲା କୁକୁରଙ୍କୁ ହଟାଇବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, ପୂର୍ବତନ ବିଜେପି ସାଂସଦ ମେନକା ଗାନ୍ଧୀଙ୍କ ସହିତ ଜାହ୍ନବୀ କପୁର, ବରୁଣ ଧାୱନ, ଜନ୍ ଆବ୍ରାହାମ, ମଲାଇକା ଆରୋରା ଏବଂ କ୍ରିକେଟର ରୋହିତ ଶର୍ମାଙ୍କ ପତ୍ନୀ ରିତିକା ସାଜଦେ ପ୍ରମୁଖ ବିରୋଧ କରିଛନ୍ତି। ନିରୀହ ପଶୁ କୌଣସି ସମସ୍ୟା ନୁହଁନ୍ତି ଏବଂ କୁକୁରଙ୍କୁ ହଟାଇବା କ୍ରୁରତା ବୋଲି ରାହୁଲ କହିଛନ୍ତି। ମେନକା କହିଛନ୍ତି ଯେ ପ୍ୟାରିସ ସରକାର ବି ଦିନ ଏଭଳି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସ୍ଥିତି ବିଗିଡ଼ା ମୂଷା ଉତ୍ପାତ ଆରମ୍ଭ କରିବାରୁ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇଥିଲା। ସେହିପରି ଜାହ୍ନବୀଙ୍କ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ପାଇଁ କୁକୁର ବିପଦ, କିନ୍ତୁ ଆମେ ହୃତ୍ସ୍ପନ୍ଦନ। କୁକୁରଙ୍କୁ ଦଣ୍ଡ ଦେବା ବଦଳରେ କାମୁଡା ରୋକିବା ପାଇଁ ଉଚିତ ବ୍ୟବସ୍ଥା କରିବା ଉଚିତ। ଏ ନେଇ ଜନ୍ ଆବ୍ରାହାମ ସିଜେଆଇଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ ବିକ୍ଷୋଭ କରୁଥିବା ୪୦ ଜଣଙ୍କୁ ମଙ୍ଗଳବାର ଦିଲ୍ଲୀ ପୁଲିସ ଗିରଫ କରିଛି।



# ଖବରକାଗଜରୁ ବଢ଼େ ଜ୍ଞାନ

ଖବରକାଗଜ ପଢ଼ିବା ଏକ ଭଲ ଅଭ୍ୟାସ । ତେଣୁ ପିଲାଙ୍କୁ ସବୁଦିନ ଖବରକାଗଜ ପଢ଼ିବା ପାଇଁ କୁହାଯାଏ । ହେଲେ ଆଜିକାଲି ଯୁବପିଢ଼ି ଖବରକାଗଜ ପଢ଼ା ଉପରେ ସେତେ ବେଶି ଗୁରୁତ୍ୱ ଦେଉ ନାହାନ୍ତି । ତେବେ ଖବରକାଗଜ ପଢ଼ିଲେ ଜ୍ଞାନ ବୃଦ୍ଧି ପାଏ । କାରଣ ଏଥିରୁ ଦେଶ ଦୁନିଆର ଘଟଣା ସମ୍ପର୍କରେ ସବୁ ପ୍ରକାର ତଥ୍ୟ ମିଳିଥାଏ । ସବୁ ପ୍ରସଙ୍ଗ ଉପରେ ନଜର ରହେ । ଖବରକାଗଜରେ ରାଜନୀତି, ଖେଳ, ବିଜ୍ଞାନ, କଳା ଏବଂ ଅନ୍ୟ ବିଷୟ ସହିତ ଜଡ଼ିତ ଖବର ଥାଏ । ତେଣୁ ଏହାକୁ ପଢ଼ିବା ଦ୍ୱାରା ଜ୍ଞାନର ବିକାଶ ହୁଏ ।



କେବଳ ସେତିକି ନୁହେଁ, ଖବରକାଗଜରୁ ଅନେକ ନୂଆ ଶବ୍ଦ ମଧ୍ୟ ଶିଖିବାକୁ ମିଳେ । ଭାଷା ଓ କଥା କହିବା ଶୈଳୀରେ ଉନ୍ନତି ଆସେ । ସେହିପରି କୌଣସି ଖବରକୁ ବୁଝିବା, ଅଲଗା ଅଲଗା କଥା ଚିନ୍ତା କରିବା ଏବଂ ତାହାର ବିଶ୍ଲେଷଣ କରିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ହୁଏ । ଏହାବାଦ୍ ସବୁ ପ୍ରକାର ପ୍ରସଙ୍ଗ ଜାଣିଥିଲେ ବିଭିନ୍ନ ଆଲୋଚନାରେ ସାମିଲ ହେବା ବି ସହଜ ହୁଏ । ପ୍ରତିଯୋଗିତା ମୂଳକ ପରୀକ୍ଷା ତଥା ସାକ୍ଷାତକାରରେ ପଚାରଯାଉଥିବା ସାଧାରଣ ଜ୍ଞାନର ପ୍ରଶ୍ନର ଉତ୍ତର ରଖିବା ସହଜ ହୁଏ । ଅନ୍ୟପଟେ ଖବରକାଗଜରେ କୌଣସି ପ୍ରସଙ୍ଗ ଉପରେ ଅନେକ ଲୋକଙ୍କ ମତାମତ ପ୍ରକାଶ ପାଇଥାଏ । ଫଳରେ କୌଣସି କଥାକୁ ବିଭିନ୍ନ ଦୃଷ୍ଟିକୋଣରୁ ଜାଣିବା ସାହାଯ୍ୟ ହୁଏ । ଅନ୍ୟପକ୍ଷରେ ଖବରକାଗଜରେ ପ୍ରକାଶିତ ଭଲ ଖବର ଏବଂ ଲୋକଙ୍କ ସଫଳତା କାହାଣୀ ପଢ଼ିଲେ ପ୍ରେରଣା ମିଳେ । ମନରେ ସକାରାତ୍ମକ ଚିନ୍ତାଧାରା ଆସେ ।

# କ୍ୟାରିୟରକୁ ପ୍ରଭାବିତ କରେ ୯-୯-୬ କାର୍ଯ୍ୟସୂଚୀ



ଏବେ ଚାରିଆଡ଼େ ୱାର୍କ ଲାଇଫ୍ ବାଲାନ୍ସ ଚର୍ଚ୍ଚାର ବିଷୟ ପାଲଟିଛି । ୯-୯-୬ ୱାର୍କ ସିଡ୍ୟୁଲ ବା କାର୍ଯ୍ୟସୂଚୀରେ କର୍ମଚାରୀଙ୍କୁ ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ କାମ କରିବାକୁ ହୋଇଥାଏ । ଏହାର ଅର୍ଥ ହେଉଛି ଜଣେ କର୍ମଚାରୀଙ୍କୁ ସପ୍ତାହରେ ୭୨ ଘଣ୍ଟା କାମ କରିବାକୁ ହୋଇଥାଏ । ଯାହାକି ସାଧାରଣତଃ ୪୦-୪୪ ଘଣ୍ଟା କାର୍ଯ୍ୟ ସପ୍ତାହରୁ ଖୁବ୍ ଅଧିକ । ଅବଶ୍ୟ ଏହି ସିଡ୍ୟୁଲ ଚୀନ୍ ଟେକ୍ କମ୍ପାନିରେ ଖୁବ୍ ଲୋକପ୍ରିୟ ଥିଲା । ଯାହାକୁ ଏବେ ଆମେରିକା ଆପଣାଇବାକୁ ଯାଉଛି । ହେଲେ ଏହା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ଅଧିକାରକୁ ଉଲ୍ଲଘଂନ କରିବାରୁ ଚୀନ ସରକାର ଏହାକୁ ଅବୈଧ ବୋଲି ଘୋଷଣା କଲେ । ତେବେ ଏହି କାର୍ଯ୍ୟ ପ୍ରଣାଳି କ୍ୟାରିୟରକୁ କିଭଳି ଭାବେ ପ୍ରଭାବିତ କରିଥାଏ, ସେ ସମ୍ପର୍କରେ ଜାଣିବା ।

**ଅବସାଦ:** ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବା ଦ୍ୱାରା କର୍ମଚାରୀ ଶାରୀରିକ ଏବଂ ମାନସିକ ଭାବେ ଥକ୍କି ପଡ଼ନ୍ତି । ଫଳରେ ଏହା ଅବସାଦ, ଥକ୍କାପଣ ଏବଂ ବର୍ଣ୍ଣଆଉଟ୍‌ର କାରଣ ହୋଇଥାଏ ।

**ଖରାପ ୱାର୍କ ଲାଇଫ୍ ବାଲାନ୍ସ:** ଏହି କାର୍ଯ୍ୟସୂଚୀରେ କାମ କରିବା ଦ୍ୱାରା ବ୍ୟକ୍ତିଗତ ଜୀବନକୁ କମ୍ ସମୟ ମିଳିଥାଏ । ପରିବାର, ସାଙ୍ଗସାଥୀ ଏବଂ ନିଜ ପାଇଁ ସମୟ ବାହାର କରିବାରେ ସମସ୍ୟା ହୁଏ । ଫଳରେ ଏକାକୀତ୍ୱର ଭାବନା ମନକୁ ଆସେ ।

**ସ୍ୱାସ୍ଥ୍ୟ ସମସ୍ୟା:** ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ କାମ କରିବାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ବି ପଡ଼ିଥାଏ । ନିଦ୍ରାଭାବ, ଖାଦ୍ୟପାନୀୟର ଖରାପ ଅଭ୍ୟାସ ଏବଂ ଲଗାତାର ବସି ରହିବା ଦ୍ୱାରା ହୃଦ୍‌ରୋଗ, ମେଦବହୁଳତା ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାର ଆଶଙ୍କା ବେଶି ।

**କାର୍ଯ୍ୟ ଦକ୍ଷତା ହ୍ରାସ ପାଏ:** ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହି କାମ କରିବା ଦ୍ୱାରା ମନରେ କିଛି ନୂଆ ଚିନ୍ତାଧାରା ଆସେ ନାହିଁ । ଥକ୍କା ଲାଗେ । କର୍ମଚାରୀଙ୍କ ଉତ୍ପାଦନ କ୍ଷମତା ବାସ୍ତବରେ କମ୍ ହୋଇଥାଏ । ଦୀର୍ଘ ସମୟ କାମ କରିବା ଦ୍ୱାରା କାମରେ ବେଶି ଭୁଲ ହୁଏ ନାହିଁ ଏବଂ ସୃଜନାତ୍ମକ ଜ୍ଞାନ କୌଶଳ ହ୍ରାସ ପାଏ ।

# ନିଯୁକ୍ତି ଲାଗି ଜରୁରି ଦକ୍ଷତା

**ସମୟ ସହିତ ନିଯୁକ୍ତି ବଜାରରେ ପରିବର୍ତ୍ତନ ଆସୁଛି । ଏବେ କେବଳ ଡିଗ୍ରୀ ଥିଲେ ଚାକିରି ମିଳିବ ତାହା ନୁହେଁ । ବର୍ତ୍ତମାନର ଆଧୁନିକ ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ଟେକ୍ନୋଲୋଜିର ବିକାଶ ହେଉଛି । ତେଣୁ ଉଚ୍ଚଶିକ୍ଷା ପରେ ନିଜ ପାଖରେ କିଛି କୌଶଳ ତଥା ଦକ୍ଷତା ରହିବା ବି ଜରୁରି ହୋଇ ପଡ଼ିଛି ।**



**ରିୟଲ ୱାର୍ଲ୍ଡ ସ୍କିଲ୍:** ଉଚ୍ଚଶିକ୍ଷା ପରେ ଅଧିକାଂଶ ଯୁବପିଢ଼ିଙ୍କ ପାଖରେ ରିୟଲ ୱାର୍ଲ୍ଡ ସ୍କିଲର ଅଭାବ ଦେଖା ଦେଇଥାଏ । ଏହି କାରଣ ଯୋଗୁଁ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଚାକିରି ଲାଗି ପ୍ରସ୍ତୁତ ହୋଇ ପାରି ନ ଥାନ୍ତି । ତେବେ ଏ ଲାଗି ସେମାନେ ଇଣ୍ଟର୍ଣ୍ଣସିପ୍, ପାର୍ଟଟାଇମ୍ ଚାକିରି ଆଦି ମାଧ୍ୟମରେ ଏହି କୌଶଳକୁ ନିଜ ଭିତରେ ବିକଶିତ କରିପାରିବେ । ଏହା ଦ୍ୱାରା କାମ କରିବାର ଅଭିଜ୍ଞତା ସହିତ କମ୍ୟୁନିକେସନ ସ୍କିଲ୍, ଟିମ୍ ୱାର୍କ, ସମସ୍ୟା ସମାଧାନ ଏବଂ ଅନୁକୂଳ ପରିସ୍ଥିତିରେ କିଭଳି କାମ କରାଯାଏ, ସେ କଥା ଜାଣି ହୁଏ । ଏହା ଦ୍ୱାରା ଚାକିରି ମିଳିବା ସହଜ ହୁଏ ।

**ଗ୍ଲୋବାଲ ମାଇଣ୍ଡସେଟ୍:** ଆଜିର ସମୟରେ ଭଲ ପ୍ୟାକେଜ୍‌ର ଚାକିରି ପାଇବା ଲାଗି ଗ୍ଲୋବାଲ ମାଇଣ୍ଡସେଟ୍ ନିହାତି ଜରୁରି । ଏହି କୌଶଳ ଦ୍ୱାରା ଦେଶ ଦୁନିଆର ବିଭିନ୍ନ କ୍ଷେତ୍ର ସହିତ ସମ୍ବନ୍ଧ ଥିବା ବ୍ୟକ୍ତି ବିଶେଷ ଏବଂ ଅଲଗା ଅଲଗା ସଂସ୍ଥାନ ମାଧ୍ୟମରେ ଯୋଡ଼ି ହୋଇ ଏହି କୌଶଳ ଶିଖିପାରିବେ । ତେବେ ଏ ଲାଗି ନିଜ ଭିତରେ ଜିନିଷକୁ ବୁଝିବା ଓ ଜାଣିବାର ଇଚ୍ଛା ରହିବା ଦରକାର ।

**ଇଣ୍ଟରଆକ୍ସନ୍ ସ୍କିଲ୍:** ଭଲ ଚାକିରିଟିଏ ପାଇବା ପାଇଁ ଯେକୌଣସି ବ୍ୟକ୍ତିଙ୍କ ପାଖରେ ଉତ୍ତମ କମ୍ୟୁନିକେସନ ସ୍କିଲ୍ ରହିବା ଦରକାର । ଏହା ଦ୍ୱାରା ନିଜ କଥାକୁ ଅନ୍ୟ ସାମ୍ନାରେ ରଖିବା କେବଳ ସହଜ ହୋଇ ନ ଥାଏ, ବରଂ ଲୋକଙ୍କ ସହ ମିଶିବା, ସମ୍ପର୍କ ସୃଷ୍ଟି କରିବା, ଭରସା ଜିତିବା, ୱାର୍କ କଲଚର ସହିତ ଭଲ ଭାବେ କାମ କରିବାରେ ସାହାଯ୍ୟ ମିଳେ ।

**ଏଆଇ ସ୍କିଲ୍:** ଆଜିର ଆଧୁନିକ ଯୁଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବିକାଶ ଦ୍ରୁତ ଗତିରେ ହେଉଛି । ଅଧିକାଂଶ କ୍ଷେତ୍ରରେ ଏଆଇର ପ୍ରବେଶ ରହିଲାଣି । ଏଭଳି ସ୍ଥିତିରେ ଭଲ ବେତନରେ ଚାକିରି ହାସଲ କରିବା ଲାଗି ନିଜ ଭିତରେ ଏଆଇ ସ୍କିଲ ରହିବା ନିହାତି ଜରୁରି ।

**ଟେକ୍ନୋଲୋଜି ସ୍କିଲ୍:** ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସହିତ ଟେକ୍ନାରଲୋଜିର ଜ୍ଞାନ କୌଶଳ ରହିବା ଜରୁରି । ଏହା ଭଲ ବେତନଯୁକ୍ତ ଚାକିରି ପ୍ରଦାନ କରିବାରେ ସାହାଯ୍ୟ କରେ ।

# ବିନା ଡିଗ୍ରୀରେ ସଫଳତା

**ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ଥିଲେ ସବୁ କିଛି କରିବା ସମ୍ଭବ । ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଆନ୍ଧ୍ର ପ୍ରଦେଶର ସୁଧୀର ଅନଭେସ ।**



ସୁଧୀର ବିନା କୌଣସି ଡିଗ୍ରୀ ତଥା ଡିପ୍ଲୋମାରେ ଏମିତି ଏକ ଗାଡ଼ି ବିକଶିତ କରିଛନ୍ତି, ଯାହାକି ଚାରିଆଡୁ ଚର୍ଚ୍ଚା ସାଉଁଟୁଛି । ସୁଧୀର ଆଡଜଷ୍ଟେବଲ ଗାଡ଼ି ଜିପ୍ ଷ୍ଟାଇଲ୍‌ରେ ତିଆରି କରିଛନ୍ତି । ଯାହାକି ବିନା କୌଣସି ବ୍ୟାଟେରି ତଥା ହାଇଡ୍ରୋଲିକ୍ ସିଷ୍ଟମରେ ପରିଚାଳିତ ହୋଇଥାଏ ।

ସୁଧୀରଙ୍କର ଇଞ୍ଜିନିୟରିଂରେ ରୁଚି ଥିବା ସତ୍ତ୍ୱେ ତାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ଏ କ୍ଷେତ୍ରରେ ଶିକ୍ଷା ଲାଭ କରିପାରିଲେ ନାହିଁ । ୨୦୧୪ରେ ସେ ଗୋଟିଏ କମ୍ପ୍ୟୁଟର କୋର୍ସ ପୂରା କଲେ । ପରେ ଚାକିରି ପାଇଁ ହାଇଦ୍ରାବାଦ ଆସିଲେ । ହାଇଦ୍ରାବାଦ୍ ଏବଂ ବେଙ୍ଗାଲୁରୁରେ କାମ କରିବା ବେଳେ ସୁଧୀରଙ୍କୁ ବହୁତ ଟ୍ରାଫିକ୍‌ର ସାମ୍ନା କରିବାକୁ ପଡ଼ିଥିଲା । ଏହା ହିଁ ତାଙ୍କୁ ଏଭଳି ଏକ ଗାଡ଼ି ତିଆରି କରିବା ଦିଗରେ ପ୍ରେରିତ କଲା । ସେ ଦେଖିଲେ ବାଇକ୍, କାର୍ ଟ୍ରାଫିକ୍‌ରେ ଫସି ରହୁଛି । ତେଣୁ କାର୍ ଓ ବାଇକ୍ ମଝିରେ ଯିବା ଭଳି ଗାଡ଼ି ତିଆରି ଉପରେ ବିଚାର କଲେ ଏବଂ ସେଥିରେ ସଫଳ ବି ହେଲେ ।

ତାଙ୍କ ଗାଡ଼ିର ନାଁ ମେଲଚି ଜେଡକ । ଏହା ବିଏମ୍‌ଡବ୍ଲୁ ଶୈଳୀ ସହିତ ମେଳ ଖାଉଛି । ସୁଧୀର ଏକ ଚାରି ସିଟ୍‌ର ଜିପ୍ ମଡେଲ ଚୟନ କରିଛନ୍ତି । ଯାହା ବାଇକ୍ ଭଳି ସଙ୍କୁଚିତ ହୋଇ କାମ କରିପାରେ । ଏହାଦ୍ୱାରା ଟ୍ରାଫିକ୍ ଜାମ୍‌ରେ ବି ସହଜରେ ଯାଇପାରିବ । ସେହିପରି ଗହଳି ସ୍ଥାନରେ ଏହାକୁ ଜଣେ ଚଳାଇଲେ ଏହାକୁ ବାଇକ୍ ଭଳି ଛୋଟ କରିକି ସହଜରେ ଆଗକୁ ବଢ଼ାଇପାରିବେ । ତାଙ୍କର ଲକ୍ଷ୍ୟ ହେଉଛି ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ୍ ଭଳି ବ୍ୟସ୍ତ ସହରରେ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ।


ଅନ୍ୟପଟେ ତାଙ୍କ ଗାଡ଼ିରରେ ଦୁଇଟି ଫୋଲଡେବଲ ସିଟ୍ ଅଛି । ଯାହାକୁ ଖୋଲିଲେ ଚାରିଟି ସିଟ୍ ହୋଇପାରିବ । ଗୋଟିଏ ଚାଳକଙ୍କ ଲାଗି ଏବଂ ଅନ୍ୟ ତିନିଟି ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ତେବେ ତାଙ୍କର ଆଡଜଷ୍ଟେବଲ ଗାଡ଼ି ଜିପ୍ ଡିଜାଇନ୍‌ରେ ହିଁ ନିର୍ମିତ । ଏହାର କ୍ଷମତା ୧.୫ ଟନ । ଗାଡ଼ିର ଓଜନ ୪୧୦ କିଲୋଗ୍ରାମ । ସୁଧୀର ଇଞ୍ଜିନ, ଟାୟାର, ବ୍ୟାଟେରି, ହାଇଡ୍ରୋଲିକ୍ ସିଷ୍ଟମ, ମେଟାଲ ବଡ଼ି, ପେଣ୍ଟ, ସିଟ୍, ଷ୍ଟିୟରିଂ ଏବଂ ବ୍ରେକିଂ ସିଷ୍ଟମ ଆଦି ପାଇଁ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ।

# ଏଆଇ ପରାମର୍ଶଦାତା



ଆଜିକାଲି ଅନେକ ଲୋକ ମଣିଷ ଅପେକ୍ଷା କୃତ୍ରିମ ବୁଦ୍ଧିମତାର ପରାମର୍ଶ ନେଉଛନ୍ତି । ତେଣୁ ଏହା ଲୋକଙ୍କ ପାଇଁ ପରାମର୍ଶଦାତା ଭାବେ ଏକପ୍ରକାର କାର୍ଯ୍ୟ କରୁଛି । ତେବେ ଏବେ ଏଆଇ ପରାମର୍ଶ ଲୋକେ କାହିଁକି ନେଉଛନ୍ତି, ତାହା ପଛରେ ବି କାରଣ ଅଛି । ଏଆଇ ଚାଟ୍‌ବଟ୍ ୨୪ ଘଣ୍ଟା ଉପଲବ୍ଧ । ଏଥିରେ ଲୋକଙ୍କୁ ଉତ୍ତର ପାଇଁ ଅପେକ୍ଷା କରିବାକୁ ପଡ଼ି ନ ଥାଏ । ଯେତେବେଳେ ପରାମର୍ଶ ଦରକାର ହୁଏ, ଏଆଇ ତୁରନ୍ତ ହାଜିର ହୋଇଥାଏ । ଏଆଇକୁ ଏକାଧିକ ଡାଟା ଦ୍ୱାରା ପ୍ରଶିକ୍ଷିତ କରାଯାଇ ଥାଏ । ତେଣୁ ଏହା ପାଖରେ ଅଧିକ ତଥ୍ୟ ଥାଏ । ପାଖରେ କୌଣସି ବ୍ୟକ୍ତି ନ ଥିଲେ, ଏହା କୌଣସି ବିଷୟ ଉପରେ ତଥ୍ୟ ପ୍ରଦାନ କରିଥାଏ । ମଣିଷ ବେଳେବେଳେ ନିଜ ଚିନ୍ତାଧାରା ଓ ଭାବନା ଯୋଗୁଁ ଭେଦଭାବ କରିପାରେ । ହେଲେ ଏଆଇ ଏଭଳି କରି ନ ଥାଏ । ଏଆଇ ହେଉଛି ଏକ ମେସିନ୍ । ତେଣୁ ଏଆଇ ବାରମ୍ବାର ଗୋଟିଏ ପ୍ରଶ୍ନର ଉତ୍ତର ଦେବାରେ ଥକ୍କି ନ ଥାଏ କିମ୍ବା ବିରକ୍ତି ହୋଇ ନ ଥାଏ । ଏ କ୍ଷେତ୍ରରେ ମଣିଷ କିନ୍ତୁ ଥକି ପଡ଼େ ନଚେତ ଭୁଲ୍ ବି କରିପାରେ ।

# କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**
3. Oldest 1st born
4. Oldest child
5. Day
7. Maiden name
8. Surname
10. Grandad
11. Years
12. Youngest child
13. Nanny
16. Type
17. Month

**Down**
1. Youngest 1st born
2. Oldest 2nd born
6. Youngest 2nd born
9. Youngest husband
14. Oldest wife
15. All you need is

# ହ୍ୱାଟ୍ସଆପ୍‌ର 'ଲେ ଆଉଟ୍ ଫିଚର୍'

ବିଭିନ୍ନ ସମୟରେ ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ନୂଆ ନୂଆ ଫିଚର୍ ଆଣିଥାଏ । ଏହି କ୍ରମରେ ଏବେ ଏଥିରେ ସାମିଲ ହେବାକୁ ଯାଉଛି 'ଲେ ଆଉଟ୍ ଫିଚର୍ ।' ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ହ୍ୱାଟ୍ସଆପ୍‌ରେ ସହଜରେ କୋଲାଜ ତିଆରି କରିପାରିବେ । ଗୋଟିଏ ଫଟୋକୁ ଚୟନ କରି ନିଜ ପସନ୍ଦର ଲେ ଆଉଟ୍ ଲଗାଇ ତାହାକୁ ସେୟାର୍ କରିପାରିବେ । ଏହା ମାଧ୍ୟମରେ ବ୍ୟବହାରକାରୀ ଇନଷ୍ଟାଗ୍ରାମ୍ ଷ୍ଟୋରି ଷ୍ଟାଇଲ୍‌ରେ ନିଜର ବିଶେଷ ଫଟୋକୁ ସିଧା ହ୍ୱାଟ୍ସଆପ୍‌ରେ ସେୟାର୍ କରିପାରିବେ । ତେବେ ଏହି ଫଟୋ ଷ୍ଟିକର ଅପଡେଟ୍ ସମ୍ପୂର୍ଣ୍ଣ ଇନଷ୍ଟାଗ୍ରାମ୍ ଫିଚର୍ ଭଳି ଲାଗିବ । ସେହିପରି ଏହି ଫିଚର ମାଧ୍ୟମରେ ଫଟୋକୁ ରିସାଇଜ୍, କ୍ରପ୍ ଏବଂ ତାହାର ଆକାର ବଦଳାଇ ହେବ । ଏହାସହ ଏଡିଟ୍ କରାଯାଇଥିବା ଫଟୋକୁ ହ୍ୱାଟ୍ସଆପ୍ ଷ୍ଟାଟସ୍ ଅପଡେଟ୍‌ରେ ସେୟାର୍ କରିପାରିବେ ।



### ୟୁଏଇରେ ଏସିଆ କପ୍ ଟି-୨୦ ସେପ୍ଟେମ୍ବର ୯ରୁ ୨୮

# ଖେଳାଳି ଚୟନ ନେଇ ଦ୍ୱନ୍ଦ୍ୱରେ ଭାରତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ରୋମାଞ୍ଚକ ଟେଷ୍ଟ ସିରିଜ୍ ଡ୍ର ରହିବା ପରେ ଭାରତର ପରବର୍ତ୍ତୀ କ୍ରିକେଟ କାର୍ଯ୍ୟକ୍ରମ ଏସିଆ କପ୍‌ରୁ ଆରମ୍ଭ ହେବ। ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଆୟୋଜନ କରୁଥିବାରୁ ଏଥର ଏସିଆ କପ୍‌କୁ ଟି-୨୦ ଫର୍ମାଟରେ ଆୟୋଜନ କରିବାକୁ ଏସୀୟ କ୍ରିକେଟ ପରିଷଦ ନିଷ୍ପତ୍ତି ନେଇଛି। ଏହା ଫଳରେ ପ୍ରତିଭାରେ ଭରପୁର ଭାରତୀୟ କ୍ରିକେଟ ଦଳ ଟି-୨୦ ଫର୍ମାଟରେ ଖେଳାଳି ଚୟନ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିନିଅର ଚୟନ କମିଟି ଦଳ ଚୟନ ନେଇ ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେଉଥିବାରୁ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ୍। ଏସିଆ କପ୍ ଲାଗି ଭାରତୀୟ ଦଳ କେବେ ଘୋଷଣା କରାଯିବ ତାହା ବିସିସିଆଇ ଏଯାଏ ପ୍ରକାଶ କରି ନାହିଁ। ସେପ୍ଟେମ୍ବର ୯ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଥିବାରୁ ଅତିକମ୍‌ରେ ୧୫ ଦିନ ଆଗରୁ ଭାରତୀୟ ଦଳ ଘୋଷଣା କରାଯିବ ବୋଲି ବିଶ୍ୱାସ କରାଯାଉଛି। ପୂର୍ବ ଟୁର୍ଣ୍ଣାମେଣ୍ଟ ଭଳି ଦଳରେ ୧୫ଜଣ ଖେଳାଳି ଓ ଆଉ କିଛି ରିଜର୍ଭ ଖେଳାଳିଙ୍କ ନାମ ଚୟନ କରାଯିବ। କିନ୍ତୁ ଚୟନ କମିଟି କିଛି ଚିନ୍ତା କରିବା ପୂର୍ବରୁ ଭାରତୀୟ ଗଣମାଧ୍ୟମ ବିଭିନ୍ନ ରିପୋର୍ଟ ପ୍ରକାଶ କରି ସମର୍ଥକଙ୍କୁ ସତେଜ କରି ରଖିଛି। ସେହିପରି ସମର୍ଥକମାନେ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ପସନ୍ଦର ଖେଳାଳିଙ୍କୁ ନେଇ ରିପୋର୍ଟମାନ ପ୍ରକାଶ କରୁଛନ୍ତି। ଏହା ମଧ୍ୟରେ କେଉଁ ଖେଳାଳି ଦଳରେ ସ୍ଥାନ ପାଇବେ କିମ୍ବା ନ ପାଇବେ ତାହାକୁ ନେଇ ସମର୍ଥକଙ୍କ ମନରେ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ୍। କିନ୍ତୁ ଚୟନକର୍ତ୍ତା ଯେ ଦୃଢ଼ତାର ସହ ଦଳ ଚୟନ କରିବେ ଏଥିରେ ସନ୍ଦେହର ଅବକାଶ ନାହିଁ।



୨୦୨୫-୨୬ ସିଜନରେ ଭାରତ ଏକାଧିକ ସୀମିତ ଓଭର ସିରିଜ୍ ଓ ଟୁର୍ଣ୍ଣାମେଣ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି ଲମ୍ବା ସିରିଜ୍‌ରେ ସମସ୍ତ ଖେଳାଳି ଫିଟ୍ ରହିବା ସମ୍ଭବ ନୁହେଁ। ଏଣୁ ଯେଉଁ କେତେକ ଖେଳାଳି ଆଶାୟୀ ଅଛନ୍ତି ସେମାନଙ୍କୁ ଫିଟ୍ ରହିବା ଲାଗି ବିସିସିଆଇ ସମସ୍ତ ପ୍ରକାର ଚେଷ୍ଟା ଚଳାଇଛି। ବର୍ତ୍ତମାନ ଅନ୍‌ଫିଟ୍ ଖେଳାଳିମାନଙ୍କୁ ଫିଟ କରାଇବା ଲାଗି ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପ୍ରଶିକ୍ଷଣ ନେଉଛନ୍ତି। ଯାହା ଫଳରେ ଭାରତ ଦିନିକିଆ ଓ ଟି-୨୦ ଲାଗି ଅଲଗା ଅଲଗା ଦଳ ଗଠନ କରିବ ବୋଲି ସ୍ପଷ୍ଟ ହୋଇଛି। ଦିନିକିଆ କ୍ରିକେଟ ଫର୍ମାଟରୁ ଅବସର ନେଇ ନ ଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ନେଇ ଅଧିକ ଅଡୁଆ ବଢୁଛି। ଏହା ଫଳରେ ଚୟନ କମିଟି କାହାକୁ ଖୁସି କରିବେ ବା କାହାକୁ ଦଳରେ ନେବେ ତାହା କଷ୍ଟକର ବ୍ୟାପାର। ଏବେ ଏସିଆ କପ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଦଳ ଚୟନ କରିବାକୁ ପଡ଼ିବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଦଳ ଗଠନ କରାଯିବ। କିନ୍ତୁ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରେ ସୂର୍ଯ୍ୟକୁମାର ଏଯାଏ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିନାହାନ୍ତି। ଏଣୁ ତାଙ୍କୁ ଏସିଆ କପ୍‌ରେ ସିଧାସଳଖ ସୁଯୋଗ ଦେବାକୁ ଅନେକ ବିରୋଧ କରୁଛନ୍ତି। କିନ୍ତୁ ସେ ଯଦି ଫିଟ୍ ରୁହନ୍ତି ତେବେ ତାଙ୍କୁ ଅଧିନାୟକ ପଦକରୁ କେହି ହଟାଇ ପାରିବେ ନାହିଁ। ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଗସ୍ତରେ ଶୁବମନ ଗିଲ୍ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଅକ୍ଷର ପଟେଲ ଉପଅଧିନାୟକ ରହିଥିଲେ। ଗିଲଙ୍କୁ ଯଦି ନେତୃତ୍ୱ ପ୍ରଦାନ କରାଯାଏ ତେବେ ଏଥିରେ ବିଶେଷ କିଛି ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ତାଙ୍କ ନେତୃତ୍ୱ ନେବାର ଦକ୍ଷତା ପ୍ରଦର୍ଶନ କରିସାରିଛନ୍ତି। ଓପନର ଭାବେ ବିଶ୍ୱର ନଂ-୧ ବ୍ୟାଟର ଅଭିଷେକ ଶର୍ମା ଓ ୱିକେଟରକ୍ଷକ ସଞ୍ଜୁ ସାମସନଙ୍କ ଯୋଡିକୁ ଅଲଗା କରିବାକୁ ଚୟନକର୍ତ୍ତା ଆଦୌ ଚାହିଁବେ ନାହିଁ। ଏପରି ସମୟରେ ଯଶସ୍ୱୀ ଜୟସ୍ୱାଲ, ୱିକେଟରକ୍ଷକ ବ୍ୟାଟର ଲୋକେଶ ରାହୁଲଙ୍କ କଥା ଚାପ ସୃଷ୍ଟି କରିଛି। ଏତେ ସଂଖ୍ୟକ ଖେଳାଳିଙ୍କୁ ଦଳରେ ସ୍ଥାନ ଦେବା ସମ୍ଭବ ନୁହେଁ। ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ ଅଲରାଉଣ୍ଡର ଭୂମିକାରେ ରହିପାରନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେଉଥିବାରୁ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଦଳରେ ନିଆଯାଇପାରେ। ଅର୍ଶଦୀପ ସିଂ ଦ୍ୱିତୀୟ ପସନ୍ଦର ହେବେ। ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ତୃତୀୟ ପେସ ବୋଲର ରହିବେ। ଦୁବାଇ ଓ ଶାରଜାରେ ପିଚ୍ ସ୍ପିନରଙ୍କୁ ସହାୟତା କରୁଥିବାରୁ ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ୩ଜଣ ସ୍ଥାନ ପାଇବା ନିଶ୍ଚିତ। ଅନ୍ୟ ଏକ ସୂଚନା ଅନୁଯାୟୀ ଅଗଷ୍ଟ ୧୯ କିମ୍ବା ୨୦ରେ ଏସିଆ କପ୍ ଲାଗି ଭାରତୀୟ ଦଳ ଚୟନ କରାଯିବ। ଏହା ପୂର୍ବରୁ ଭାରତର ଚୟନ କମିଟି ସବୁ ଦିଗକୁ ବିଚାରକୁ ନେଇ ଦଳ ଚୟନ କରିବେ ବୋଲି ଆଶା କରାଯାଉଛି।

### ୮ ବର୍ଷର ଡେଟିଂ ପରେ ରୋନାଲ୍ଡୋଙ୍କ ନିର୍ବନ୍ଧ

ଲିସବନ୍, ୧୨।୮ (ଏଜେନ୍ସି): ବିଶ୍ୱର ମହାନ ଫୁଟ୍‌ବଲ ଖେଳାଳି ତଥା ପର୍ତ୍ତୁଗାଲ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ୮ ବର୍ଷର ଲମ୍ବା ଡେଟିଂ ପରେ ୪୦ ବର୍ଷୀୟ ରୋନାଲ୍ଡୋ ବାନ୍ଧବୀ ଜର୍ଜିନା ରୋଡ୍ରିଗ୍ୱେଜଙ୍କୁ ନିର୍ବନ୍ଧ ମୁଦି ପିନ୍ଧାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଜର୍ଜିନା ନିର୍ବନ୍ଧ ମୁଦି ପିନ୍ଧିଥିବାର ଏକ ଫଟୋ ପୋଷ୍ଟ କରି ଏହି ଖୁସି ଖବରକୁ ରୋନାଲ୍ଡୋଙ୍କ ଅଗଣିତ ପ୍ରଶଂସକଙ୍କୁ ଜଣାଇଛନ୍ତି।



୯ ବର୍ଷ ତଳେ ଲା ଲିଗା ଟୁର୍ଣ୍ଣାମେଣ୍ଟ ଖେଳୁଥିବାବେଳେ ରୋନାଲ୍ଡୋ ଓ ୩୧ ବର୍ଷୀୟା ଜର୍ଜିନାଙ୍କ ମଧ୍ୟରେ ପ୍ରଥମେ ସାକ୍ଷାତ୍ ହୋଇଥିଲା। ଏହାପରଠାରୁ ଉଭୟଙ୍କ ମଧ୍ୟରେ ଡେଟିଂ ଚାଲିଥିଲା ଓ ଏକାଠି ରହୁଥିଲେ। ରୋନାଲ୍ଡୋଙ୍କର ୫ଟି ସନ୍ତାନ ରହିଛନ୍ତି। ଜର୍ଜିନାଙ୍କ ଔରସରୁ ୨ଟି ଓ ସରୋଗେସି ମାଧ୍ୟମରେ ଆଉ ୨ଟି ସନ୍ତାନର ଜନକ ହୋଇଥିଲେ ରୋନାଲ୍ଡୋ। ଏହାବାଦ୍ ପୂର୍ବତନ ବାନ୍ଧବୀଙ୍କ ଔରସରୁ ଏକ ୧୫ ବର୍ଷୀୟ ପୁତ୍ର ସନ୍ତାନ ମଧ୍ୟ ରହିଛି। ସେ ବର୍ତ୍ତମାନ ପର୍ତ୍ତୁଗାଲ ୧୫ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି।

● ଗ୍ରାଣ୍ଡ ଚେସ୍ ଟୁର

### ତୃତୀୟ ରାଉଣ୍ଡରେ ଗୁକେଶ ତୃତୀୟ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ବିଶ୍ୱ ଚାମ୍ପିଅନ ଡି ଗୁକେଶ ମିସୋରୀରେ ଚାଲିଥିବା ସେଣ୍ଟ ଲୁଇସ୍ ରାପିଡ ଓ ବ୍ଲିଜ୍ ଚେସ୍ ଚାମ୍ପିଅନସିପ୍‌ର ରାପିଡ କାଟାଗୋରୀରେ ତୃତୀୟ ରାଉଣ୍ଡ ଶେଷସୁଦ୍ଧା ତୃତୀୟ ସ୍ଥାନରେ ରହିଛନ୍ତି। ସେ ପ୍ରଥମ ରାଉଣ୍ଡରେ ଜିଏମ୍ ଲେଭୋନ ଆରୋନିଆନଙ୍କଠାରୁ ପରାଜିତ ହେବା ପରେ ପରବର୍ତ୍ତୀ ୨ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଜିଏମ୍ ଗ୍ରିଗୋରୀ ଓପାରିଆନ୍ ଓ ତୃତୀୟ ରାଉଣ୍ଡରେ ଜିଏମ୍ ଲିଏମ ଲେ'ଙ୍କୁ ହରାଇ ପୂରା ୪ ପଏଣ୍ଟ ସଂଗ୍ରହ କରିଛନ୍ତି। ତୃତୀୟ ରାଉଣ୍ଡ ଶେଷରେ ଜିଏମ୍ ଆରୋନିଆନ୍ ୬ ପଏଣ୍ଟ ପାଇ ପ୍ରଥମ ଓ ଜିଏମ୍ ଫାବିଆନୋ କାରୁଆନା ୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।



ଗ୍ରାଣ୍ଡ ଚେସ୍ ଟୁର୍‌ର ଏହା ଚତୁର୍ଥ ରାଉଣ୍ଡ। ଏଠାରେ ରାପିଡ ଓ ବ୍ଲିଜ୍ କାଟାଗୋରୀରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍‌ରେ ସମସ୍ତ ଟୁର୍ ମ୍ୟାଚ୍ ଖେଳିବେ। ଟୁର୍ଣ୍ଣାମେଣ୍ଟ ଶେଷରେ ଖେଳାଳିମାନେ ହାସଲ କରିଥିବା ପଏଣ୍ଟ ଭିତ୍ତିରେ ପୋଜିସନ ସ୍ଥିର ହେବ। ରାପିଡ୍ ପର୍ଯ୍ୟାୟରେ ଗୋଟିଏ ବିଜୟ ଲାଗି ୨, ମ୍ୟାଚ୍ ଡ୍ର ଲାଗି ଗୋଟିଏ ପଏଣ୍ଟ ମିଳିଥାଏ। ବ୍ଲିଜ୍‌ରେ ବିଜୟ ଲାଗି ଏକ ପଏଣ୍ଟ ଓ ଡ୍ର ଲାଗି ୦.୫ ପଏଣ୍ଟ ଦିଆଯାଏ। ହାରିଥିବା ଖେଳାଳିଙ୍କୁ କୌଣସି ପଏଣ୍ଟ ମିଳେ ନାହିଁ।

### ସେପ୍ଟେମ୍ବର ପର୍ଯ୍ୟନ୍ତ ସଭାପତି ରହିବେ ବିନ୍ନୀ

ମୁମ୍ବଇ, ୧୨।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବରରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହେବ। ଏହି ସମୟ ପର୍ଯ୍ୟନ୍ତ ରୋଜର ବିନ୍ନୀ ବିସିସିଆଇର ସଭାପତି ପଦ ବଜାୟ ରଖିବେ। ଗତ ମାସରେ ବିନ୍ନୀ ୭୧ ବର୍ଷରେ ପାଦ ଥାପିଥିଲେ। କିନ୍ତୁ ମଙ୍ଗଳବାର ସଂସଦରେ ବହୁପ୍ରତୀକ୍ଷିତ ନ୍ୟାସନାଲ ସ୍ପୋର୍ଟ୍ସ ବିଲ୍ ପାରିତ ହେବା ପରେ ବିନ୍ନୀ ସଭାପତି ପଦ ବଜାୟ ରଖିବା ସ୍ପଷ୍ଟ ହୋଇଛି। ନୂଆ କ୍ରୀଡ଼ା ବିଲ୍‌ରେ ଦେଶର ଜାତୀୟ କ୍ରୀଡ଼ା ମହାସଂଘର କର୍ମକର୍ତ୍ତାଙ୍କ ଲାଗି ସର୍ବାଧିକ ବୟସ ସୀମା କଟ୍-ଅଫ୍ ୭୫ ବର୍ଷ ରହିଛି। ତେଣୁ ଯଦି ବିସିସିଆଇର ବିଭିନ୍ନ ରାଜ୍ୟ ସଂଘର ସଦସ୍ୟମାନେ ରାଜି ହୁଅନ୍ତି ତେବେ ବିନ୍ନୀ ୭୫ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ବିସିସିଆଇର ସଭାପତି ପଦରେ ରହିପାରିବେ। ବିସିସିଆଇର ଜନୈକ ଅଧିକାରୀ ଏକ ଖବର ସରବରାହ ସଂସ୍ଥାକୁ ଏହି ସୂଚନା ଦେଇଛନ୍ତି।



### ସିନ୍‌ସିନ୍ନାଟି ଓପନ ଟେନିସ

## ପରାଜୟରୁ ବର୍ତ୍ତିଲେ ସାବାଲେଙ୍କା



ସିନ୍ସିନ୍ନାଟି,୧୨।୮ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା ସଂଘର୍ଷ କରି ଏଠାରେ ଚାଲିଥିବା ସିନ୍ସିନ୍ନାଟି ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପରାଜୟରୁ ବର୍ତ୍ତିଯାଇଛନ୍ତି। ତୃତୀୟ ରାଉଣ୍ଡ ମୁକାବିଲାରେ ବ୍ରିଟେନର ଏମ୍ମା ରାଡୁକାନୁ ଜୋରଦାର ଲଢ଼େଇ କରିଥିଲେ। କିନ୍ତୁ ଶେଷ ସମୟରେ ସାବାଲେଙ୍କା ଦୁଇଟି ଏସ୍ ମାରି ମ୍ୟାଚ୍‌କୁ ଜିତିନେଇଥିଲେ। ସାବାଲେଙ୍କା ଏହି ମୁକାବିଲାକୁ ୭-୬, ୪-୬, ୭-୬ରେ ଜିତିଥିଲେ। 'ଏଭଳି ଏକ କଷ୍ଟସାଧ୍ୟ ମୁକାବିଲାରେ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିବା ମୋ ଲାଗି ଏକ ଖୁସି'ର ବିଷୟ ବୋଲି ମ୍ୟାଚ୍ ଜିତିବା ପରେ କହିଛନ୍ତି ସାବାଲେଙ୍କା। ରାଡୁକାନୁଙ୍କଠାରୁ ମୋତେ ଅନେକ କିଛି ଶିଖିବାକୁ ମିଳିଛି। ବୁଧବାର ଖେଳାଯିବାକୁ ଥିବା ମୁକାବିଲାରେ ସାବାଲେଙ୍କାଙ୍କ ସହ ଚତୁର୍ଥ ରାଉଣ୍ଡରେ ସ୍ପେନ୍‌ର ଜେସିକା ବୌଜାସ ମାନେଇରୋଙ୍କ ସହ ମୁକାବିଲା ହେବ। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆନ ଓପନ ଚାମ୍ପିଅନ ମାଡିସନ କିଜ୍ ମାତ୍ର ୪ଟି ଗେମ୍ ହାତଛଡ଼ା କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।


### ଦୁଇ ବକ୍ସରଙ୍କ ମୃତ୍ୟୁ ପରେ ଚିନ୍ତା


## ଲଢ଼େଇ ଲାଗି ହେବ କଡ଼ା ନିୟମ

ଟୋକିଓ, ୧୨।୮ (ଏଜେନ୍ସି): ଘରୋଇ ଟୁର୍ଣ୍ଣାମେଣ୍ଟରେ ଲଢ଼େଇ କରି ଆହତ ହେବା ଓ ଚିକିତ୍ସା ଲାଗି ମସ୍ତିଷ୍କ ଅସ୍ତ୍ରୋପଚାର ପରେ ଦୁଇ ଜଣ ବକ୍ସରଙ୍କ ମୃତ୍ୟୁ ପରେ ଜାପାନୀ ବକ୍ସିଂ କର୍ମକର୍ତ୍ତାଙ୍କ ଚିନ୍ତା ବଢ଼ିଯାଇଛି। ଏହା ଫଳରେ ଜାପାନ ବକ୍ସିଂ ଆସୋସିଏସନ, ଜାପାନ ବକ୍ସିଂ କମିଶନ ଓ ଜିମ୍ ମାଲିକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବେ ଲଢ଼େଇ ପୂର୍ବରୁ ବକ୍ସରଙ୍କ ଲାଗି କଡ଼ା ନିୟମ ଲାଗୁ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବିତ ନିୟମ ମଧ୍ୟରେ ରହିଛି ଲଢ଼େଇ ପୂର୍ବରୁ ୟୁରିନ୍ ଟେଷ୍ଟ, ଓଜନ କମାଇଥିବା ପ୍ରତିଯୋଗୀଙ୍କୁ ସୁଯୋଗ ନ ଦେବା, ମେଡିକାଲ ଟେଷ୍ଟକୁ ବାଧ୍ୟତାମୂଳକ କରିବାକୁ ଏହି ବୈଠକରେ ସ୍ଥିର ହୋଇଛି। ଓଜନ କମାଇବା ଫଳରେ ଏହି ଅସୁବିଧା ଆରମ୍ଭ ହୋଇଛି। ଏଣୁ ଡିହାଇଡ୍ରେସନକୁ କିପରି ଏଡାଇଦିଆଯାଇ ପାରିବ ତାହା ଉପରେ ବୈଠକରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ନିକଟରେ ଘରୋଇ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଭାଗନେବା ପୂର୍ବରୁ ପ୍ରତିଯୋଗୀଙ୍କର ମେଡିକାଲ ଟେଷ୍ଟ କରିବା ବାଧ୍ୟତାମୂଳକ କରାଯାଇଛି। ଡିହାଇଡ୍ରେସନ ହୋଇଥିଲେ ସମ୍ପୃକ୍ତ ପ୍ରତିଯୋଗୀଙ୍କୁ ଲଢ଼େଇରୁ ବାସନ୍ଦ କରାଯିବ ବୋଲି ଏହି ବୈଠକରେ ସ୍ଥିର ହୋଇଛି। ସୂଚନାଯୋଗ୍ୟ ନିକଟରେ ଭିନ୍ନ ଭିନ୍ନ ଲଢ଼େଇରେ ଜାପାନର ଦୁଇ ଜଣ ବକ୍ସରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ସେମାନଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇଥିଲା। ଏହା ପରେ ଉଭୟ ମୃତ୍ୟୁବରଣ କରିଥିଲେ।

## ସୋଫିଆ, ଶୁବମନ୍ ଜୁଲାଇର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୨।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଯୁବ ଅଧିନାୟକ ଶୁବମନ ଗିଲ୍ ଓ ଇଂଲଣ୍ଡର ସୋଫିଆ ଡଙ୍କଲୀ ଜୁଲାଇ ମାସ ଲାଗି ଯଥାକ୍ରମେ ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ପୁରସ୍କାର ଜିତିଛନ୍ତି। ନିକଟରେ ୨୫ ବର୍ଷୀୟ ଗିଲ୍ ପ୍ରଥମଥର ଲାଗି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେଇ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିଥିଲେ। ଇଂଲଣ୍ଡ ମାଟିରେ ଖେଳାଯାଇଥିବା ଏହି ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ମଧ୍ୟ ସେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ୭୫.୪୦ ହାରରେ ୭୫୪ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୪ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ସାମିଲ ରହିଛି। ଗିଲ୍ ତାଙ୍କ କ୍ୟାରିୟରରେ ୪ର୍ଥ ଥର ଲାଗି 'ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ' ପୁରସ୍କାର ଜିତି ମଧ୍ୟ ରେକର୍ଡ କରିଛନ୍ତି। ବିଶ୍ୱରେ ପ୍ରଥମ ପୁରୁଷ କ୍ରିକେଟର୍ ଭାବେ ସେ ସର୍ବାଧିକ ୪ର୍ଥ ଆଇସିସିର ଏହି ପୁରସ୍କାର ଜିତିଛନ୍ତି।





ମହିଳାରେ କିନ୍ତୁ ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଓ ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲୀ ମାଥ୍ୟୁସ କିନ୍ତୁ ୪ଥର ଲେଖାଏ ଆଇସିସିର ଏହି ପୁରସ୍କାର ପାଇଛନ୍ତି। ଅପରପକ୍ଷରେ ୨୭ ବର୍ଷୀୟା ଡଙ୍କଲୀ ଭାରତ ବିପକ୍ଷ ଟି-୨୦ ସିରିଜରେ ୩୬ ହାରରେ ୧୪୪ ରନ ଓ ଦିନିକିଆରେ ୬୩ ହାରରେ ୨ଟି ମ୍ୟାଚରୁ ୧୨୬ ରନ କରିଥିଲେ। ଯେଉଁଥି ପାଇଁ ସେ ଜୁଲାଇର ଶ୍ରେଷ୍ଠ ମହିଳା କ୍ରିକେଟର୍ ବିବେଚିତ ହୋଇଛନ୍ତି।

### ଦ୍ୱିତୀୟ ଟି-୨୦ରେ ଦକ୍ଷିଣ ଆଫ୍ରିକା ବିଜୟୀ

## ୪୧ ବଲ୍‌ରେ ବ୍ରେଭିସ୍‌ଙ୍କ ଶତକ

ଡାରୱିନ୍,୧୨।୮ (ଏଜେନ୍ସି): ଯୁବ ବ୍ୟାଟର ଡିୱାଲ୍ଡ ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ ସହ କ୍ୱେନା ମାପାକା ଓ କର୍ବିନ ବୋଶଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୫୩ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟି-୨୦କୁ ଅଷ୍ଟ୍ରେଲିଆ ୧୭ ରନ୍‌ରେ ଜିତିଥିଲାବେଳେ ଅଗଷ୍ଟ ୧୬ରେ ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ମାତ୍ର ୪୧ ବଲ୍‌ରେ ଶତକ ଓ ୫୬ ବଲ୍‌ରେ ୧୨ ଚୌକା ଓ ୮ ଛକା ସହ ଅପରାଜିତ ୧୨୫ ରନ୍ କରିଥିବା ଦକ୍ଷିଣ ଆଫ୍ରିକାର ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଡିୱାଲ୍ଡ ବ୍ରେଭିସ୍
ରନ୍- ୧୨୫
ବଲ୍- ୫୬
ଚୌକା- ୧୨
ଛକା- ୮

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୨୧୮ ରନ୍‌ଜ କରିଥିଲା। ଦଳ ପକ୍ଷରୁ ବ୍ରେଭିସ୍‌ଙ୍କ ଶତକ ବ୍ୟତୀତ ଟ୍ରିଷ୍ଟାନ ଷ୍ଟବ୍ସ ଦ୍ୱିତୀୟ ସର୍ବାଧିକ ୩୧ ରନ୍ କରିଥିଲେ। ଘରୋଇ ଦଳର ଗ୍ଲେନ୍ ମ୍ୟାକ୍ସୱେଲ ଓ ବେନ୍ ଡ୍ୱାରଶୁଇସ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୪ ଓଭରରେ ୧୬୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟିମ୍ ଡେଭିଡ୍ ସର୍ବାଧିକ ୫୦, ଆଲେକ୍ସ କ୍ୟାରୀ ୨୬ ଓ ଅଧିନାୟକ ମିଚେଲ ମାର୍ଶ ୨୨ ରନ୍ କରିଥିଲେ। ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ୧୯ ବର୍ଷୀୟ ଫାଷ୍ଟ ବୋଲର କ୍ୱେନା ମାପାକା ଓ ଅଲରାଉଣ୍ଡର କର୍ବିନ ବୋଶ ୩ଟି ଲେଖାଏଁ ୱିକେଟ ନେଇ ଦଳକୁ ସହଜ ବିଜୟ ଭେଟିଦେଇଥିଲେ।

## ଘରୋଇ ସିଜନ ପୂର୍ବରୁ ଖେଳାଳିଙ୍କ ଫିଟ୍‌ନେସ୍ ଟେଷ୍ଟ

ବେଙ୍ଗାଲୁରୁ,୧୨।୮ (ଏଜେନ୍ସି): ଘରୋଇ କ୍ରିକେଟ ପୂର୍ବରୁ ଭାରତୀୟ ଖେଳାଳିଙ୍କୁ ଫିଟ୍ ରଖିବା ଲାଗି ବିସିସିଆଇ ପକ୍ଷରୁ ସମସ୍ତ ପ୍ରକାର ଚେଷ୍ଟା ଅବ୍ୟାହତ ରହିଛି। ଯେଉଁ ଖେଳାଳିମାନେ ଆହତ ହୋଇଛନ୍ତି କିମ୍ବା ଆହତ ପରେ ଫିଟ୍‌ନେସ ଲାଗି ସଂଘର୍ଷ କରୁଛନ୍ତି ସେମାନଙ୍କୁ ବେଙ୍ଗାଲୁରୁର ସେଣ୍ଟର ଫର ଏକ୍ସିଲେନ୍ସିରେ ଫିଟନେସ୍ ପରୀକ୍ଷା ଦେବାକୁ ଡକାଯାଇଛି। ସେଠାରେ ନିୟମିତ ଫିଟ୍‌ନେସ୍ ଟେଷ୍ଟ କରାଯାଇ ପରବର୍ତ୍ତୀ ମୁକାବିଲା ଲାଗି ଫିଟ୍ ରଖାଯାଉଥିବା ଜଣାଯାଉଛି। ନିକଟରେ ଭାରତର ୱିକେଟରକ୍ଷକ ବ୍ୟାଟର ଇଶାନ କିସାନ ଓ ଅଲରାଉଣ୍ଡର ରିୟାନ ପରାଗଙ୍କୁ ଫିଟନେସ ପରୀକ୍ଷା ଲାଗି ଏଠାରେ ଥିବା ସେଣ୍ଟର ଫର ଏକ୍ସିଲେନ୍ସିକୁ ଡକାଯାଇଛି। ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଥିବା ଦୁଲୀପ ଟ୍ରଫିରେ କିସାନ ପୂର୍ବାଞ୍ଚଳର ନେତୃତ୍ୱ ନେବେ। ଏହି ଦଳରେ ଅନ୍ୟତମ ସଦସ୍ୟ ଭାବେ ପରାଗ ଖେଳିବେ।

ନିକଟରେ ସ୍କୁଟିରୁ ପଡ଼ିଯାଇ ଆହତ ହୋଇଥିବା କିସାନ ଭାରତ ଲାଗି ୨ ଟେଷ୍ଟ, ୨୭ ଦିନିକିଆ ଓ ୩୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଆହତ ହେବା ଫଳରେ ସେ ଇଂଲଣ୍ଡକୁ ରିଜର୍ଭ ୱିକେଟରକ୍ଷକ ଭାବେ ଯାଇପାରିଲେ ନାହିଁ। ଟେଷ୍ଟ ଦଳର ୱିକେଟରକ୍ଷକ ଋଷଭ ପନ୍ତ ଆହତ ହୋଇ ୫ମ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ଫଳରେ ତାଙ୍କ ସ୍ଥାନରେ ତାମିଲନାଡୁର ଏନ୍ ଜଗଦୀଶନଙ୍କୁ ସାମିଲ କରାଯାଇଥିଲା। ସ୍କୁଟିରୁ ପଡ଼ି ଆହତ ହେବା ପରେ କିସାନଙ୍କର ଫିଟ୍‌ନେସ ପରୀକ୍ଷା କରାଯାଇ ନଥିଲା। ଆଇପିଏଲ୍ ଖେଳିଲାବେଳେ ମଧ୍ୟ ପରାଗ ପୂରା ଫିଟ୍ ଥିଲାପରି ଖେଳି ନ ଥିଲେ। ଏଣୁ ସେମାନେ କେତେ ଫିଟ୍ ଅଛନ୍ତି, ତାହା ଜାଣିବା ସକାଶେ ଏହି ପରୀକ୍ଷା କରାଯାଉଛି। ଏହା ପୂର୍ବରୁ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଟି-୨୦ ଓପନର ଅଭିଷେକ ଶର୍ମା ଏବେ ସେଣ୍ଟର ଅଫ ଏକ୍ସିଲେନ୍ସିରେ ଅଛନ୍ତି। ପୂର୍ବରୁ ଶେଅୟସ ଆୟର ମଧ୍ୟ ଫିଟ୍‌ନେସ ପରୀକ୍ଷା ଦେବାକୁ ଆସିଥିଲେ। ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରେ ଫିଟ୍ ହେବାକୁ ଏଠାରେ ଦୀର୍ଘ ସମୟ ରହିଛନ୍ତି। ଏବେ ସେ ବ୍ୟାଟିଂ ଅଭ୍ୟାସ ଆରମ୍ଭ କରିଛନ୍ତି।

ଇଂଲଣ୍ଡରେ ୫ ମ୍ୟାଚ୍ ଟେଷ୍ଟ ସିରିଜ୍ ଶେଷ ପରେ ଭାରତର ଅନ୍ତର୍ଜାତୀୟ କ୍ରିକେଟ ଏସିଆ କପ୍‌ରୁ ଆରମ୍ଭ ହେବ। ଏଥର ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ୨୦୨୫-୨୬ରେ ଭାରତର ଅନେକ ସୀମିତ ଓଭର କ୍ରିକେଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏସିଆ କପ ପରେ ଅକ୍ଟୋବରରେ ୩ ଦିନିକିଆ ଓ ୫ ଟି-୨୦ ମ୍ୟାଚ୍ ଖେଳିବାକୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯିବ। ଏହା ପରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ମଧ୍ୟ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳିବ। ଏହି ସିରିଜ୍ ଡିସେମ୍ବରରେ ଖେଳାଯିବ। ଏହା ପରେ ୨୦୨୬ ଜାନୁଆରୀରେ ନ୍ୟୁଜିଲାଣ୍ଡ ଦଳ ଭାରତ ଗସ୍ତରେ ଆସିବ ଓ ସମାନ ୩ଟି ଲେଖାଏଁ ଦିନିକିଆ ଓ ୫ଟି ଲେଖାଏଁ ଟି-୨୦ ମ୍ୟାଚ୍ ଖେଳିବ। ଏହା ପରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଫେବୃଆରୀ ମାର୍ଚ୍ଚରେ ଅନୁଷ୍ଠିତ ହେବ। ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଫିଟ୍ ହେଉଥିବା ସମସ୍ତ ଖେଳାଳି ଭାରତୀୟ ସୀମିତ ଓଭର ଟିମ୍‌ରେ ଖେଳିବାର ସମ୍ଭାବନା ରହିଛି। ଏଣୁ ସେମାନଙ୍କୁ ବିସିସିଆଇ ଫିଟ୍ ରଖିବାକୁ ଉଦ୍ୟମ ଅବ୍ୟାହତ ରଖିଛି।

**୨୦୨୫-୨୬ରେ ଭାରତର ସୀମିତ ଓଭର ଖେଳସୂଚୀ**

| ପ୍ରତିଦ୍ୱନ୍ଦ୍ୱୀ | ଦିନିକିଆ | ଟି-୨୦ | ଟୁର୍ଣ୍ଣାମେଣ୍ଟ | ଭେନ୍ୟୁ | ମାସ |
|---|---|---|---|---|---|
| ଏକାଧିକ | — | ୩** | ଏସିଆ କପ୍ | ୟୁଏଇ | ସେପ୍ଟେମ୍ବର |
| ଅଷ୍ଟ୍ରେଲିଆ | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଅଷ୍ଟ୍ରେଲିଆ | ଅକ୍ଟୋବର-ନଭେମ୍ବର |
| ଦ. ଆଫ୍ରିକା | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଭାରତ | ଡିସେମ୍ବର |
| ନ୍ୟୁଜିଲାଣ୍ଡ | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଭାରତ | ଜାନୁଆରୀ-୨୬ |
| ଏକାଧିକ | — | ୪*** | ଟି-୨୦ ବିଶ୍ୱକପ୍ | ଭାରତ-ଶ୍ରୀଲଙ୍କା | ଫେବୃଆରୀ-ମାର୍ଚ୍ଚ |

ବିଦ୍ର: ** : ଏସିଆ କପ୍‌ରେ ପ୍ରଥମେ ୩ଟି ଲିଗ୍ ମ୍ୟାଚ୍ ଖେଳିବ। ପରବର୍ତ୍ତୀ ରାଉଣ୍ଡକୁ ଉନ୍ନିତ ହେଲେ ଆଉ ୧ଟି କିମ୍ବା ୨ଟି ମ୍ୟାଚ୍ ଖେଳିପାରିବ।
ବିଦ୍ର: ***: ଏସିଆ କପ୍‌ର ୩ଟି ଲିଗ୍ ମ୍ୟାଚ୍ ଖେଳାଯିବ। ଭାରତ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେଲେ ସୁପର-୮ ରେ ଆଉ ୩ଟି ଓ ଫାଇନାଲକୁ ଗଲେ ଆଉ ୨ଟି ମ୍ୟାଚ୍ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS